୬ ଯୁ-୧୯ ବିଶ୍ୱକପ୍ ଜିତିଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୮ ● ୩ ଫେବୃଆରୀ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-8 ● 3rd February 2025, Monday ● Bhubaneswar
Licensed to post without pre-payment of postage No- BN-60/25-27

## କେନ୍ଦ୍ର ଟିକସରୁ ଓଡ଼ିଶାକୁ ମିଳିବ ୬୪୪୦୮କୋଟି ଟଙ୍କା

ଭୁବନେଶ୍ୱର, ୨।୨
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ଟିକସ ବାବଦରେ ଓଡ଼ିଶା ୨୦୨୫-୨୬ ଆର୍ଥିକ ବର୍ଷରେ ୬୪ ହଜାର ୪୦୮କୋଟି ଟଙ୍କା ପାଇବ ଯାହାକି ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୯୧୭୬କୋଟି ଟଙ୍କା ଅଧିକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

୨୦୨୫-୨୬ କେନ୍ଦ୍ର ବଜେଟକୁ ଏକ ଐତିହାସିକ ବଜେଟ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସମାଜର ସବୁ ବର୍ଗଙ୍କ ପାଇଁ ଏଥିରେ କିଛିନା କିଛି ଭଲ ଖବର ରହିଛି ବୋଲି କହିଛନ୍ତି । ଏହା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବଜେଟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି।

ଶ୍ରୀ ମାଝୀ ତାଙ୍କ ବଜେଟ ପ୍ରତିକ୍ରିୟାରେ କହିଛନ୍ତି ଯେ, ନୂତନ ରୋଜଗାର ସୃଷ୍ଟି



କରିବା ପାଇଁ ଚଳିତ ବଜେଟରେ ୧୫.୫୦ଲକ୍ଷ କୋଟି ଟଙ୍କାର କ୍ୟାପିଟାଲ ଇନଭେଷ୍ଟମେଣ୍ଟର ପ୍ରାବଧାନ କରାଯାଇଛି। ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୪୮୩୨କୋଟି ଟଙ୍କାର ପ୍ରାବଧାନ ହୋଇଛି, ଯାହାକି ଚଳିତ ଆର୍ଥିକ ବର୍ଷରେ ୩୨୪୨୬ କୋଟି ଟଙ୍କା ଥିଲା । ଏହି ବର୍ଦ୍ଧିତ ପ୍ରାବଧାନର ଲାଭ ଓଡ଼ିଶା ମଧ୍ୟ ପାଇବ । ଆସନ୍ତା ଆର୍ଥିକ ବର୍ଷ ଆମେ ରେକର୍ଡ ସଂଖ୍ୟକ ଗୃହ ରାଜ୍ୟର ଗରିବ ଲୋକଙ୍କୁ ଯୋଗାଇ ଦେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଜଳଜୀବନ ମିଶନ ଯୋଜନାରେ ୬୭ହଜାର କୋଟି ଟଙ୍କାର ରେକର୍ଡ ପ୍ରାବଧାନ ହୋଇଛି, ଯାହା ୨୨୬୯୪କୋଟି ଟଙ୍କା ଥିଲା । ଏହାଫଳରେ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଆମ ରାଜ୍ୟର ସବୁ ଗାଁକୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ନିଶ୍ଚିତ ହାସଲ ହୋଇପାରିବ।

କେନ୍ଦ୍ର ଟିକସରୁ ରାଜ୍ୟ ଅଂଶବାବଦରେ ୨୦୨୪-୨୫ ମସିହାରେ ୫୫୨୩୨କୋଟି ଟଙ୍କା ମିଳିବ ବୋଲି ଆକଳନ ହୋଇଛି । କିନ୍ତୁ ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ଏହି ଅଂଶବାବଦରେ ଓଡ଼ିଶାକୁ ୬୪୪୦୮କୋଟି ଟଙ୍କା ମିଳିବ । ଏହି ବର୍ଦ୍ଧିତ ପାଣ୍ଠିକୁ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟରେ ବ୍ୟବହାର କରିପାରିବେ । ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଓଡ଼ିଶା ରହିଛି ଓ ଏହା ରାଜ୍ୟ ପାଇଁ ବିକାଶର ନୂତନ ଶିଖର ଛୁଇଁବ।

ଏହି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ମୋଟାମୋଟି ଭାବେ ଲୋକାଭିମୁଖୀ, କଲ୍ୟାଣକାରୀ , ରୋଜଗାର ସୃଷ୍ଟିକାରୀ ଓ ବିକାଶମୁଖୀ ବଜେଟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ଫେବୃଆରୀ ୮ ତାରିଖରେ ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର, ୨।୨
ନ୍ୟୁଜ୍ ବ୍ୟୁରୋ

ଚଳିତ ଫେବୃଆରୀ ୮ ତାରିଖରେ ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା। ଏଥିପାଇଁ ଯାଜପୁରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଯେଉଁଥିରେ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି ଆହୁରି ଅଢେଇ ଲକ୍ଷ ଏନପିସିଆଇ ଏବଂ ଇ-କେୱାଇସି କରିବାକୁ ବାକି ଅଛନ୍ତି । ୮ ତାରିଖ ପୂର୍ବରୁ ଏହା କରିବାକୁ ଶ୍ରୀମତୀ ପରିଡା ଅପିଲ କରିଛନ୍ତି। ବ୍ୟାଙ୍କକୁ ଯାଇ ବାୟୋମେଟ୍ରିକ ସହ




ଏନ୍‌ସିପିଆଇ କରିବାକୁ ସେ ଅପିଲ କରିଛନ୍ତି। ୩ ଓ ୪ ତାରିଖରେ ବ୍ୟାଙ୍କକୁ ଯାଇ ଏନପିସିଆଇ ଯାଞ୍ଚ କରିପାରିବେ । ଏହି ପର୍ଯ୍ୟାୟରେ ୨୦ ଲକ୍ଷ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଚଳିତ ବର୍ଷ ମାର୍ଚ୍ଚ ୩୦ ସୁଦ୍ଧା ସୁଭଦ୍ରା ଆବେଦନ କଲେ ବି ଆବେଦନକାରୀ ମହିଳାଙ୍କୁ ୨୦୨୪ରେ ବାକିଥିବା ୨ଟି କିସ୍ତି ମିଳିବ। ସବୁଠୁ ଅଧିକ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ବାକି ଅଛି। ତେଣୁ ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ଥିବା ଆବେଦନକାରୀମାନେ ଷ୍ଟେଟ ବ୍ୟାଙ୍କ ଶାଖାକୁ ଯାଇ ଏନପିସିଆଇ କରାଇନିଅନ୍ତୁ ବୋଲି ସେ କହିଛନ୍ତି।

## ରେଳ ସୁରକ୍ଷା ପାଇଁ ୧.୧୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଯୋଜନା

ନୂଆଦିଲ୍ଲୀ, ୨।୨

ସଂସଦରେ ଉପସ୍ଥାପିତ କେନ୍ଦ୍ର ବଜେଟ ୨୦୨୫-୨୬ରେ ରେଳ କ୍ଷେତ୍ରର ବିକାଶ ପାଇଁ ୨.୫୨ ଲକ୍ଷ କୋଟି ବଜେଟ ଅନୁଦାନ ମିଳିଛି ବୋଲି ରେଳ, ସୂଚନା ଓ ପ୍ରସାରଣ, ଇଲୋକଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଏଥିସହ ୪.୬୦ ଲକ୍ଷ କୋଟି ରାଶିର ନୂତନ ରେଳ ପ୍ରକଳ୍ପ ଅନ୍ତର୍ଭୁକ୍ତ ହୋଇଛି । ଦେଶରେ ରେଳ ଭିତ୍ତିଭୂମି ନିର୍ମାଣ ପାଇଁ ଏଭଳି ଅନୁଦାନ ସମୟର ଆବଶ୍ୟକତା ଥିଲା। ବହୁ ଅଞ୍ଚଳରେ ଦୋହରୀକରଣ, ତୃତୀୟ ଲାଇନ ଓ ଚତୁର୍ଥ ଲାଇନ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏବେ ରେଳ ନେଟୱାର୍କକୁ ବିସ୍ତାର, ନୂତନ ଟ୍ରେନ ଚଳାଚଳ ସହ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି।

ରେଳ ମନ୍ତ୍ରାଣଳୟକୁ ବଜେଟ ଅନୁଦାନ ମିଳିବା ପରେ ୧ଶହଟି ନୂତନ ଅମୃତ ଭାରତ ଟ୍ରେନ, ୫୦ଟି ନମୋ ଭାରତ ଟ୍ରେନ ଏବଂ



୨ଶହଟି ବନ୍ଦେ ଭାରତ ସ୍ଲିପର କ୍ଲାସ ଏବଂ ଚେୟାର କାର ଶ୍ରେଣୀର ଟ୍ରେନ ନିର୍ମାଣ କରାଯିବ। ଆସନ୍ତା ଆର୍ଥିକ ବର୍ଷରେ ରେଳ ସୁରକ୍ଷା ପାଇଁ ୧ ଲକ୍ଷ ୧୬ ହଜାର କୋଟି ଟଙ୍କା ଖର୍ଚ୍ଚ ଯୋଜନା ରହିଛି । ଏଥିଯୋଗୁଁ ଯାତ୍ରୀ ସୁରକ୍ଷା ଅଧିକ ବଢିବା ସହ ଆମୋଦଦାୟକ ଯାତ୍ରା ସମ୍ଭବ ହୋଇପାରିବ। ରେଳ କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କୃତଜ୍ଞତା ଜଣାଇଛନ୍ତି।

## ବନ୍ଦ ହେଲା ସୋଭେରିନ ଗୋଲ୍ଡ ବଣ୍ଡ ଯୋଜନା




ଭୁବନେଶ୍ୱର, ୨।୨
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ର ସରକାର ବନ୍ଦ କଲେ ସୋଭେରିନ ଗୋଲ୍ଡ ବଣ୍ଡ୍ ଯୋଜନା। ସୁନା ବଣ୍ଡ ଜମାକାରୀଙ୍କୁ ମିଆଦ ପୂରଣ ପରେ ସରକାରଙ୍କୁ ଋଣ କରିବାକୁ ପଡୁଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇ ଏକ ପ୍ରକାର ସ୍ପଷ୍ଟ କରି ଦେଇଛନ୍ତି, ଯାହାକୁ ନେଇ ବଜାରରେ ବାସ୍ତବ ସୁନା ଚାହିଦା ଆହୁରି ବଢିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାସହ ସୁନା ଦର ଆହୁରି ବଢ଼ିବ।

ସୋଭେରିନ୍ ଗୋଲ୍ଡ ବଣ୍ଡ କିଣିଥିବା ପୁଞ୍ଜି ବିନିଯୋଗକାରୀଙ୍କୁ ଅଧିକ ଅର୍ଥ ଗଣିବାକୁ ପଡ଼ିଲା । ଏଣିକି ଆଉ ଜାରି ହେବନି ସୋଭେରିନ୍ ଗୋଲ୍ଡ ବଣ୍ଡ । ବଣ୍ଡ୍ ଜାରିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର । ସୁନା ବଣ୍ଡ୍ ମିଆଦ ପୂରିବା ପରେ ସରକାରଙ୍କୁ ଅଧିକ ଅର୍ଥ ପୁଞ୍ଜି ବିନିଯୋଗକାରୀଙ୍କୁ ଦେବାକୁ ପଡ଼ୁଛି। ସେଥିପାଇଁ କେନ୍ଦ୍ର ସରକାରଙ୍କୁ ଋଣ କରିବାକୁ ପଡ଼ୁଛି। ଏବେ ବଜାରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୮୭ ହଜାର ଟଙ୍କା, ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୪୫୦ ଟଙ୍କା ହୋଇଛି। ସୋଭେରିନ୍ ଗୋଲ୍ଡ ବଣ୍ଡ୍ ବନ୍ଦ ହେଲେ ପୁଞ୍ଜି ନିବେଶକାରୀଙ୍କ ବାସ୍ତବ ସୁନା କିଣିବାକୁ ଆହୁରି ଚାହିଦା ବଢିବ। ଫଳରେ ଆହୁରି ଅଧିକ ଆମଦାନୀ ହେବ ଓ ଦର ଆହୁରି ବଢିବ।

ସୁନା ଆମଦାନୀକୁ ନିରୁତ୍ସାହ କରିବାକୁ ୨୦୧୫ରେ କେନ୍ଦ୍ର ସରକାର ସୋଭେରିନ୍ ଗୋଲ୍ଡ ବଣ୍ଡ ଜାରି କରିଥିଲେ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ସାଂସ୍କୃତିକ ମୂଲ୍ୟବୋଧ, ଐତିହ୍ୟ ଓ ପରମ୍ପରା ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ସମ୍ପର୍କ ବଢ଼ାଉଛି

ନୂଆଦିଲ୍ଲୀ, ୨।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭିଡିଓ ବାର୍ତ୍ତା ମାଧ୍ୟମରେ ଇଣ୍ଡୋନେସିଆର ଜାକର୍ତ୍ତାରେ ଶ୍ରୀସନାତନ ଧର୍ମ ଆଳୟମର ମହା କୁମ୍ଭାଭିଷେଗମ ସମୟରେ ତାଙ୍କର ବକ୍ତବ୍ୟ ରଖିଛନ୍ତି। ସେ ଏହି ଅବସରରେ ଇଣ୍ଡୋନେସିଆର ମହାମହିମ ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ, ମୁରୁଗାନ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ପା ହାସିମ, ପରିଚାଳନା ଟ୍ରଷ୍ଟି ଡକ୍ଟର କୋବାଲାନ, ତାମିଲନାଡୁ ଏବଂ ଇଣ୍ଡୋନେସିଆର ଗଣମାନ୍ୟ ବ୍ୟକ୍ତି, ପୁରୋହିତ ଏବଂ ଆଚାର୍ଯ୍ୟ, ଭାରତୀୟ ପ୍ରବାସୀ



ସଦସ୍ୟ, ଇଣ୍ଡୋନେସିଆ ଏବଂ ଅନ୍ୟାନ୍ୟ ରାଷ୍ଟ୍ରର ସମସ୍ତ ନାଗରିକ ଯେଉଁମାନେ ଏହି ପବିତ୍ର ଅବସରରେ ଅଂଶ ଗ୍ରହଣ କରିଥିଲେ ଏବଂ ଏହି ଦିବ୍ୟ ଓ ଭବ୍ୟ ମନ୍ଦିରକୁ ବାସ୍ତବରେ ପରିଣତ କରିଥିବା ସମସ୍ତ ପ୍ରତିଭାବାନ କଳାକାରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

ଏହି ସମାରୋହରେ ସାମିଲ ହେବାର ସୌଭାଗ୍ୟ ପ୍ରକାଶ କରି ଶ୍ରୀ ମୋଦି କହିଛନ୍ତି ଯେ ମହାମହିମ ରାଷ୍ଟ୍ରପତି ପ୍ରବୋଓଙ୍କ ଉପସ୍ଥିତି ତାଙ୍କ ପାଇଁ ଏହି କାର୍ଯ୍ୟକ୍ରମକୁ ଆହୁରି ସ୍ୱତନ୍ତ୍ର କରିଦେଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜାକର୍ତ୍ତାଠାରୁ ଶାରୀରିକ ଭାବରେ ଦୂରରେ ଥିଲେ ମଧ୍ୟ, ସେ ଏହି କାର୍ଯ୍ୟକ୍ରମ ସହିତ ମାନସିକ ଭାବେ ନିକଟତର *(ପୃଷ୍ଠା ୭ରେ)*

## ମାଘ ନସରୁଣୁ ତାତି ୩୬ ଡିଗ୍ରୀ

ଭୁବନେଶ୍ୱର, ୨।୨
ନ୍ୟୁଜ୍ ବ୍ୟୁରୋ

ମାଘ ମାସରେ ବାଘ ଭଳି ଜାଡ଼ ହେବା କଥା କିନ୍ତୁ ଆଉ ସେ ଜାଡ଼ ନାହିଁ। ଏଇ ଅଳ୍ପ କେଇ ଦିନ ଭିତରେ ପାଗରେ ଆସିଛି ବଡ ପରିବର୍ତ୍ତନ। ମାଘ ମାସ ନସରୁଣୁ ଆରମ୍ଭ ହୋଇଯାଇଛି ଖରା। ରବିବାର ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରି ଯାଇଛି। ବଲାଙ୍ଗୀରରେ ରବିବାର ଦିନର ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ରେକର୍ଡ କରାଯାଇଛି।

ସେହିଭଳି ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡିରେ ୩୫.୮, ଝାରସୁଗୁଡ଼ାରେ ୩୫.୬, ସମ୍ବଲପୁରରେ ୩୫.୧ ଓ ଭବାନୀପାଟଣାରେ ୩୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଅନୁଗୋଳ ଓ ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୪.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜଧାନୀ



ଭୁବନେଶ୍ୱରରେ ୩୪.୯ ଏବଂ କଟକରେ ୩୩ ଡିଗ୍ରୀ ରହିଥିଲା। ସାଧାରଣତଃ ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଶୀତ ରହିଥାଏ। ଖରାର ପ୍ରଭାବ ଟିକେ ଡେରିରେ ଆସେ। କିନ୍ତୁ ଏ ବର୍ଷ ଟିକେ ଶୀଘ୍ର ଖରା ଆସିଛି। ଏହି ତାପମାତ୍ରାରେ ଏତେ ଅସଙ୍ଗତି ପରିଲକ୍ଷିତ ହୋଇନାହିଁ ବହୁତ କମ ଜାଗାରେ ତାପମାତ୍ରା ୩୪/୩୫ ଡିଗ୍ରୀ ଯାଏଁ ଯାଉଛି । ଅଧିକାଂଶ ସ୍ଥାନରେ ତାପମାତ୍ରା ୩୪ ବା ୩୩ ଡିଗ୍ରୀ ତଳେ ରହୁଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବଢିବାର କାରଣ ଅଛି। ଏବେ ଦକ୍ଷିଣ-ପଶ୍ଚିମରୁ ଅର୍ଥାତ ତେଲଙ୍ଗାନା, କର୍ଣ୍ଣାଟକାର କିଛି ଅଂଶ ଓ ମହାରାଷ୍ଟ୍ର ପଟରୁ ପବନ ଆସୁଛି। ଏବେ ସେହି ଅଞ୍ଚଳରେ ତାପମାତ୍ରା ଟିକେ ଅଧିକ ରହିଛି ।

## ଓଡ଼ିଆ ଭାଷାର ଶିକ୍ଷାଦାନ ପାଇଁ ବର୍ଣ୍ଣବୋଧର ବିକଳ୍ପ ନାହିଁ

ଭୁବନେଶ୍ୱର, ୨।୨
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଏବଂ ଓଡ଼ିଆ ଭାଷା ଯେଉଁ କାଳଖଣ୍ଡରେ ନିଜର ଅସ୍ତିତ୍ୱ ଓ ଜାତୀୟତା ପାଇଁ ସଂଗ୍ରାମ କରୁଥିଲେ, ସେହି ସମୟରେ ଭକ୍ତକବି ମଧୁସୂଦନ ରାଓ ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରକାଶ କରି ଆମ ରାଜ୍ୟର ହୃତ ଗୌରବ ଫେରାଇ ଆଣିଥିଲେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ବର୍ଣ୍ଣବୋଧର ପୁନଃମୁଦ୍ରିତ ସଂସ୍କରଣ ଓ ଏହାର ଡିଜିଟାଲ କପି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ପବିତ୍ର ଶ୍ରୀପଞ୍ଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା, ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ କୃଷି ଭବନ ସମ୍ମିଳନୀକକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଆହୁରି ମଧ୍ୟ କହିଛନ୍ତି ଯେ, ଓଡ଼ିଆ ଭାଷାର ନିଜତ୍ୱ, ମୂଳ ସ୍ୱରୂପକୁ ଜନମାନସରେ ଆଦୃତ କରିବା ପାଇଁ ଲେଖା ହୋଇଥିଲା ବର୍ଣ୍ଣବୋଧ। ଏହାର ରଚୟିତା ଭକ୍ତକବି ମଧୁସୂଦନ ରାଓ ଅତି ଚମତ୍କାର ଭାବେ ଅକ୍ଷର, ବର୍ଣ୍ଣ, ଯୁକ୍ତାକ୍ଷର, ଶବ୍ଦ, ଶବ୍ଦ ଗଠନ, ବାକ୍ୟ ଗଠନକୁ କିପରି ସରଳ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କୁ ଶିଖାଇ ହେବ ଏହି ପୁସ୍ତକରେ ପ୍ରତିପାଦିତ କରିଛନ୍ତି।

## ୩୫ ଫୁଟ ଗଭୀର ଖାଇରେ ଖସିପଡିଲା ବସ୍ : ୫ ଯାତ୍ରୀଙ୍କ ମୃତ୍ୟୁ

ଆହୱା, ୨।୨

ମହାରାଷ୍ଟ୍ରର ଡାଙ୍ଗ ଜିଲ୍ଲା ଅନ୍ତର୍ଗତ ସାପୁତାରା ଘାଟୀରେ ରବିବାର ସକାଳେ ଭୟଙ୍କର ସଡକ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଛି ଏବଂ ୩୫ଜଣ ଆହତ ହୋଇଛନ୍ତି। ନାସିକ ପାର୍ଶ୍ୱରୁ ଆସୁଥିବା ବସ ଡାଙ୍ଗ-ଆହୱା ଜିଲ୍ଲାର ସାପୁତାରାରୁ ଅଢେଇ କିଲୋମିଟର ଦୂରରେ ଥିବା ମାଲେଗ୍ରାମ ଫରେଷ୍ଟ ଗେଷ୍ଟହାଉସ ସମ୍ମୁଖରେ ୩୫ ଫୁଟ ଗଭୀର ଖାଇରେ ପଡିଯାଇଥିଲା।ବସରେ ମଧ୍ୟପ୍ରଦେଶର ୪୮ ତୀର୍ଥଯାତ୍ରୀ ବସିଥିଲେ। ଯେଉଁମାନେ ବିଭିନ୍ନ ଧାର୍ମିକ ସ୍ଥାନ ପରିଦର୍ଶନ କରିବାକୁ ବାହାରିଥିଲେ।ସୁଚନା ଅନୁସାରେ ସାପୁତାରା ନିକଟରେ ଏକ ଘରୋଇ ବସ ୩୫ ଫୁଟ ଗଭୀର ଖାଇରେ ପଡିଯାଇଥିଲା। ଦୁର୍ଘଟଣାରେ ୨ଜଣ ମହିଳା ଏବଂ ୩ଜଣ ପୁରୁଷଙ୍କ ମୃତ୍ୟୁ ଘଟିଛି। ଏଥି ସହିତ ୩୫ ଆହତଙ୍କ ମଧ୍ୟରୁ କେତେକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ନିକଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ଦୁର୍ଘଟଣା ପରେ ଜିଲ୍ଲାପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି।

## ସଂସଦରେ ସ୍କ୍ରିନିଂ ହେବ ଜାପାନୀ ଫିଲ୍ମ : ସାଂସଦଙ୍କ ସହ ଏକାଠି ବସି ଦେଖିବେ ଲୋକସଭା ବାଚସ୍ପତି



ନୂଆଦିଲ୍ଲୀ, ୨।୨

ସଂସଦଭବନରେ ପୂର୍ବରୁ ଅନେକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇସାରିଛି । ଏବେ ସଂସଦ ପରିସରରେ ଏକ ଜାପାନୀ ଚଳଚ୍ଚିତ୍ର ପ୍ରଦର୍ଶିତ ହେବାକୁ ଯାଉଛି । ଏହି ଫିଲ୍ମଟି ଆଜିର ନୁହେଁ । ଏହି ଚଳଚ୍ଚିତ୍ରଟି ୧୯୯୩ ମସିହାରେ ମୁକ୍ତିଲାଭ କରିଥିଲା। ଖୁବ ଶୀଘ୍ର ଏହି ଫିଲ୍ମ ପ୍ରଥମ ଥର ପାଇଁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି । ଏହି ଚଳଚ୍ଚିତ୍ରଟି ଭଗବାନ ରାମ ଏବଂ ତାଙ୍କ ଜୀବନୀ ଉପରେ ଆଧାରିତ। ଜାପାନୀ-ଭାରତୀୟ ଆନିମେସନ ଫିଲ୍ମ ରାମାୟଣ: ଦି ଲିଜେଣ୍ଡ ଅଫ ପ୍ରିନ୍ସ ରାମ ବିଷୟରେ କୁହାଯାଇଛି। ଏହି ଫିଲ୍ମର ପ୍ରଦର୍ଶନ ଫେବୃଆରୀ ୧୫ରେ ବଜେଟ ଅଧିବେଶନ ସମୟରେ ହେବ। ଫିଲ୍ମ ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଗିକ୍ ପିକଚର୍ସ ରବିବାର ଏହି ସୂଚନା ଦେଇଛି।

ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ ଲୋକସଭା ବାଚସ୍ପତି ଓମ ବିର୍ଲା, ସାଂସଦ ଏବଂ ସାଂସ୍କୃତିକ କ୍ଷେତ୍ରର ବିଶେଷ ନିମନ୍ତ୍ରିତ ବ୍ୟକ୍ତିମାନେ ମଧ୍ୟ ଚଳଚ୍ଚିତ୍ରର ପ୍ରଦର୍ଶନରେ ଯୋଗଦେବେ। ଗିକ୍ ପିକ୍‌ଚର୍ସର ସହ-ପ୍ରତିଷ୍ଠାତା ଅର୍ଜୁନ ଅଗ୍ରୱାଲ ଏକ ବିବୃତ୍ତିରେ କହିଛନ୍ତି ଏହା କେବଳ ଏକ ଚଳଚ୍ଚିତ୍ରର ପ୍ରଦର୍ଶନ ନୁହେଁ ବରଂ ଆମର ସମୃଦ୍ଧ ଐତିହ୍ୟ ଏବଂ ରାମାୟଣର କାଳଜୟୀ କାହାଣୀର ଏକ ଉତ୍ସବ, ଯାହା ଆମକୁ ପ୍ରେରଣା *(ପୃଷ୍ଠା ୭ରେ)*

## ନାକ୍ ରେଟିଂ ଲାଞ୍ଚ : ୧୦ ଗିରଫ

ସମ୍ବଲପୁର, ୨।୨
ନ୍ୟୁଜ୍ ବ୍ୟୁରୋ

ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉନସିଲ (ନାକ୍) ରେଟିଂ ଲାଞ୍ଚ ମାମଲାରେ ୧୦ଜଣ ଗିରଫ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଏକ ଶିକ୍ଷାନୁଷ୍ଠାନର ରେଟିଂ ବଢାଇବାକୁ ଲାଞ୍ଚ ଅଭିଯୋଗରେ ୧୦ ଜଣଙ୍କୁ ଗିରଫ କରାଯାଇଛି। ୧୦ଜଣଙ୍କ ମଧ୍ୟରେ ସମ୍ବଲପୁରର ଜଣେ ପ୍ରଫେସର ରହିଛନ୍ତି। ଜ୍ୟୋତି ବିହାରରେ ଥିବା ସମ୍ପୃକ୍ତ ପ୍ରଫେସରଙ୍କ ବାସଭବନ ସିଲ୍ ହୋଇଛି । ସିବିଆଇ ପକ୍ଷରୁ ଓଡ଼ିଶା ସମେତ ୨୦ଟି ସ୍ଥାନରେ ଚଢଉ କରାଯାଇଥିବାର ସୂଚନା ମିଳିଛି।

ନାକ୍ ରେଟିଂ ବୃଦ୍ଧି ପାଇଁ ଲାଞ୍ଚ ନେଉଥିବା ମାମଲାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କୁ ସିବିଆଇ ଗିରଫ କରିଛି। ଆନ୍ଧ୍ରପ୍ରଦେଶ ରାଜ୍ୟ ଗୁଣ୍ଟୁରର ୱାଦେଶ୍ୱରମ ଶିକ୍ଷାନୁଷ୍ଠାନର ରେଟିଂ ବଢ଼ାଇବା ପାଇଁ ଲାଞ୍ଚ ନେଉଥିବା ଅଭିଯୋଗରେ ସିବିଆଇ ନାକ୍ ପିୟର କମିଟିର ୧୦ ସଦସ୍ୟଙ୍କୁ ଗିରଫ କରିଛି।

ଏହି ଦଳରେ ସଦସ୍ୟ ଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ଏବଂ ସାଇନ୍ସ ବିଭାଗୀୟ ମୁଖ୍ୟ *(ପୃଷ୍ଠା ୭ରେ)*

# ଶ୍ରୀଲିଙ୍ଗରାଜଙ୍କ ଜମି ପୁନରୁଦ୍ଧାର ବାଟବଣା: ଶୀତଳଭଣ୍ଡାରରେ ୧୬୫ ଦରଖାସ୍ତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶ୍ରୀଲିଙ୍ଗରାଜଙ୍କ ଜମି ପୁନରୁଦ୍ଧାର ପ୍ରକ୍ରିୟା ବାଟବଣା ହୋଇଯାଇଛି। ଗୋଟିଏ ପଟେ ରାଜସ୍ୱ ବିଭାଗ ଅଧିକାରୀଙ୍କ ଜରିଆରେ ଶ୍ରୀଜିଉଙ୍କ ଜମିର ସ୍ୱତ୍ୱାଧିକାର ରାତାରାତି ଘରୋଇ ମାଲିକାନାକୁ ଚାଲିଯାଉଥିବା ବେଳେ ଅନ୍ୟପଟେ ମନ୍ଦିର ପ୍ରଶାସନ ତାକୁ ସଜାଡ଼ିବାକୁ ଅଦାଲତଙ୍କ ହସ୍ତକ୍ଷେପ ଲୋଡୁଛି। ଅଦାଲତରେ ବର୍ଷ ବର୍ଷ ଧରି ମାମଲା ଗଡୁଛି। ଯେଉଁ କେତେକ ମାମଲାରେ କୋର୍ଟଙ୍କ ରାୟ ଆସୁଛି ତାହାକୁ କାର୍ଯ୍ୟକ୍ଷମ କରାଇବାରେ ମନ୍ଦିର ପ୍ରଶାସନ ସାମାନ୍ୟତମ ଉଦ୍ୟମ କରୁନାହିଁ। ଫଳରେ ବହୁମୂଲ୍ୟ ଜମି ହାତ ପାହାନ୍ତାରେ ଥିଲେ ବି ଫେରିପାରୁନାହିଁ। ଶ୍ରୀଜିଉଙ୍କ ଜମିରେ ଘର କରି ରହିଥିବା ଅନେକ ଲୋକ ଜମି ବିବାଦର ଫଏସଲା ଚାହୁଛନ୍ତି। ସେମାନଙ୍କ ମଧ୍ୟରୁ ୧୬୫ ଜଣ ବ୍ୟକ୍ତି ଦେବୋତ୍ତର ଆଇନ ଧାରା ୧୯ ମୁତାବକ ବିବାଦର ଅନ୍ତ କରିବା ପାଇଁ ଦରଖାସ୍ତ ଦେଇଛନ୍ତି। କିନ୍ତୁ ଏଯାଏ ଗୋଟିଏ ଦରଖାସ୍ତର ବିଚାର ପାଇଁ ଦେବୋତ୍ତର କମିସନରଙ୍କ ନିକଟରେ ଦାଖଲ ହୋଇନାହିଁ। ମନ୍ଦିର ପ୍ରଶାସନ ଫାଇଲକୁ ବାନ୍ଧି ଚୁପ ହୋଇ ବସିଛି। ଏଥିରୁ ଠାକୁରଙ୍କ। ଖାତାକୁ ଟଙ୍କାଟିଏ ଆସୁନାହିଁ, ବରଂ ଅଦାଲତରେ ହେଉଥିବା ଖର୍ଚ୍ଚ ଠାକୁରଙ୍କ ତହବିଲ୍‌ରୁ ଯାଉଛି। ୪ ବର୍ଷ ହେବ ରାଜଧାନୀ ଓ ଏହାର ଉପକଣ୍ଠ ଅଞ୍ଚଳରେ ୭୦ ଏକରରୁ ଊର୍ଦ୍ଧ୍ୱ ଜମି ଶ୍ରୀଜିଉଙ୍କ ଖାତାକୁ ଫେରାଇ ଆଣିବା ପାଇଁ ବିଭିନ୍ନ ଅଦାଲତ ଆଦେଶ ଦେଇଛନ୍ତି। ଏହି ଜମିଗୁଡ଼ିକର ଖଜଣା ଧାର୍ଯ୍ୟ ପାଇଁ ୧୭ଲକ୍ଷ ଟଙ୍କା ରାଜସ୍ୱ ବିଭାଗରେ ମନ୍ଦିର ପ୍ରଶାସନ ଦାଖଲ କଲେ ଶ୍ରୀଜିଉଙ୍କ ସ୍ୱତ୍ୱାଧିକାର ସମ୍ପୂର୍ଣ୍ଣ ହେବ। ଠାକୁରଙ୍କ ତହବିଲରେ ପାଖାପାଖି ୯ କୋଟି ଟଙ୍କା ଅଛି। କିନ୍ତୁ ମାତ୍ର ୧୭ ଲକ୍ଷ ଦାଖଲ ହେଉ ନାହିଁ କି ଜମି ପୁରରୁଦ୍ଧାର ପ୍ରକ୍ରିୟା ସରୁନାହିଁ। ଥରକୁ ଥର ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବଦଳୁଛନ୍ତି। ଶ୍ରୀଲିଙ୍ଗରାଜ ସ୍ୱତନ୍ତ୍ର ଆଇନ ପାଇଁ ଚର୍ଚ୍ଚା ଚାଲିଛି। ହେଲେ ମୂଲ୍ୟବାନ ଜମି ଆଉ କିଏ ଭୋଗ କରୁଛି। ଏପଟେ କେବେ ଲୋକ ଜମି ପାଇବେ ଚାହିଁ ବସିଛନ୍ତି। ଏହି ଘଟଣା ସମ୍ପର୍କରେ ମନ୍ଦିର ପ୍ରଶାସନ ନିର୍ବାହୀ ଅଧିକାରୀ ତଥା ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ମନ୍ଦିର ପ୍ରସାଶନ ପର୍ଯ୍ୟାୟକ୍ରମେ ପଦକ୍ଷେପ ନେବ। ଏହି ଘଟଣା ଟ୍ରଷ୍ଟ ବୋର୍ଡରେ ଆଲୋଚନା ହେବ।

# ମନ୍ଦିରମାଳିନୀ ସହରର ଅବହେଳିତ ଐତିହ୍ୟ: ଅଲୋଡ଼ା ତ୍ରୟୋଦଶ ଶତାବ୍ଦିର ଶୁକଶାରୀ ମନ୍ଦିର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯେଉଁଥିପାଇଁ ଭୁବନେଶ୍ୱର ବିଶ୍ୱବିଦିତ, ଯେଉଁଥିପାଇଁ ଭୁବନେଶ୍ୱର ମନ୍ଦିରମାଳିନୀ ନାମରେ ପ୍ରସିଦ୍ଧ, ସେହିସବୁ ହଜାରେ ବର୍ଷର କୀର୍ତ୍ତିରାଜି ଆଜି ଅବହେଳିତ। ସରଂକ୍ଷଣ ଅଭାବରୁ ପୁରାତନ ଐତିହ୍ୟସମ୍ପନ୍ନ ମନ୍ଦିର ଦୁର୍ବଳ ହେଉଛି। କେଉଁ ମନ୍ଦିରରୁ କାରୁକାର୍ଯ୍ୟ ଲିଭିଗଲାଣି ତ କେଉଁଠି ମନ୍ଦିରରେ ବଡ଼ ବଡ଼ ଫାଟ ହେଲାଣି। ସଂରକ୍ଷଣ ଓ ସୁରକ୍ଷା ପ୍ରତି ଯେମିତି ଆଖି ବୁଜି ଦେଇଛି ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)। ଶ୍ରୀଲିଙ୍ଗରାଜ ମନ୍ଦିରର ଉତ୍ତର ପୂର୍ବ ଦିଗରେ ଥିବା ଶୁକଶାରୀ ମନ୍ଦିରର ସ୍ଥିତିକୁ ଦେଖିଲେ ଏଏସ୍‌ଆଇର ଦାୟିତ୍ୱହୀନତା ସ୍ପଷ୍ଟ ବାରି ହୋଇପଡୁଛି। ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ମାଟି ତଳେ ଅନେକ ମନ୍ଦିର ପୋତି ହୋଇ ରହିଥିବା ଐତିହାସିକମାନେ ଦାବି କରି ଆସୁଥିଲେ। ଦୀର୍ଘ ଦିନର ଦାବି ପରେ ୨୦୨୦ ମସିହାରେ ଏଏସ୍‌ଆଇ ପକ୍ଷରୁ ଶୁକଶାରୀ ମନ୍ଦିର ଆଖପାଖ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିରର ଚାରି ପାଖରେ ପ୍ରାୟ ୧୨



ଫୁଟ ଖୋଳାଯିବା ପରେ ମାଟି ତଳେ ପୋତି ହୋଇଥିବା ମନ୍ଦିର ସାମ୍ନାକୁ ଆସିଥିଲା। ମନ୍ଦିର ଉପରିଭାଗ ସହ ମୂଳରେ ହୋଇଥିବା ସୂକ୍ଷ୍ମ କାରୁକାର୍ଯ୍ୟ ସମସ୍ତଙ୍କୁ ବିସ୍ମିତ କରିଥିଲା। ଏଠି ମାଟି ତଳୁ ଅନେକ ପ୍ରାଚୀନ ଭାସ୍କର୍ଯ୍ୟର ସନ୍ଧାନ ମିଳିଥିଲା। ୨୦୨୧, ଅକ୍ଟୋବରରେ ଗୋଟିଏ ଓ ଡିସେମ୍ବରରେ ଗୋଟିଏ ପଶ୍ଚିମ ମୁହାଁ ମନ୍ଦିର ଉଦ୍ଧାର ହୋଇଥିଲା। ୪ଟି ଭଗ୍ନ ମନ୍ଦିର ବାହାରିବା ସହ ଗୋଟିଏ ମନ୍ଦିରର ବେସ୍ ଓ ଭଗ୍ନଲିଙ୍ଗ ଉଦ୍ଧାର ହୋଇଥିଲା। ଏହାବାଦ୍ ଭଙ୍ଗା ଜଗମୋହନ, ଅନେକ ମୂଲ୍ୟବାନ କାରୁକାର୍ଯ୍ୟ ପଥର ବାହାରିଥିଲା। ବଡ଼ କଥା ହେଲା ଏଠାରୁ ପ୍ରାୟ ୧୪୦୦ ଶହ ବର୍ଷ ତଳର ଏକ ବିଷ୍ଣୁ ମୂର୍ତ୍ତି, ଚାରିଭୁଜ ଥିବା ମା' ମହିଷାମର୍ଦ୍ଦିନୀଙ୍କ ମୂର୍ତ୍ତି ଓ ଅର୍ଦ୍ଧନାରୀଶ୍ୱରଙ୍କ ମୂର୍ତ୍ତି ପ୍ରଭୃତି ଖନନ ବେଳେ ମିଳିଥିଲା। ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ଖୋଲା ଯିବା ପରେ ଆହୁରି ଅନେକ ମନ୍ଦିର ବାହାରିବ ବୋଲି ଏଏସ୍‌ଆଇ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ହେଲେ ଦୁଃଖର ବିଷୟ ୨ ବର୍ଷ ହେବ ଖନନ କାର୍ଯ୍ୟ ବନ୍ଦ ରହିଛି। ଆହୁରି ଆଶ୍ଚର୍ଯ୍ୟର କଥା ଖନନ ବେଳେ ମିଳିଥିବା ମୂର୍ତ୍ତି ଓ ଅନ୍ୟାନ୍ୟ କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ସେମିତି ଫିଙ୍ଗି ଦିଆଯାଇଛି। କେବଳ ଦୁଇ ଜଣ କର୍ମଚାରୀଙ୍କୁ ଜଗେଇ ଦେଇ ନିଜ ଦୋଷ ତୁଟାଇ ଦେଇଛି ଏଏସ୍‌ଆଇ। ଅନ୍ୟପଟେ ଶୁକଶାରୀ ମନ୍ଦିରର ରକ୍ଷଣାବେକ୍ଷଣ ହେଉନଥିବାରୁ ମନ୍ଦିରରେ ଥିବା ସୂକ୍ଷ୍ମ କାରୁକାର୍ଯ୍ୟ ନଷ୍ଟ ହୋଇଗଲାଣି। ଦୁଇ ମନ୍ଦିରର ଏକାଧିକ ସ୍ଥାନରେ ବଡ଼ ବଡ଼ ଫାଟ ହେଲାଣି। ଆଉ ଏକ ଆଶ୍ଚର୍ଯ୍ୟର କଥା ଏଠି ଶାରୀ ମନ୍ଦିର ଏଏସ୍‌ଆଇର ଗୋଦାମ ଘର ପାଲଟିଛି। କେବଳ ଶୁକ ମନ୍ଦିରରେ ମା' ପାର୍ବତୀଙ୍କୁ ଛାଡ଼ି ଦେଲେ ୫ଟି ପାର୍ଶ୍ୱଦେବାଦେବୀ କୁଆଡ଼େ ଯାଇଛି ଏହାର ଉତ୍ତର କାହା ପାଖରେ ନାହିଁ। ମାଟି ତଳୁ ମନ୍ଦିର ବାହାରିଥିବା ସ୍ଥାନକୁ ସେମିତି ଜରି ଘୋଡ଼ାଯାଇ ରଖାଯାଇଛି। ଏହାର ଚାରି ପାଖରେ ତାର ଜାଲି ବୁଲା ଯାଇଥିଲେ ହେଁ ଅସାମାଜିକ ବ୍ୟକ୍ତିଙ୍କ ଏଠି ଆଡ୍ଡା ଜମୁଛି। ମନ୍ଦିରମାଳିନୀ ସହରର ଏହି ଅବହେଳିତ ଐତିହ୍ୟ ସମ୍ପର୍କରେ ଏଏସ୍‌ଆଇ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପଟେ ତ୍ରୟୋଦଶ ଶତାବ୍ଦୀର ଜରାଜୀର୍ଣ୍ଣ ଏହି ଶୁକଶାରୀ ମନ୍ଦିରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଗବେଷକ। ଗବେଷକ ଅନୀଲ ଧୀର କହିଛନ୍ତି, ଏଏସ୍‌ଆଇ ଯଦି ସରଂକ୍ଷଣ ଓ ସୁରକ୍ଷା କରିପାରୁନାହିଁ ତେବେ ଖୋଳିଥିବା ସ୍ଥାନକୁ ମାଟି ତଳେ ପୋତିଦେଉ। ଅନ୍ତତଃ ବହୁମୂଲ୍ୟ ଐତିହ୍ୟ ଚୋରି ହେବାରୁ ବର୍ତ୍ତିଯିବ। ଶୁକଶାରୀ ମନ୍ଦିର ଅବସ୍ଥା ଆହୁରି ଖରାପ। ସରଂକ୍ଷଣ ନହେବାରୁ ମନ୍ଦିର ଭୁଶୁଡ଼ିବା ସ୍ଥିତିରେ ରହିଛି।

# ବିଗୁଡୁଛି ରାଜଧାନୀ ଆଇନଶୃଙ୍ଖଳା ସ୍ଥିତି: ବଡ଼ଧରଣର ଲୁଟ୍ ମାମଲାରେ ବି ପୁଲିସ ହାତ ଖାଲି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ଶତ୍ରୁତାରୁ ହେଉ କି ରାଜନୈତିକ ଶତ୍ରୁତାକୁ ନେଇ ହେଉ, ରାଜଧାନୀରେ ହତ୍ୟା, ହତ୍ୟା ଉଦ୍ୟମ ଓ ଗୁଳିକାଣ୍ଡ ଭଳି ଘଟଣା ଘଟିଚାଲିଛି। କିଏ ଦିନ ଦିପହରେ ଗୁଳି କରି ଆତଙ୍କ ରଚିଲାଣି ତ ଆଉ କିଏ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣି ମୁଣ୍ଡ ଗଡ଼ାଇଲାଣି। ସେହିଭଳି କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଭିଭିଆଇପି ଅଞ୍ଚଳରେ ପଶି ଲକ୍ଷଲକ୍ଷ ଟଙ୍କାର ଗହଣା ଲୁଟିଲାଣି। କେବଳ ସେତିକି ନୁହେଁ, ରାଜଧାନୀରୁ ଏଟିଏମ୍ ତାଡ଼ି ୨୦ ଲକ୍ଷରୁ ଅଧିକ ଟଙ୍କା ଲୁଟ୍ କଲେଣି ଦୁର୍ବୃତ୍ତ। ବର୍ଷ ଆରମ୍ଭରୁ ରାଜଧାନୀରେ ଅପରାଧୀଙ୍କ ଦୌରାତ୍ମ୍ୟ ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଉଦ୍‌ବେଗର ବିଷୟ ହତ୍ୟା, ଗୁଳିକାଣ୍ଡ ଓ ବଡ଼ଧରଣର ଲୁଟ୍ ଭଳି ସମ୍ବେଦନଶୀଳ ମାମଲାରେ କମିସନରେଟ୍ ପୁଲିସ ବାଟବଣା ହୋଇ ଅଧା ବାଟରେ ଅଣ୍ଡାଳି ହେଉଛି। ଖାଲି ସେତିକି ନୁହେଁ, ପୁଲିସ ବି ନିଜ ମୁହଁରେ କାଳି ବୋଳିଛି। ସୁରକ୍ଷା ଦେବାକୁ ଯାଇ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ କରି ଖାକିରେ ଦାଗ ଲଗାଇଛି। ଗତ ମାସକ ମଧ୍ୟରେ ଘଟିଥିବା ଏଭଳି କିଛି ଅଭାବନୀୟ କାଣ୍ଡ ରାଜଧାନୀରେ ଆତଙ୍କ ଖେଳାଇଦେଇଛି। ତେଣୁ ସହରରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିଯାଇଛି ବୋଲି ଅଭିଯୋଗ ହେଲାଣି। ଏବେ ରାଜଧାନୀରେ ପ୍ରତିଦିନ ପୁଲିସକୁ ଚ୍ୟାଲେଞ୍ଜ୍ କରି ଅପରାଧୀମାନେ ଗୋଟିଏ ପରେ ଗୋଟିଏ କାଣ୍ଡ ଘଟାଇ ଚାଲିଛନ୍ତି। ସ୍ଥିତି ଏମିତି ହୋଇଛି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧ୍ୟ ଟ୍ୱିଟ୍ କରି ଉଦ୍‌ବେଗ ପ୍ରକାଶ କଲେଣି। ଜାନୁଆରୀ ୮ ତାରିଖ। ପ୍ରବାସୀ ଭାରତୀୟ ଦିବସ




ପାଇଁ ପ୍ରଧାନମନ୍ତ୍ରୀଙ୍କ ଭୁବନେଶ୍ୱର ଗସ୍ତ ଥିଲା। ତେଣୁ ସହରରେ ପୁଲିସ ଛାଉଣୀ ଥାଏ। କିନ୍ତୁ ପୁଲିସର କଡ଼ା ସୁରକ୍ଷାକୁ ଖାତିର ନ କରି ଅଭିଯୁକ୍ତମାନେ ସକାଳ ପ୍ରାୟ ୮ଟା ସମୟରେ ରାଜଧାନୀ ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥରେ ଗୋଡ଼ାଇ ଗୋଡ଼ାଇ ଜଣଙ୍କୁ ଖଣ୍ଡାରେ ହାଣି ବୀଭତ୍ସ ଭାବେ ହତ୍ୟା କଲେ। ଏହି ଛାତିଥରା ଘଟଣା ଘଟିଥିଲା ମଞ୍ଚେଶ୍ୱର ଥାନା ଠାରୁ ମାତ୍ର ୫ଶହ ମିଟର ଦୂର ରସୁଲଗଡ଼ ରେଳ ଓଭରବ୍ରିଜ୍ ଉପରେ। ବ୍ରାଉନ୍‌ସୁଗାର କାରବାର ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିଲେ। ଏହି ମାମଲାରେ ମଞ୍ଚେଶ୍ୱର ଥାନା ପୁଲିସ ୨୪ ଘଣ୍ଟା ମଧ୍ୟରେ ୫ଜଣଙ୍କୁ ଗିରଫ କରିଥିଲା। ମାତ୍ର ଉଦ୍‌ବେଗର ବିଷୟ ହତ୍ୟାକାଣ୍ଡ ପଛରେ ସମ୍ପୃକ୍ତ ଆଉ ୩ ମୁଖ୍ୟ ଅଭିଯୁକ୍ତଙ୍କୁ ଏଯାଏ ପୁଲିସ ଗିରଫ କରିପାରି ନାହିଁ। ସେହି ୮ ତାରିଖ ରାତିର କଥା। ବିଳମ୍ବିତ ରାତିରେ ହଷ୍ଟେଲ୍ ବନ୍ଦ ହୋଇଯିବାରୁ ଜଣେ ଯୁବତୀ ରେଳଷ୍ଟେସନରେ ରାତି କାଟିବା ପାଇଁ ପ୍ଲାଟଫର୍ମରେ ବସିଥିଲେ। ଆରପିଏଫ୍ କର୍ମଚାରୀ ଚଞ୍ଚକତା କରି ତାଙ୍କୁ ଫସାଇଥିଲେ। ସୁରକ୍ଷା ଦେବା ଆଳରେ ତାଙ୍କୁ ଏକ ଘରକୁ ଡ଼ାକିନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଯୁବତୀଜଣଙ୍କ ତାଙ୍କ ବନ୍ଧୁଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇବା ପରେ ଖବର ପାଇ ରେଳବାଇ ଥାନା ପୁଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏହି ମାମଲାରେ ଆରପିଏଫ୍ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ଚଳିତ ମାସ ୨୩ ତାରିଖ। ଜମି କିଣାବିକା ମାମଲାକୁ ନେଇ ଦିନ ଦିପହରେ ଅଭିଯୁକ୍ତମାନେ ବଡ଼ଗଡ଼ ଥାନା ବିଜେବିନଗର ଅଞ୍ଚଳରେ ଥିବା ଜଣେ ବିଲ୍ଡରଙ୍କ ଅଫିସ୍‌ରେ ପଶି ଆଖିବୁଜା ଗୁଳିମାଡ଼ କରିଥିଲେ। ଗୁଳିମାଡ଼ରେ ଜଣେ ଗୁରୁତର ହେଲେ। ହେଲେ ଆଶ୍ଚର୍ଯ୍ୟର କଥା ପୁଲିସ କିଛି ଜାଣିପାରିଲା ନାହିଁ। ହସ୍ପିଟାଲ୍‌ରୁ ଖବର ପାଇ ପୁଲିସ ଛାନ୍‌ଭିନ୍ ଆରମ୍ଭ କରିଥିଲା। ଘଟଣାରେ ରାଜନୈତିକ ସମ୍ପୃକ୍ତି କଥା ବି ପଦାକୁ ଆସିଲା। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ପୁଲିସ କେବଳ ଜଣେ ରାଜନେତାଙ୍କ ପତ୍ନୀଙ୍କୁ ଗିରଫ କରିଥିଲା। ମାତ୍ର ଯେଉଁମାନେ ଗୁଳିମାଡ଼ କରିଥିଲେ, ପୁଲିସ ସେମାନଙ୍କୁ ଠାବ କରିପାରିନାହିଁ। ସେହିଦିନ ରାତିରେ ସେହି ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଘଟିଗଲା ବଡ଼ଧରଣର ଲୁଟ୍। ଦୁର୍ବୃତ୍ତମାନେ ଏକ ଏଟିଏମ୍ ତାଡ଼ି ନେଇ ଗଙ୍ଗୁଆ ନାଳରେ ଫୋପାଡ଼ି ଦେଲେ। ସେଥିରୁ ପ୍ରାୟ ୨୦ ଲକ୍ଷ ଟଙ୍କା ନେଇ ପଳାଇଲେ। ଜାନୁଆରି ୨୬। ଗଣତନ୍ତ୍ର ଦିବସ ସାଙ୍ଗକୁ ଉତ୍କର୍ଷ ଓଡ଼ିଶା ପାଇଁ ସାରା ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଥାଏ। କିନ୍ତୁ ପୁଲିସର କଡ଼ା ସୁରକ୍ଷାକୁ ଖାତି କରି ନଥିଲା ଲୁଟେରା। ଜଣେ ମୁଖାପିନ୍ଧା ଲୁଟେରା ନୂଆପଲ୍ଲୀ ଭିଭିଆଇପି ଅଞ୍ଚଳ ଆଇଆରସି ଭିଲେଜ୍ ଏନ୍-୨ ଅଞ୍ଚଳରେ ଥିବା ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ଘରେ ପଶି ପ୍ରାୟ ୫୦ଲକ୍ଷ ଟଙ୍କାର ଗହଣା ଓ ୨.୫ଲକ୍ଷ ଟଙ୍କା ନେଇଯାଇଥିଲା। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫୋନ୍ ଯୋଗେ ଶ୍ରୀ ପଟ୍ଟନାୟକଙ୍କ ସହ କଥା ହୋଇଥିଲେ। ଖୁବ୍ ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ଭରସା ଦେଇଥିଲେ। ମାତ୍ର ତାହା ହେଲା ନାହିଁ। ପୁନର୍ବାର ଶ୍ରୀ ପଟ୍ଟନାୟକଙ୍କ ଘରୁ ଚୋରି ଉଦ୍ୟମ ହେଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କଲେ। ତେଣୁ ଏବେ କମିସନରେଟ୍ ପୁଲିସ ରାଜଧାନୀର ଆଇନଶୃଙ୍ଖଳା ସ୍ଥିତିକୁ ନେଇ କାଠଗଡ଼ାରେ ଠିଆ ହୋଇଛି ବୋଲି ଚର୍ଚ୍ଚା ହେଉଛି।

# ଭୁବନେଶ୍ୱର ରେଳ ଷ୍ଟେସନ ପୁନର୍ବିକାଶ : ହଟିଲା ରାଜ୍ୟ ସରକାରଙ୍କ ବାଧା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ରେଳ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଆଉ ପାଦେ ଆଗେଇଛି। ଷ୍ଟେସନର ମାଷ୍ଟରକ୍ୟାଣ୍ଟିନ ପାର୍ଶ୍ୱରେ ଏଲିଭେଟେଡ୍ ଡ୍ରାଇଭ୍ ୱେ ଏବଂ ପ୍ରବେଶ ଓ ପ୍ରସ୍ଥାନ ରାସ୍ତା ନିର୍ମାଣ କରିବାକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଦ୍ୱାରା ଆବଣ୍ଟିତ ଜମିରେ ଏଲିଭେଟେଡ୍ ଆପ୍ରୋଚ୍ ଓ ପ୍ରସ୍ଥାନ ରାସ୍ତା ନିର୍ମାଣ ପାଇଁ ଅନୁମତି ମିଳିଛି। ଏହି ପଦକ୍ଷେପ ପୂର୍ବତଟ ରେଳପଥ ଓ ବିଡିଏ ମଧ୍ୟରେ ସହଯୋଗ ଯୋଜନାକୁ ଧ୍ୟାନରେ ରଖି ପୁନର୍ବିକାଶ ପ୍ରକଳ୍ପ ସୁରୁଖୁରୁରେ ଆଗକୁ ବଢ଼ିବାକୁ ସୁନିଶ୍ଚିତ କରୁଛି। ଷ୍ଟେସନ ପୁନର୍ବିକାଶର ଏକ ଅଂଶ ଭାବେ ଏହା ପରିସରରେ ପାର୍କିଂ କ୍ଷେତ୍ର ଓ ବାଣିଜ୍ୟିକ ସ୍ଥାନଗୁଡ଼ିକର ବିକାଶ ବିଡିଏ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ କରି ନିର୍ମାଣ ହେବ। ସେମାନଙ୍କୁ ଦିଆଯାଇଥିବା ଜମିରେ ବାଣିଜ୍ୟିକ କ୍ଷେତ୍ର ବିକାଶ କରିବାକୁ ବିଡିଏ ଯୋଜନା କରୁଛି। ଏହାଦ୍ୱାରା ରେଳ ଷ୍ଟେସନ ଓ ବିଡିଏ ଉଭୟଙ୍କ ସ୍ୱାର୍ଥ ସମାନ ହେବ ଏବଂ ଭବିଷ୍ୟତ ପାଇଁ ଏକ ଆଧୁନିକ, ସ୍ପନ୍ଦନଶୀଳ ଷ୍ଟେସନ କମ୍ପ୍ଲେକ୍ସ ସୃଷ୍ଟି କରିବ। ଏଲିଭେଟେଡ୍ ଡ୍ରାଇଭ ୱେ'ର ଭିତ୍ତିଭୂମି କାର୍ଯ୍ୟ ବିକାଶ ସହ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଯେଉଁଥିରେ ଷ୍ଟେସନର ନୂତନ ପ୍ରବେଶ ଓ ପ୍ରସ୍ଥାନ



ପଥ, ଲିଫ୍ଟ, ସମସ୍ତ ପ୍ଲାଟଫର୍ମରେ ଏସ୍କାଲେଟର, ଏକ ଏୟାର-କନକୋର୍ସ ଅନ୍ତର୍ଭୁକ୍ତ ରହିଛି। ଭାରତୀୟ ରେଳବାଇ ଏହି ପୁନଃବିକାଶ ପ୍ରକଳ୍ପରେ ୪୧୯ କୋଟି ନିବେଶ କରୁଛି। ଫଳରେ ଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ବିଶ୍ୱସ୍ତରୀୟ ମାନଦଣ୍ଡ ସହ ଆଧୁନିକ କୋଠା, ବିମାନବନ୍ଦର ଟର୍ମିନାଲ ଭଳି ଡିଜାଇନ୍ ହୋଇଥିବା ଯାତ୍ରୀ ଚଳପ୍ରଚଳ କ୍ଷେତ୍ର, ପୃଥକ ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ, ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଏୟାର କନକୋର୍ସ, ଲିଫ୍ଟ, ଏସ୍କାଲେଟର, ବ୍ୟାଗେଜ ସୁରକ୍ଷା ଯାଞ୍ଚ କ୍ଷେତ୍ର, ସୂଚନା କେନ୍ଦ୍ର, ଫୁଡ୍ ପ୍ଲାଜା, ପ୍ରତୀକ୍ଷା ଅଞ୍ଚଳ ଓ ଅନ୍ୟାନ୍ୟ ସୁବିଧା ରହିବ। ଏହି ଷ୍ଟେସନର ପୁନର୍ବିକାଶ ଭାରତୀୟ ରେଳବାଇ ଅମୃତ ଷ୍ଟେସନ ଯୋଜନାର ଏକ ପ୍ରୟାସ, ଯାହାକି ଯାତ୍ରୀଙ୍କ ଅଭିଜ୍ଞତାକୁ ପୂରଣ କରୁଥିବା ଏକ ସୁଗମ, ବିଶ୍ୱସ୍ତରୀୟ ଯାତ୍ରା ଅଭିଜ୍ଞତା ବିକଶିତ କରିବ। ସୂଚନାଯୋଗ୍ୟ ଯେ ପାଖାପାଖି ୯ ଏକର ପରିମିତ ଜମିରେ ଷ୍ଟେସନ୍ ପ୍ରବେଶ ପଥକୁ ଯିବାକୁ ଥିବା ରାସ୍ତା ନିର୍ମାଣ କରାଯିବା ସହ ସୌନ୍ଦର୍ଯ୍ୟୀକରଣ କରାଯିବ। ଏଥିସହ ମାଷ୍ଟରକ୍ୟାଣ୍ଟିନ୍ ଛକକୁ ଏକ ମଲ୍ଟିମୋଡାଲ ହବ୍ (ବହୁମୁଖୀ ପରିବହନ କେନ୍ଦ୍ର)ରେ ପରିଣତ କରିବାକୁ ନକ୍ସା ପ୍ରସ୍ତୁତ ହୋଇଛି। ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଷ୍ଟେସନ୍‌କୁ ଯିବା, ମେଟ୍ରୋ ଷ୍ଟେସନ୍ ଓ ସଡ଼କ ପଥ ସହ ଯୋଡ଼ି ହେବା କିଭଳି ଠିକ୍ ଭାବେ ହୋଇପାରିବ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି। ଷ୍ଟେସନ୍‌ର ସମ୍ମୁଖ ଭାଗରେ ବ୍ୟାପକ ବୃକ୍ଷରୋପଣ କରାଯାଇ ସବୁଜିମାମୟ କରାଯିବ। କାର, ବାଇକ୍ ପାର୍କିଂ ପାଇଁ ବ୍ୟବସ୍ଥା ହେବ। ବିସ୍ତିର୍ଣ୍ଣ ଖାଲି ଅଞ୍ଚଳ ସହ ବିଭିନ୍ନ ଡିଜାଇନ୍ କରାଯିବ। ଏବେ ସୁଦ୍ଧା ମୁଖ୍ୟ ପ୍ରବେଶ ପଥରେ ଥିବା କୋଠାର ତଳ ମହଲା ସହ ୪ ମହଲା ଏବଂ କଟକ ରୋଡ୍ ପାର୍ଶ୍ୱର ତଳ ମହଲା ସହ ଦୁଇ ମହଲା ବିଲ୍‌ଡିଂ କାର୍ଯ୍ୟ ଶେଷ ହୋଇଛି। ଆଭ୍ୟନ୍ତରୀଣ କାର୍ଯ୍ୟ ଜାରି ରହିଛି। ଉଭୟ ପାର୍ଶ୍ୱର ପ୍ଲାଟ୍‌ଫର୍ମ ଛାତ କାମ ଶେଷ ହେବା, ସମନ୍ୱିତ ଯାତ୍ରୀ ପରିଚାଳନା ବ୍ୟବସ୍ଥା, ଫୁଟ୍‌ଓଭର ବ୍ରିଜ୍ (ଏଫ୍‌ଓବି)ର ପାଖାପାଖି ଅଧାଭାଗ କାର୍ଯ୍ୟ ଶେଷ ହୋଇଛି। ଚଳିତବର୍ଷ ପ୍ରଥମାର୍ଦ୍ଧରେ ଷ୍ଟେସନ୍‌ର ଏକ ନମ୍ବର ପ୍ଲାଟଫର୍ମ ପାର୍ଶ୍ୱ କାର୍ଯ୍ୟ ଶେଷ କରି ପ୍ରଥମ ପର୍ଯ୍ୟାୟରେ ଉଦ୍‌ଘାଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

# ମହାକୁମ୍ଭକୁ ଓଏସ୍‌ଆରଟିସି ବସ୍ ବାତିଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ରାଜ୍ୟ ସଡ଼କ ଓ ପରିବହନ ନିଗମ (ଓଏସ୍‌ଆରଟିସି) ଉତ୍ତରପ୍ରଦେଶର ପ୍ରୟାଗରାଜରେ ଗତ ୧୩ ତାରିଖ ଠାରୁ ଆରମ୍ଭ ହୋଇଥିବା ମହାକୁମ୍ଭ ପାଇଁ ପରିଚାଳିତ ବିଶେଷ ବସ ସେବାକୁ ବାତିଲ କରିଛି । ଏହି ନିଷ୍ପତି ଅପରିହାର୍ଯ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଆ ଯାଇଛି । ଆସନ୍ତା ଫେବ୍ରୁଆରି ୪ ତାରିଖ ଯାଏଁ ଏହି ବସ ସେବା ବାତିଲ ରହିବ ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରୟାଗରାଜରେ ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଏସ୍‌ଆରଟିସିର ନିଷ୍ପତ୍ତି ନିଆଯାଇଛି। ଯେଉଁମାନେ କୁମ୍ଭମେଳା ଯିବା ପାଇଁ ଆଗୁଆ ଟିକେଟ୍ କରିଥିଲେ ସେହି ଲୋକମାନେ ଟଙ୍କା ଫେରସ୍ତ ପାଇଁ ମୋବାଇଲ ନମ୍ବର (୯୯୩୭୫୪୭୭୭୩)କୁ ଯୋଗାଯୋଗ କରନ୍ତୁ ବୋଲି କୁହାଯାଇଛି ।

# ଓଡ଼ିଶାର ପ୍ରତି ଜିଲ୍ଲାରେ ହେବ ସମ୍ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମ୍ ହେଲ୍‌ଥ କେୟାର ସର୍ଭିସେସ୍ ପକ୍ଷରୁ ଏକ ବିସ୍ତୃତ ଯୋଜନା ହାତକୁ ନିଆଯାଇଛି। ତୃଣମୂଳ ସ୍ତରର ଲୋକଙ୍କୁ ସୁଲଭ ତଥା ଗୁଣବତା ବିଶିଷ୍ଟ ସ୍ୱାସ୍ଥ୍ୟ ସେବା ଦେବାକୁ ପ୍ରତି ଜିଲ୍ଲାରେ ଏହି ସଂସ୍ଥା ପକ୍ଷରୁ ୫୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍ ସ୍ଥାପନ କରାଯିବ। ଏହି ପରିପ୍ରେକ୍ଷୀରେ ସଂସ୍ଥା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଗୃହୀତ ହୋଇଛି ବୋଲି ବୁଧବାର ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓ ସ୍ୱାସ୍ଥ୍ୟ ବିଭାଗର କମିସନର କମ୍ ସେକ୍ରେଟାରୀ ଶ୍ରୀମତି ଏସ୍. ଅଶ୍ୱତିଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଥିଲା। ଉଭୟ ପ୍ରାଇମେରୀ ଏବଂ ସେକେଣ୍ଡାରୀ ସ୍ୱାସ୍ଥ୍ୟ ସେବା ସହ ଏହି ହସ୍ପିଟାଲ୍ ଗୁଡ଼ିକରେ ଅତ୍ୟାଧୁନିକ ଡାଇଗ୍ନୋସିସ୍ ଲ୍ୟାବ୍, ବୟୋଜ୍ୟେଷ୍ଠଙ୍କ ଲାଗି ସ୍ୱତନ୍ତ୍ର ଯତ୍ନ, ଫାର୍ମାସୀ, ଟ୍ରମା କେୟାର, ଇମର୍ଜେନ୍ସି ଏବଂ ଫିଜିଓଥେରାପି ସୁବିଧା ପ୍ରଦାନ କରାଯିବ। ଏଥି ନିମନ୍ତେ ୧୦୦୦ କୋଟି ଟଙ୍କାର ନିବେଶ ହେବ ଓ ୯୦୦ ଲୋକଙ୍କ ଲାଗି ସିଧାସଳଖ ଓ ୬୦୦୦ ଲୋକଙ୍କ ନିମନ୍ତେ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସମ୍ ହେଲ୍‌ଥକେୟାରର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ଅନୁରାଗ ନାୟକ ସୂଚନା ଦେଇଛନ୍ତି। ଶ୍ରୀ ନାୟକ କହିଛନ୍ତି ଲୋକେ ସ୍ୱାସ୍ଥ୍ୟ ସେବା ଲାଗି ଭୁବନେଶ୍ୱର ଓ କଟକ ଭଳି ବଡ଼ ସହରଗୁଡ଼ିକ ଉପରେ ନିର୍ଭରଶୀଳ ହେଉଛନ୍ତି। ଲୋକଙ୍କ ନିକଟରେ ଉତମ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଦିଗରେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।

# ହୁ ହୁ ହୋଇ ବଢ଼ିଚାଲିଛି ସୁନା ଦର, ୮୩ ହଜାର ଡେଇଁଲା ସୁନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବଢ଼ିଚାଲିଛି ସୁନାର ଚମକ । ସୁନା ଦାମ୍‌ରେ ଦେଖାଦେଇଥିବା ବୃଦ୍ଧିର ଧାରା ଜାରି ରହିଛି । ହଳଦିଆ ଧାତୁ ଦର ୮୩ ହଜାର ଟଙ୍କା ପାର କରିଛି । ଭୁରାଜନୈତିକ ଅସ୍ଥିରତା ଏବଂ ଅନିଶ୍ଚିତତା ମଧ୍ୟରେ ସୁନାରେ ବଢ଼ିଛି ନିବେଶ । ଏହା ଦରକୁ ଉପରମୁହାଁ କରୁଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୧୭୦ ଟଙ୍କା ବୃଦ୍ଧି ପାଇ ୮୩,୦୨୦ ଟଙ୍କାରେ ପହଞ୍ଚିଛି । ଅନ୍ୟପକ୍ଷରେ, ୨୨ କ୍ୟାରେଟ୍ ସୁନା ଦର ୧୫୦ ଟଙ୍କା ମହଙ୍ଗା ହୋଇଛି । ଫଳରେ ଏହା ୭୬,୧୦୦ ଟଙ୍କାରେ ପହଞ୍ଚିଛି । ଗତ ୩୦ ଦିନ ଭିତରେ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୨୩୦୦ ଟଙ୍କା ବଢ଼ିଛି। କିଲୋଗ୍ରାମ ପିଛା ରୁପା ଦର ୨୦୦୦ ଟଙ୍କା ବଢ଼ିଛି । ଫଳରେ ଏହା ୧,୦୬,୦୦୦ ଟଙ୍କା ହୋଇଥିବା ଜଣାପଡ଼ିଛି । କେବଳ ଓଡ଼ିଶାରେ ନୁହେଁ, ଜାତୀୟ ସ୍ତରରେ ମଧ୍ୟ ସୁନା ମହଙ୍ଗା ହୋଇଛି । ପ୍ରଥମ ଥର ପାଇଁ



ଦିଲ୍ଲୀରେ ସୁନାର ଦାମ୍ ୧୦ ଗ୍ରାମ୍ ପିଛା ଦାମ୍ ୮୩ ହଜାର ୮୦୦ ଟଙ୍କା ସ୍ତରରେ ପହଞ୍ଚିଛି । ସର୍ବଭାରତୀୟ ସରାଫା ସଙ୍ଘ ସୂଚାନୁସାରେ, ରୁପାର କିଲୋପିଛା ଦାମ୍ ୧୧୫୦ ଟଙ୍କା ବୃଦ୍ଧି ପାଇ ୯୪ ହଜାର ୧୫୦ ଟଙ୍କା ହୋଇଛି । ଓଡ଼ିଶାରେ କିନ୍ତୁ, ରୂପା ଦାମ୍ ଜାତୀୟ ହାରଠାରୁ ଯଥେଷ୍ଟ ଉପରେ ରହିଛି । ରୁପା କେଜି ମୂଲ୍ୟ ୨ ହଜାର ଟଙ୍କା ବୃଦ୍ଧି ପାଇ ୧ ଲକ୍ଷ ହଜାର ଟଙ୍କା ହୋଇଛି । ତେବେ ଆମେରିକୀୟ ଡଲାର ଦୁର୍ବଳ ହେବା ଫଳରେ ସୁନା ମୂଲ୍ୟ ବଢ଼ି ସର୍ବାଧିକ ସ୍ତରରେ ପହଞ୍ଚିଛି। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ନେଇ ଅନିଶ୍ଚିତତା ଲାଗିରହିଥିବାବେଳେ ଆମେରିକା ଟ୍ରେଜେରି ୟିଲ୍ଡ କମ୍ ହୋଇଥିବାରୁ ସୁନା ଦାମ୍ ବଢୁଛି ବୋଲି ବିଶେଷଜ୍ଞମାନେ କହିଛନ୍ତି । ଟ୍ରମ୍ପଙ୍କ ଶୁଳ୍କ ପ୍ରହାର ଏବଂ ଦେଶ ପ୍ରଥମ ନୀତି ବିଶ୍ୱ ଅର୍ଥନୀତିକୁ କିଭଳି ପ୍ରଭାବିତ କରିବ ତାହାକୁ ନେଇ ମଧ୍ୟ ନିବେଶକମାନେ ଉଦବିଗ୍ନ ରହିଛନ୍ତି । ସମ୍ଭାବ୍ୟ କ୍ଷତିରୁ ବର୍ତ୍ତିବା ଲାଗି ସେମାନେ ସୁନା ଭଳି ସୁରକ୍ଷିତ ସମ୍ପତ୍ତିରେ ନିବେଶ ଜାରି ରଖିଛନ୍ତି । ସେମାନେ ବିପଦ ଥିବା ସମ୍ପତ୍ତିଠାରୁ ଦୂରେଇ ଯାଉଛନ୍ତି । ଆମେରିକାର ଫେଡେରାଲ୍ ରିଜର୍ଭ ସୁଧ ହାର ଅପରିବର୍ତ୍ତିତ ରଖିବା ମଧ୍ୟ ସୁନା ଦାମ୍‌କୁ ପ୍ରଭାବିତ କରୁଥିବା କୁହାଯାଇଛି ।

# ଶିମିଳିପାଳ ଅଭୟାରଣ୍ୟରେ ଚଢ଼ଉ : ୬୦ ଲକ୍ଷ ଟଙ୍କାର ବେଆଇନ ଅଫିମ ଚାଷ ନଷ୍ଟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟ ଭିତରେ ଚାଲିଛି ବେଆଇନ୍ ଅଫିମ ଚାଷ । ଏ ନେଇ ମୟୂରଭଞ୍ଜ ଏସ୍‌ପିଙ୍କ ଠାରେ ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡର ଉପ ନିର୍ଦ୍ଦେଶକ ସାଇକିରନ୍ ଡି.ଏନ.ଙ୍କ ଅଭିଯୋଗ ପରେ ଆକ୍ସନ ମୋଡରେ ଯଶିପୁର ପୋଲିସ । ଉକ୍ତ ସ୍ଥାନରେ ଚଢ଼ାଉ କରି ଅଫିମ ଚାଷକୁ ନଷ୍ଟ କରାଯାଇଛି । ନଷ୍ଟ କରାଯାଇଥିବା ଅଫିମ ଗଛର ଆନୁମାନିକ ମୂଲ୍ୟ ୬୦ ଲକ୍ଷ ଟଙ୍କା



ହେବ ବୋଲି ଜଣାପଡିଛି। ସୂଚନା ମୁତାବକ, ଶିମିଳିପାଳ ଅଭୟାରଣ୍ୟ ଭିତରେ ବେଆଇନ୍ ଅଫିମ ଚାଷ ହେଉଥିବା ନେଇ ମୟୂରଭଞ୍ଜ ଏସ୍‌ପିଙ୍କ ଠାରେ ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡର ଉପ ନିର୍ଦ୍ଦେଶକ ସାଇକିରନ୍ ଡି.ଏନ.ଙ୍କ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଆକ୍ସନ ମୋଡରେ ପୋଲିସ । କରଞ୍ଜିଆ ଏସ୍‌ଡିପିଓଙ୍କ ନେତୃତ୍ୱରେ ଯଶିପୁର ପୋଲିସ, ଅବକାରୀ ବିଭାଗ, ବନବିଭାଗ ଓ ରାଜସ୍ୱ ବିଭାଗ ଦ୍ୱାରା ମିଳିତ ଚଢ଼ଉ କରାଯାଇଛି। ଏହି ଚଢଉ ବେଳେ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ବରେହିପାଣି ଗ୍ରାମ ପଞ୍ଚାୟତର ବନ୍ଦିରାବସା ଓ ଅସନବଣୀ ଠାରେ ପାଖାପାଖି ଦେଢ଼ ଏକର ଜମିରେ ହୋଇଥିବା ଅଫିମ ଚାଷକୁ ନଷ୍ଟ କରାଯାଇଛି । ନଷ୍ଟ କରାଯାଇଥିବା ଅଫିମ ଗଛର ଆନୁମାନିକ ମୂଲ୍ୟ ୬୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ବର୍ତ୍ତମାନ ସୁଦ୍ଧା ଅଫିମ ଚାଷରେ ସଂପୃକ୍ତ ଥିବା ବ୍ୟକ୍ତି ପୋଲିସ ହାତରେ ଧରା ପଡି ନଥିବା ବେଳେ ଯଶିପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୩ ଫେବୃୟାରୀ୨୦୨୫ ସୋମବାର





## ଟିପିଏନ୍‌ଓଡିଏଲ୍ ଦ୍ୱାରା ୧ହଜାର ୮୮୧ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ




**ବାଲେଶ୍ୱର, ନ୍ୟୁଜ**

ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଡିଏଲ୍)ର ସିଏସ୍‌ଆର ଟିମ୍ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ କମ୍ପାନିର ନିଯୁକ୍ତି ଓ ନିୟୋଜନ କାର୍ଯ୍ୟକ୍ରମ 'ରୋଉନି' ଅଧୀନରେ ଧନ୍ଦାମୂଳକ ତାଲିମ କେନ୍ଦ୍ର, ବାଲେଶ୍ୱରରେ ସଫଳତାର ସହ ତାଲିମ ଶେଷ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟିପିଏନ୍‌ଡିଏଲ୍ ପକ୍ଷରୁ ପାଞ୍ଚଟି ଧନ୍ଦାମୂଳକ ତାଲିମ କେନ୍ଦ୍ର ପରିଚାଳନା କରାଯାଉଛି । ଏହି କେନ୍ଦ୍ରଗୁଡ଼ିକ ମଧ୍ୟରୁ ମୟୂରଭଞ୍ଜରେ ଦୁଇଟି, ବାଲେଶ୍ୱର, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ଗୋଟିଏ ଲେଖାଏଁ କେନ୍ଦ୍ର ରହିଛି । ଏହି କେନ୍ଦ୍ରଗୁଡ଼ିକରେ ପ୍ରଶିକ୍ଷାର୍ଥୀମାନଙ୍କୁ କମ୍ପ୍ୟୁଟର ତାଲିମ, ସିଲାଇ ଓ ଏମ୍ବ୍ରଡୋରି, ଆସିଷ୍ଟାଣ୍ଟ ବିଉଟି ଥେରାପି, ସ୍ପୋକନ୍ ଇଂଲିଶ, ବେସିକ୍ ଇଲେକ୍ଟ୍ରିକାଲ୍ ହୋମ୍ ଆପ୍ଲାଏନ୍‌ସେସ୍, ସିକ୍ୟୁରିଟି ଗାର୍ଡ ଓ ରିଟେଲ୍ ସର୍ଭିସ୍ ଉପରେ ତାଲିମ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ହେଉଛି ଯୁବାବର୍ଗ ଓ ବେରୋଜଗାର ମହିଳାମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରିବା, ଯାହା ଦ୍ୱାରା ସେମାନଙ୍କ ନିଯୁକ୍ତି ପାଇବା କ୍ଷମତାରେ ଉନ୍ନତି ଆସିପାରିବ । ଟିପିଏନ୍‌ଓଡିଏଲ୍ ଦ୍ୱାରା ପରିଚାଳିତ ଏହି ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକ ଶୁଭାରମ୍ଭ ହେବା ପରଠାରୁ ସଫଳତାର ସହ ୧ହଜାର ୮୮୧ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରଯାଇଛି । ସେଥିରୁ ୭୯୫ ଜଣ ଛାତ୍ରଛାତ୍ରୀ ତାଲିମ ପାଇବା ପରେ ଟିସିଏସ୍, ଟେକ ମହିନ୍ଦ୍ରା, ବଜାଜଫାଇନାନ୍ସ ଡିଆଇସି ଓ ଶାହି ଏକ୍ସପୋର୍ଟ ଲିମିଟେଡ୍ ଭଳି କମ୍ପାନିରେ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନ ଏହି କେନ୍ଦ୍ରଗୁଡ଼ିକରେ ୧ ହଜାର ୧୭ ଜଣ ଛାତ୍ରଛାତ୍ରୀ ତାଲିମ ନେଉଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିପିଏନ୍‌ଡିଏଲ୍‌ର ସିଇଓ ଦ୍ୱିଜଦାସ ବସାକ ଓ କଂପାନୀର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ବସାକ ଦକ୍ଷତା ବିକାଶର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକ ସୁଯୋଗକୁ ଦକ୍ଷତାରେ ପରିଣତ କରି ଶିକ୍ଷା ଓ ରୋଜଗାର ମଧ୍ୟରେ ଥିବା ଅନ୍ତର ଦୂର କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କର କଠିନ ପରିଶ୍ରମ ଓ ସମର୍ପଣ ମନୋଭାବ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଦକ୍ଷତା ବିକାଶ ଓ ନିଯୁକ୍ତି ଅଭିଯାନ, ଯୁବ ସମୁଦାୟକୁ ସଶକ୍ତ କରିବାରେ ଟିପିଏନଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି ।

### ପୂର୍ବରୁ ତିଆରି ଆପାର୍ଟମେଣ୍ଟ ବିକ୍ରି ଉପରୁ ହଟିଲା କଟକଣା

# ପୁରୁଣା ଆପାର୍ଟମେଣ୍ଟ କିଣାବିକାକୁ ଅନୁମତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୧୭ ରେରା ଆଇନ ପୂର୍ବରୁ ନିର୍ମାଣ ସରିଥିବା ଆପାର୍ଟମେଣ୍ଟର କିଣାବିକା କରିହେବ । ପୂର୍ବରୁ ଏହା ଉପରେ ଥିବା କଟକଣାକୁ ହଟାଇ ନେଇଛି ନଗର ଉନ୍ନୟନ ବିଭାଗ । ଏହି କଟକଣା ହଟାଯାଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ଏଥିପାଇଁ ବିଜ୍ଞପ୍ତି ଜାରି କରାଯିବା ସହ କିଣାବିକାକୁ ଅନୁମତି ଦେବାକୁ ରାଜସ୍ୱ ବିଭାଗକୁ ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି । ପାର୍ଟ ପ୍ଲଟ୍ ବିକ୍ରିକୁ ଅନୁମତି ଦେବାକୁ ତର୍ଜମା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି । ଗତ ୨୦୨୩ ଜୁନ୍ ମାସ ୨୮ରେ




ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ (୨୦୨୩ ଓଡ଼ିଶା ଅଧିନିୟମ ୭) କାର୍ଯ୍ୟକାରୀ ହୋଇଥିଲା । ବର୍ତ୍ତମାନର ଅଧିନିୟମ ସତ୍ତ୍ୱେ ଯେଉଁ ସବୁ ଆପାର୍ଟମେଣ୍ଟ ୨୦୧୭ ଫେବୃଆରୀ ୨୫ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଛି ସେସବୁ ଆପାର୍ଟମେଣ୍ଟ ପଞ୍ଜୀକରଣ କରାଯାଇପାରିବ । ଏ ସମ୍ବନ୍ଧୀୟ ଅନେକ ଅପିଲ୍ ପଡ଼ି ରହିଛି । ପୁଣି ବିଡିଏ ଓ ବିଏମ୍‌ସିରେ ଓଡ଼ିଶା ଡେଭେଲପମେଣ୍ଟ ଅଥରିଟି ୧୯୮୨ କାର୍ଯ୍ୟକାରିତା ନେଇ ବିଭିନ୍ନ ସମୟରେ ଜାରି ଆଦେଶନାମା ବିରୋଧରେ ଅନେକ ଅପିଲ୍ ପଡ଼ିରହିଛି । ଅପିଲ୍‌ର ତୁରନ୍ତ ଫଇସଲା ପାଇଁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ପଡ଼ି ରହିଥିବା ଏହି ସମସ୍ତ ମାମଲାର ଶୀଘ୍ର ଫଇସଲା ଜରୁରି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି । ସହରକୁ ବିକାଶର କେନ୍ଦ୍ର ଭାବରେ ପରିଣତ କରିବା, ସୃଜନଶୀଳତାର ପୁନଃବିକାଶ, ଜଳ ଓ ପରିମଳ କ୍ଷେତ୍ର ପାଇଁ ଏହି ପାଣ୍ଠି ବିନିଯୋଗ କରିବାକୁ ଲକ୍ଷ୍ୟ ରହିଛି । ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ବ୍ୟାଙ୍କ ଯୋଗ୍ୟ ପ୍ରକଳ୍ପ ମୂଲ୍ୟର ୨୫% ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେବ । ସର୍ତ୍ତ ଅନୁସାରେ ଖର୍ଚ୍ଚର ଅତି କମ୍‌ରେ ୫୦ ପ୍ରତିଶତ ବଣ୍ଡକୁ ବ୍ୟାଙ୍କ ଋଣ ଓ ପିପିପିରୁ ପାଣ୍ଠି ଯୋଗାଇ ଦିଆଯିବ । ୨୦୨୫-୨୬ରେ ୧୦ହଜାର କୋଟି ଟଙ୍କାର ଆବଣ୍ଟନ ପାଇଁ ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ପୁଣି ସହରାଞ୍ଚଳ ଜୀବିକାକୁ ସୁଦୃଢ଼ କରିବାକୁ ଶ୍ରମିକଙ୍କ ସାମାଜିକ- ଆର୍ଥିକ ଉନ୍ନତି ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରାଯିବ । ଏହା ସେମାନଙ୍କ ଆୟ ବଢ଼ାଇବ । ଏହି ଯୋଜନାକୁ ବ୍ୟାଙ୍କରୁ ବର୍ଦ୍ଧିତ ଋଣ ପ୍ରଦାନ କରାଯିବ ।

## ବନ୍ଧୁକ ଦେଖାଇ ବାଇକ ସହ ୭୦ହଜାର ଲୁଟ୍

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଧର୍ମଶାଳାଥାନା ଅନ୍ତର୍ଗତ ଜେନାପୁର ନାକପୋଲ ରସ୍ତାର ଇମମାମନଗର ନିକଟରେ ଜଣେ ଫାର୍ମା କର୍ମଚାରୀଙ୍କ ଠାରୁ ବନ୍ଧୁକ ଦେଖାଇ ତାଙ୍କ ବାଇକ, ବ୍ୟାଗସହ ନଗଦ ୭୦ହଜାର ଟଙ୍କା ଲୁଟିନେଇଛନ୍ତି । ସୂଚନା ଅନୁଯାୟୀ ଜାରକାର ଜଣେ ଫାର୍ମାକର୍ମଚାରୀ ରଞ୍ଜିତସେଠୀ ଡୁବୁରି ଅଞ୍ଚଳରୁ ଟଙ୍କା ଆଦାୟକରି ଜାରକା ଫେରୁଥିଲେ । ତାଙ୍କୁପଛରୁ ପଲସର ବାଇକରେ ୨ଜଣ ଆସି ବନ୍ଧୁକ ଓ ଛୁରୀ ଦେଖାଇ ତାଙ୍କ ବାଇକ ଓ ଟଙ୍କା ଥିବା ବ୍ୟାଗ ଛଡାଇ ନେଇଥିଲେ । ଦୁର୍ବୃତ୍ତମାନେ ନିଜେ ଆଣିଥିବା ପଲସର ବାଇକ ଓଡି -୩୪-୪୭୭୭କୁ ସେଠାରେ ଛାଡିଦେଇ ପଳାଇଛନ୍ତି । ଘଟଣାସ୍ଥଳରେ ଧର୍ମଶାଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।



## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: ଜେଲ୍ ଗଲେ ବଣାଇ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ବଣାଇ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିଶ୍ୱଦର୍ଶୀ ସାହୁ ଜେଲ୍ ଯାଇଛନ୍ତି । ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରେ ତାଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୁନ୍ଦରଗଡ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଶ୍ରୀ ସାହୁ ନିଜର ଆୟ ଉତ୍ସଠାରୁ ୩୧୮% ଅଧିକ ସଂଗ୍ରହ କରିଥିବା ଆକଳନ କରାଯାଇଛି । ଲକ୍ଷ ଲକ୍ଷ କଳା ଟଙ୍କା ଜମାକରୁଥିବାରୁ ଶ୍ରୀ ସାହୁ ବେଶ୍ ବିଳାସମୟ ଜୀବନ ଅତିବାହିତ କରୁଥିଲେ । ହାତରେ ପିନ୍ଧୁଥିଲେ ୩ ଲକ୍ଷ ଟଙ୍କାର ଦାମୀ ଘଣ୍ଟା । ଏମିତି ଗୋଟିଏ କି ଦୁଇଟି ନୁହେଁ, ସାଢ଼େ ୭ ଲକ୍ଷ ଟଙ୍କାର ୧୦ଟି ହାତଘଣ୍ଟା ବ୍ୟବହାର କରୁଥିଲେ । ପାଦରେ ପିନ୍ଧୁଥିଲେ ୪ ହଜାରରୁ ଅଧିକ ଟଙ୍କାର ଚପଲ । ପିନ୍ଧୁଥିବା ପୋଷାକପତ୍ର ମଧ୍ୟ ସେମିତି ଥିଲା । ଧରା ପଡ଼ିଯିବାର ଭୟ ଥିବାରୁ କଳା ଟଙ୍କାରେ ଭୁବନେଶ୍ୱର, ବାଲେଶ୍ୱରରେ ଦାମୀ ଫ୍ଲାଟ୍, ଭୁବନେଶ୍ୱର ଓ ପୁରୀରେ ୯ଟି ଦାମି ପ୍ଲଟ୍ କିଣିଛନ୍ତି । ଶ୍ରୀ ସାହୁ ନିଜର ଆୟ ଉତ୍ସଠାରୁ ୩୧୮% ଅଧିକ ସଂଗ୍ରହ କରିଥିବା ଆକଳନ କରାଯାଇଛି । ଲକ୍ଷ ଲକ୍ଷ କଳା ଟଙ୍କା ଜମାକରୁଥିବାରୁ ଶ୍ରୀ ସାହୁ ବେଶ୍ ବିଳାସମୟ ଜୀବନ ଅତିବାହିତ କରୁଥିଲେ । ହାତରେ ପିନ୍ଧୁଥିଲେ ୩ ଲକ୍ଷ ଟଙ୍କାର ଦାମୀ ଘଣ୍ଟା । ଏମିତି ଗୋଟିଏ କି ଦୁଇଟି ନୁହେଁ, ସାଢ଼େ ୭ ଲକ୍ଷ ଟଙ୍କାର ୧୦ଟି ହାତଘଣ୍ଟା ବ୍ୟବହାର କରୁଥିଲେ । ରେ ପିନ୍ଧୁପାଦଥିଲେ ୪ ହଜାରରୁ ଅଧିକ ଟଙ୍କାର ଚପଲ । ପିନ୍ଧୁଥିବା ପୋଷାକପତ୍ର ମଧ୍ୟ ସେମିତି ଥିଲା । ଧରା ପଡ଼ିଯିବାର ଭୟ ଥିବାରୁ କଳା ଟଙ୍କାରେ ଭୁବନେଶ୍ୱର, ବାଲେଶ୍ୱରରେ ଦାମୀ ଫ୍ଲାଟ୍, ଭୁବନେଶ୍ୱର ଓ ପୁରୀରେ ୯ଟି ଦାମି ପ୍ଲଟ୍ କିଣିଛନ୍ତି ।

## ବ୍ୟାପକ ଚୋରା ମଦ ଜବତ ୪ କୋର୍ଟ ଚାଲାଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ଚୋରା ମଦ ବିକ୍ରି ହେଉଥିବାର ଅଭିଯୋଗ ପାଇବାପରେ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଟାଉନ୍‌ଥାନା ଅନ୍ତର୍ଗତ ବଡହାଟଠାରେ ମାନା ମହାରଣା, ସଦରଥାନା ଗୁଲନଗରର ଜଳଧର ସେଠୀ, ଖଣ୍ଡସାହିର ସତ୍ୟାନନ୍ଦ ବେହେରା ଏବଂ ହନ୍ତପଡାର ସନାତନ ଦାସ ପ୍ରଭୃତିଙ୍କୁ ଗିରଫ କରି ଏମାନଙ୍କ ନିକଟରୁ ରନ୍ଧା ଦେଶୀ ବିଦେଶୀ ଦୁଇ ଶହ ଲିଟରରୁ ଉର୍ଦ୍ଧ୍ୱ ଚୋରା ମଦ ଜବତ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏମାନଙ୍କର ଜାମିନ୍ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ଅତିରିକ୍ତ ଜିଲ୍ଲାପାଳଙ୍କ ସହ ବିଜେପି ପ୍ରତିନିଧି ମଣ୍ଡଳୀଙ୍କ ଆଲୋଚନା : ଆହାର କେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ରାଉଲକେଲା ସରକାରୀ ଡାକ୍ତରଖାନା ନିକଟରେ ଥିବା ଆହାର କେନ୍ଦ୍ରକୁ ବିଜେପିର ଏକ ପ୍ରତନିଧି ମଣ୍ଡଳୀ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଆହାର କେନ୍ଦ୍ରକୁ ପରିଦର୍ଶନ କରି କିଛିଦିନ ତଳେ ଆହାର କେନ୍ଦ୍ର କାହିଁକି ବନ୍ଦ ହୋଇଛି ସେ ବିଷୟରେ କଥାବାର୍ତ୍ତା କରିବାକୁ ଯାଇ ଥିଲେ । ଏହାପରେ ପ୍ରତିନିଧି ଦଳ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିବା ପରେ ଆହାର କେନ୍ଦ୍ର ପୁନଃ



କାର୍ଯ୍ୟକ୍ଷମ ହୋଇ ପାରିଛି । ଏଥି ନେଇ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲ୍ଲା ଉପସଭାପତି ସରୋଜ କୁମାର ଦାସ, ଜିଲ୍ଲା କୋଷାଧକ୍ଷ ମନୋଜ କୁମାର ମାହେଶ୍ୱରୀ ଆହାର କେନ୍ଦ୍ର ଯାଇ ବୁଲି ଦେଖି ଥିଲେ । ଏହା ପୁନଃ କାର୍ଯ୍ୟକ୍ଷମ ହୋଇଥିବାରୁ ଆନନ୍ଦ ପ୍ରକାଶ କରିବା ସହିତ ନିଜେ ବିଧାୟକ ଓ ନେତୃ ମଣ୍ଡଳୀ ଟିକେଟ କାଟି ଆହାର ଭୋଜନ କରୁଥିବା ଲୋକଙ୍କ ସହିତ ବସି ଭୋଜନ କରିଥିଲେ । ଏହାର ତୁରନ୍ତ କାର୍ଯ୍ୟକ୍ଷମ ହୋଇ ଥିବାରୁ ପ୍ରତିନିଧି ଦଳ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଲାଭାର୍ଥିଙ୍କ ମନରେ ଆନ୍ଦର ଲହରୀ ଖେଳି ଯାଇଥିଲା ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇ ଛନ୍ତି ।

## କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା

**କଟକ, ନ୍ୟୁଜ ବ୍ୟୁରୋ**



କଟକ ଜିଲ୍ଲା ବିଜେପିର ନୂତନ ସଭାପତି ସୁକାନ୍ତ ବିଶ୍ୱାଳଙ୍କୁ ହିନ୍ଦୁ ଏକତା ମଞ୍ଚ ଓ ସୁଲୋଚନା ସେବା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଦଳୀୟ କର୍ମୀଙ୍କ ସହିତ ଏକ ବିଶାଳ ରାଲିରେ ବିଶ୍ୱାଳଙ୍କୁ କଟକ ନଗର ବିଜେପି ପକ୍ଷରୁ ସ୍ୱାଗତ କରାଯାଇଥିବା ବେଳେ ବାଦାମବାଡ଼ି ସ୍ଥିତ ଗଣେଷ ମନ୍ଦିର ନିକଟରେ ତାଙ୍କୁ ସମ୍ବର୍ଦ୍ଧିତ କରଯାଇଛି । ସମାଜସେବୀ ସୁଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ହିନ୍ଦୁ ଏକତା ମଞ୍ଚ ଓ ସୁଲୋଚନା ସେବା ସଂଘର ସଭ୍ୟ ମାନେ ଉପସ୍ଥିତ ରହି ବିଶ୍ୱାଳଙ୍କୁ ଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦିଲ୍ଲିପ ଖୁଣ୍ଟିଆ, ଗଣେଶ ବାରିକ, କୁନାଲ୍ ବାରିକ୍, ସୁକାନ୍ତ ବାରିକ୍, ମନୋଜ ପାତ୍ର, ପ୍ରଦୀପ ବାରିକ୍, ହେମନ୍ତ ଘୋଷ, ଜ୍ୟୋତି ନାୟକ ନିରଞ୍ଜନ ରାଉତ, ସୁରଜ ନାୟକ ପ୍ରଶାନ୍ତ ବାରିକ୍, ବାବୁନା ରାଉତ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବିଶ୍ୱାଳଙ୍କୁ ଶୁଭେଚ୍ଛା ଜଣାଇଲେ ।

## ସମାଧାନ ହୋଇନଥିବା ଅଭିଯୋଗ ଗୁଡିକର ସମୀକ୍ଷା :ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଦରବାରହଲ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, କେନ୍ଦୁଝରରେ ଲୋକଙ୍କ ଅଭିଯୋଗ ଉପରେ ସମାଧାନ ହୋଇନଥିବା ଅଭିଯୋଗଗୁଡିକ ଉପରେ ଏକ ସମୀକ୍ଷା ବୈଠକ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟ ଜନଶୁଣାଣୀ ଅଧିକାରୀ ଇଂ ହିମାଂଶୁ ଶେଖର ସାହୁ,ସ୍ୱତନ୍ତ୍ର ଅଭିଯୋଗ ଅଧିକାରୀ ଶରତ ଚନ୍ଦ୍ର ବାରିକ, ଆସିଷ୍ଟାଣ୍ଟକଲେକ୍ଟର ସରୋଜ ମଲ୍ଲିକଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ



ରହିଥିଲେ । ଏହି ସମୀକ୍ଷା ବୈଠକରେ ସମାଧାନ ହୋଇନଥିବା ଅଭିଯୋଗ ଉପରେ ତ୍ୱରିତ ଶୁଣାଣୀ କରି ଲୋକଙ୍କୁ ନ୍ୟାୟ ଦେବାକୁ ମୁଖ୍ୟ ଜନଶୁଣାଣୀ ଅଧିକାରୀ ହିମାଂଶୁ ଶେଖର ସାହୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ମାସ ୧୦ ତାରିଖ ମଧ୍ୟରେ ଏହାର ରିପୋର୍ଟ ଦେବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ,କେନ୍ଦୁଝର ଠାରେ ଆସୁଥିବା ଲୋକଙ୍କ କେତେକ ଅଭିଯୋଗ ସମାଧାନ ହୋଇନାହିଁ ସେ ସମ୍ପର୍କରେ ଆଲୋଚନ କରାଯାଇ ତ୍ୱରିତ ନ୍ୟାୟ ଦେବାକୁ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୩୪ଟି, ସଦର ତହସିଲଦାର ୩୧ଟି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ୮ଟି, କେନ୍ଦୁଝରଗଡ ପୌରପାଳିକାରେ ୮ଟି ଅଭିଯୋଗର ସମାଧାନ ହୋଇନାହିଁ । ଏଥିସହ ଅନ୍ୟ ବିଭାଗରେ ରହିଥିବା ଅଭିଯୋଗ ଉପରେ ଆଲୋଚନା କରାଯାଇ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ମଣ୍ଡୁଆସ୍ଥିତ ବାସଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସପ୍ତାହରେ ୩ ଦିନ ଖୋଲାରହୁଛି । ମଙ୍ଗଳବାର, ଗୁରୁବାର ଏବଂ ଶୁକ୍ରବାର ଦିନ ଲୋକଙ୍କ ଅଭିଯୋଗ ରଖାଯାଉଛି । ଜିଲାସ୍ତରରେ ଥିବା ଅଭିଯୋଗ ଉପରେ ଜିଲାସ୍ତରରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି ଏବଂ ରାଜ୍ୟସ୍ତରରେ ଥିବା ଅଭିଯୋଗ ପତ୍ର ଉପରେ ଭୁବନେଶ୍ୱରସ୍ଥ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପଠାଯାଉଛି ।

### ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆରମ୍ଭ

## ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରବାକୁ ଜିଲ୍ଲାପାଳଙ୍କ ଅପିଲ



**ରାଉରକେଲା ନ୍ୟୁଜ ବ୍ୟୁରୋ**

ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲୀଶ୍ରୀ ଓ ଖାଦ୍ୟମେଳା ଆରମ୍ଭ ହୋଇଛି । ଏହି ମେଳା ଆସନ୍ତା ୭ ଫେବୃଆରୀ ପର୍ଯ୍ୟନ୍ତ ଭଞ୍ଜଭବନ ନିକଟସ୍ଥ ପ୍ରଦର୍ଶନୀ ପଡିଆ, ସେକ୍ଟର ୫ ରେ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାର ଯୋଗଦାନ କରିବାକୁ ଜିଲ୍ଲାପାଳ ମନୋଜ ମହାଜନ ରାଉରକେଲା ଜନସାଧାରଣଙ୍କୁ ଅପିଲ କରିଥିଲେ । ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ ଏହି ପ୍ରଦର୍ଶନୀ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ, ଓରମାସ, ରାଉରକେଲା ମହାନଗର ନିଗମ ଏବଂ ଜିଲ୍ଲା ପ୍ରଶାସନ, ସୁନ୍ଦରଗଡ ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଛି । ଏହି ମେଳାରେ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲୀଶ୍ରୀ ମେଳା ଓ ଖାଦ୍ୟ ମେଳା ପାଇଁ ୨୦୦ ଷ୍ଟଲ ଲାଗିଛି । ସେଥିମଧ୍ୟରୁ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ୧୦୦ ଟି ଷ୍ଟଲ । ପଲ୍ଲୀଶ୍ରୀ ମେଳା ପାଇଁ ୮୦ ଟି ଷ୍ଟଲ ଓ ଖାଦ୍ୟ ମେଳା ପାଇଁ ୨୦ ଟି ଷ୍ଟଲ ଲାଗିଛି । ଏହା ବ୍ୟତୀତ ଫାୟର, ପୋଲିସ ଓ ମେଡିକାଲ ଲାଗି ବି ଷ୍ଟଲ ଲାଗିଛି । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହସ୍ତଶିଳ୍ପ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ କରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ତଥା ବିକ୍ରୟ ହେଉଛି । ହସ୍ତଶିଳ୍ପ ପ୍ରଦର୍ଶନୀ ଓ ପଲ୍ଲୀଶ୍ରୀ ମେଳା ପ୍ରତ୍ୟେକ ଦିନ ସକାଳ ୧୦ ଘଟିକାରୁ ରାତ୍ରି ୧୦ ଘଟିକା ଯାଏଁ ଚାଲୁଛି । ଖାଦ୍ୟ ମେଳା ସଂଧ୍ୟା ୫ ଘଟିକାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ଚାଲୁଛି ଏବଂ ପ୍ରତିଦିନ ସଂଧ୍ୟା ୬ ଘଟିକାରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com


**ଉଦୟକାଳୀନ ଗ୍ରହଚକ୍ର**





**ତା୩।୨।୨୦୨୫, ମାଘ ଦି୨୧ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୬।୨୧।୫୮ **ଚନ୍ଦ୍ରୋଦୟ-** ଦିଘ ୯।୩୮।୧୩


**ପଞ୍ଚମୀ-** ପ୍ରାଘ ୬।୫୩ ପର୍ଯ୍ୟନ୍ତ । ଷଷ୍ଠୀ କ୍ଷ ଦିଘ ୪।୩୮ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ରାଘ ୧୧।୧୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୧୧।୧୭ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ରାଘ ୧୧।୧୭ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ପ୍ରାଘ ୬।୫୩ ପରେ ନିମ ଦିଘ ୪।୩୮ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଦିଘ ୭।୪୮ ମଧ୍ୟେ, ଦିଘ ୧୦।୫୫ ଗତେ ଘ ୧।୦୭ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଶ୍ରୀପଞ୍ଚମୀ, ରଥକାଠ ଅନୁକୂଳ, ପ୍ରୟାଗରେ କୁମ୍ଭ ମହାସ୍ନାନ ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।




**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।




**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।




**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।




**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୪।୨।୨୦୨୫, ମାଘ ଦି୨୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୬।୨୧।୩୭ **ଚନ୍ଦ୍ରୋଦୟ-** ଦିଘ ୧୦।୧୮।୦୮

**ସପ୍ତମୀ-** ରାଘ ୨।୩୧ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର** - ରାଘ ୯।୫୦ ପର୍ଯ୍ୟନ୍ତ । **ମେଷଚନ୍ଦ୍ର-** ଅହୋରାତ୍ର । ଚନ୍ଦ୍ରଶୁଦ୍ଧି- ମିଥୁନ, କର୍କଟ, ସିଂହ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୧୧।୧୭ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୨।୩୧ ପରେ ନଡିଆ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୩ ଗତେ ଘ ୧୦।୫୩ ମଧ୍ୟେ, ଦିଘ ୦୪।୧୨ ଗତେ ଘ ୪।୫୧ ମଧ୍ୟେ । **ପର୍ବୋତ୍ସବ-** ମାଘ ସପ୍ତମୀ, ଚନ୍ଦ୍ରଭାଗାବୁଡ, ଖଣ୍ଡଗିରି ମେଳା ଆରମ୍ଭ, ବିଦଗ୍ଧ କବି ଅଭିମନ୍ୟୁ ଜୟନ୍ତୀ, ଆଦିକବି ଶାରଳା ଦାସ ଶ୍ରାଦ୍ଧ, ଅତିବଡିଙ୍କ ପୂର୍ଣ୍ଣତିଥି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି। ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି। ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା। ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି। ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି। ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି। ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି। ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି। କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି। ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା। ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି। ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)
(କ୍ରମଶଃ)

# ଜୟ ମା' ହଂସବାହିନୀ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ମାଘ ଶୁକ୍ଳ ପଞ୍ଚମୀ - ଶ୍ରୀପଞ୍ଚମୀ। ଏଇ ପବିତ୍ର ତିଥିରେ ଦେବୀ ବୀଣାପାଣିଙ୍କର ପୂଜୋତ୍ସବ। ଦେବୀ ବିଦ୍ୟାଦାୟିନୀ, ଜଡ଼ତା ହାରିଣୀ, କାବ୍ୟ କଳାର ଆଦ୍ୟାଶକ୍ତି। ସେ ସକଳ ଜ୍ଞାନ, ଚେତନା ଶକ୍ତିର ଉଦ୍ରେକକାରିଣୀ। ତାଙ୍କରି ଆରାଧନାରେ ଦିନଟି ଉତ୍ସବ ମୁଖର। ମନୋଜ୍ଞ ପରିବେଶ। ନବ ବସନ୍ତର ପହିଲି ଛୁଆଁ। ପ୍ରକୃତି ରାଣୀର ଅପୂର୍ବ ଆଭାବିଭା। ବାଡ଼ି ବଗିଚାରେ ଜାତି ଜାତି ପୁଷ୍ପର ସମାହାର। ସକଳ ସୌନ୍ଦର୍ଯ୍ୟ, ସକଳ ପୂର୍ଣ୍ଣତା, ତା'ରି ମଧ୍ୟରେ ମା' ଅଭିଷିକ୍ତା। ତାଙ୍କରି ପାଦପଦ୍ମରେ ଜଗତବାସୀଙ୍କ ଭକ୍ତିପୂତ ନୈବେଦ୍ୟ। ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ସହର ବଜାର, ଦୂରିଆ ଦୂରିଆ ମଫସଲୀ ଗାଁ। ସର୍ବତ୍ର ଦେବୀଙ୍କର ପୂଜାରାଧନା। କେବଳ ଭାରତ ବର୍ଷ ନୁହେଁ; ଭାରତ ବାହାରେ ମଧ୍ୟ ସରସ୍ୱତୀ ପୂଜା ପାଳିତ। ସେଇ ମହାଶକ୍ତିଙ୍କ ସମ୍ପର୍କରେ ଚଣ୍ଡୀରେ ବର୍ଣ୍ଣିତ - "ବିଦ୍ୟାଃ ସମସ୍ତାସ୍ତ ଚ ଦେବିଭେଦଃ /ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ / ତ୍ୱ ନୌ କାୟା ପୁରିତମ୍ - ସ୍ୱୟୈତତ୍ / କାତେ ସ୍ତୁତିଃ ସ୍ତବ୍ୟ ପରା ପରୋକ୍ତିଃ।" ଅର୍ଥାତ୍ ଦେବୀ ସକଳ ବିଦ୍ୟାଧାତ୍ରୀ, ସକଳ ଶକ୍ତିର ଆଧାର। ସେ ସର୍ବତ୍ର ପରିବ୍ୟାପ୍ତା। ଦେବୀଙ୍କ ବିନା ବିଶ୍ୱରେ କୌଣସି ସତ୍ତା ଉପଲବ୍ଧି ହୁଏନା। ଶାସ୍ତ୍ରରେ ତ୍ରିଶକ୍ତି କଥା ବର୍ଣ୍ଣିତ - (୧) ମହାକାଳୀ,(୨) ମହାଲକ୍ଷ୍ମୀ, (୩) ମହାସରସ୍ୱତୀ। ଏମାନେ ଆଦ୍ୟାଶକ୍ତି। ଲକ୍ଷ୍ମୀ ଧନଧାନ୍ୟ ପ୍ରଦାୟିନୀ, ମହାକାଳୀ ସକଳ ଶକ୍ତିର ଉତ୍ସ। ମହାସରସ୍ୱତୀ ସକଳ ଜ୍ଞାନ, ବିବେକର, ଅଧିକାରିଣୀ। ଦେବୀ ସରସ୍ୱତୀଙ୍କ ପୂଜା ବୈଦିକ ଯୁଗରୁ ଅନୁସୃତ। ତାଙ୍କ ସମ୍ପର୍କରେ ବେଦ, ବେଦାନ୍ତ, ଉପନିଷଦ ତଥା ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣିତ।

ବେଦରେ ଦେବୀଙ୍କ ବନ୍ଦନା ପରିଲକ୍ଷିତ। ତନ୍ମଧ୍ୟରେ ସରସ୍ୱତୀ ବନ୍ଦନା ସର୍ବାଗ୍ରେ। ସରସ୍ୱତୀ ମହାଶକ୍ତିର ଉତ୍ସ। ଏ କଥାଟି ଋଗ୍ବେଦରେ ବର୍ଣ୍ଣିତ। ସେଇ ସରସ୍ୱତୀ ନିରାକାର, ନିର୍ଗୁଣ, ନିର୍ମାୟା, ଆଦ୍ୟାଶକ୍ତି। ତାଙ୍କୁ ମାତା ରୂପେ; ଅନ୍ୟତ୍ର ନଦୀରୂପେ ଗ୍ରହଣ କରାଯାଏ - "ଅମ୍ବିତମେ ନଦୀ ତୁମେ / ଦେବୀ ତମେ ସରସ୍ୱତୀ / ଅପ୍ରଶସ୍ତ ଇବ ସ୍ୱାମି/ ପ୍ରଶସ୍ତି ମମ ନିଷ୍କୃତି।" ସରସ୍ୱତୀ (ସ୍ୱତଃ + ବତୀ) ଅର୍ଥାତ୍ ଯାହାଙ୍କର ପ୍ରସରଣ ଅଛି। ଅଜ୍ଞାନ ଅନ୍ଧକାର, ତା'ରି ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢ଼ାଇ ନିଅନ୍ତି। ସେ ହେଲେ ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ। ବଶିଷ୍ଠ, ଭରଦ୍ୱାଜ ଆଦି ମୁନି ଋଷିମାନେ, ସରସ୍ୱତୀ ସେମାନଙ୍କ ପାଇଁ ନଦୀ ସଦୃଶା। ଜ୍ଞାନରୂପକ ନଦୀସ୍ରୋତରେ ଅବହଗାହିତ ଋଷିମାନେ। ପାଇଛନ୍ତି ଭୂମାନନ୍ଦ। ସେଇଥିପାଇଁ ଦେବୀ ସରସ୍ୱତୀ ସ୍ରୋତସ୍ୱିନୀ। ସେ ପ୍ରଜ୍ଞାରୂପକ ପୁଣ୍ୟ ଜଳରାଶିର ଉଚ୍ଛ୍ୱାସ। ଅତିକ୍ରମ କରିବାରେ ସହାୟକ ସମସ୍ତ ବନ୍ଧୁର ବିଘ୍ନରାଜିକୁ। ପୁନଶ୍ଚ ଦେବୀ 'ସୁସମା ସରସ୍ୱତୀ'। ସେ ସୁନିୟନ୍ତ୍ରଣ କାରିଣୀ। ସ୍ଥୁଳ ଅନୁଭୂତିରୁ ସୂକ୍ଷ୍ମାତିସୂକ୍ଷ୍ମ ଅଧ୍ୟାତ୍ମ ଚେତନା ଉପଲବ୍ଧି। ତାହାର ସୁନିୟନ୍ତ୍ରଣ କାରିଣୀ ସ୍ୱୟଂ ଦେବୀ। ବେଦର ଏହି ଜଟିଳ ନିଗୂଢ଼ ତତ୍ତ୍ୱ। ଏହାରି ଉପରେ ଆଧାରିତ ପୁରାଣ, ଶାସ୍ତ୍ରରେ ଦେବୀ ବର୍ଣ୍ଣନା। ସରସ୍ୱତୀ କନ୍ୟା, ବ୍ରହ୍ମା ତାଙ୍କର ପିତା ରୂପେ ପରିକଳ୍ପିତ, ସୃଷ୍ଟି ଆଦ୍ୟକାଳ ପ୍ରସଙ୍ଗ। ବ୍ରହ୍ମା ଜନ୍ମଦେଲେ ସରସ୍ୱତୀଙ୍କୁ। ସେ ତାଙ୍କର ମାନସ କନ୍ୟା। ଏ ପ୍ରସଙ୍ଗଟି ମଧ୍ୟ ଅନେକତ୍ର କଥିତ। ତାଙ୍କରି ମାଧ୍ୟମ, ବ୍ରହ୍ମା ସୃଷ୍ଟିର ସମସ୍ତ ସ୍ଥାବର, ଜଙ୍ଗମ ତଥା ଜୀବ ସୃଷ୍ଟି କଲେ। ଲକ୍ଷ୍ମୀ, ସରସ୍ୱତୀ - ଉଭୟ ବିଷ୍ଣୁଙ୍କର ପତ୍ନୀ। ଏ କଥାଟି ପୁରାଣକାରମାନେ ଲେଖିଲେ। ଧନଦାୟିନୀ, ଐଶ୍ୱର୍ଯ୍ୟଦାୟିନୀ କମଳା। ସରସ୍ୱତୀ ବିଦ୍ୟାଦାୟିନୀ। ବିଶ୍ୱକର୍ମା ଅର୍ଥାତ୍ ବିଶ୍ୱବିଧାତାଙ୍କ ସୃଷ୍ଟି। ଗୋଟିଏ ପଟେ ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ, ଅନ୍ୟ ଦିଗରେ ପ୍ରସରଣ ଶୀଳା ମଧୁମୟୀ ବାଗ୍ ବା ଭାଷା। ଏହି ଭାଷା ହିଁ ସରସ୍ୱତୀ। ଋଗ୍ବେଦରେ ବର୍ଣ୍ଣିତ ବିଭିନ୍ନ ଦେବୀ ପ୍ରସଙ୍ଗ। ସେମାନଙ୍କ ମଧ୍ୟରେ ରାତ୍ରି, ପୃଥିବୀ, ସରସ୍ୱତୀ ପ୍ରଧାନ। ପୁନଶ୍ଚ ସରସ୍ୱତୀ ନଦୀ ରୂପେ ପରିକଳ୍ପିତା। ଗଙ୍ଗା, ଯମୁନା ନଦୀର ସାଙ୍ଗରେ ସରସ୍ୱତୀ ଗୁପ୍ତ ଭାବେ ପ୍ରବାହିତା। ସରସ୍ୱତୀ ଦେବୀ, ନଦୀ - ଉଭୟ ଭାବେ ପରିଚିତା। ଏକଥାଟି ଋଗ୍ବେଦରେ ସୁସ୍ପଷ୍ଟ। ସରସ୍ୱତୀ ନଦୀ, ଏକଦା ଥିଲା ଏହା ଆର୍ଯ୍ୟାବର୍ତ୍ତ ଆଉ ବ୍ରହ୍ମାବର୍ତ୍ତ ସୀମା। ସରସ୍ୱତୀ ନଦୀର ଜଳ ଅତି ପବିତ୍ର। ଏହାରି ପ୍ରଭାବ, ଆର୍ଯ୍ୟମାନେ ରଚନା କଲେ ଋଗ୍ବେଦ। ଏ କଥାଟି ଶାସ୍ତ୍ର ସମ୍ମତ। ଯଜୁର୍ବେଦରେ ମଧ୍ୟ ସରସ୍ୱତୀଙ୍କ ବର୍ଣ୍ଣନା ରହିଛି। ଦେବୀ ଧନଦା, ବିଶ୍ୱପାଳନୀ ଭାବେ ଚିତ୍ରିତ। ରାଜଶେଖରଙ୍କ ପ୍ରଣୀତ 'ମୀମାଂସା' ଗ୍ରନ୍ଥ। ସରସ୍ୱତୀ ତୁଷାର ପର୍ବତରେ ପୁତ୍ର ପ୍ରାପ୍ତି ପାଇଁ ପ୍ରାର୍ଥନା କଲେ। କାବ୍ୟପୁରୁଷଙ୍କୁ ପୁତ୍ର ରୂପେ ପାଇଲେ। ସେ ଏକଥାଟି ଲେଖିଲେ ଆଚାର୍ଯ୍ୟ ଦଣ୍ଡୀ। ତାଙ୍କ ପାଇଁ ସରସ୍ୱତୀ ସର୍ବଶୁକ୍ଳା। ଏକଥା ସେ ଲେଖିଲେ।

ଯୁଗେଯୁଗେ ଆଦ୍ୟାଶକ୍ତିଙ୍କ ଆରାଧନା। ଦୁରାଚାରୀ ରାକ୍ଷସଗଣ। ସେମାନଙ୍କର ଦୌରାତ୍ମ୍ୟ ଅସହ୍ୟ। ଦେବତାମାନେ ବି ବାଦ୍ ପଡ଼ନ୍ତିନି। ମହାଶକ୍ତି ଦେବୀଙ୍କୁ ପ୍ରାର୍ଥନା କରି ଶକ୍ତିପ୍ରାପ୍ତ ହୁଅନ୍ତି। ଦାନବ ନିଧନ ସମ୍ଭବ ହୁଏ। ଏଭଳି ନଜିର ଅନେକ ପୁରାଣରେ। ବ୍ରହ୍ମା ମଧୁକୈଟବ ହାତରୁ, ମହାଦେବ ତ୍ରିପୁରାସୁର ଠାରୁ, ଇନ୍ଦ୍ର ଦୁର୍ବାଶାଙ୍କ ଅଭିଶାପରୁ, ଶ୍ରୀରାମ ରାବଣ ଠାରୁ - ଏ ସମସ୍ତ ଦେବତା ରକ୍ଷା ପାଇଲେ। ତାହା ଦେବୀଙ୍କ କୃପାରୁ ସମ୍ଭବ ହେଲା। ସ୍ୱୟଂ ଶ୍ରୀକୃଷ୍ଣ ଅର୍ଜୁନ ରଥର ସାରଥି। କୁରୁବଳ ବିଧ୍ୱଂସ ହେବେ। ପରାମର୍ଶ ଦେଲେ। ଅର୍ଜୁନ ଦେବୀସ୍ତୋତ୍ର ପାଠକଲେ। ସେଇ ଦେବୀଙ୍କ ଠାରେ ଜଗତବାସୀଙ୍କ ଶରଣ। ତାଙ୍କରି ଆଶୀର୍ବାଦ, ଜୀବର ପରମଗତି ପ୍ରାପ୍ତି ହୁଏ।

ବାଗ୍ଦେବୀଙ୍କ ଉପାସନା ବହୁ ପ୍ରାଚୀନ। ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ଏହା ଉପଲବ୍ଧ। ଅଜନ୍ତା ଏଲୋରାଠାରୁ ମିଳିଛି ଏକ ସରସ୍ୱତୀ ମୂର୍ତ୍ତି। ଗୋଟିମୂର୍ତ୍ତି ବୁଦ୍ଧଦେବଙ୍କ ଅବଲୋକିତେଶ୍ୱର, ଅନ୍ୟଟି ମଞ୍ଜୁଶ୍ରୀ ଅବଲୋକିତ ସ୍ୱର ସଦୃଶ ଅବସ୍ଥାପିତ। ବଙ୍ଗଳାଦେଶରୁ ମିଳିଥିଲା ଏକ ସରସ୍ୱତୀ ମୂର୍ତ୍ତି। ଦେବୀଙ୍କ ଦୁଇ ହାତରେ ବୀଣା। ଅନ୍ୟ ଦୁଇହସ୍ତ, ଗୋଟିକରେ ରୁଦ୍ରାକ୍ଷମାଳା, ଅନ୍ୟଟିରେ ପୁସ୍ତକ। ତାଞ୍ଜୋରର ବୃହଦୀଶ୍ୱର ମନ୍ଦିରରେ ଖୋଦିତ ସରସ୍ୱତୀ ମୂର୍ତ୍ତି। ଦେବୀ ପଦ୍ମାସୀନା। ଦକ୍ଷିଣ ହସ୍ତଟି କାଳକ୍ରମେ ବିଧ୍ୱସ୍ତ। ଦେବୀଙ୍କ ବାମହସ୍ତ ବାମ ଜଂଘ ଉପରେ ଏକ ପାଣ୍ଡୁଲିପି। ଚୋଳ ରାଜତ୍ୱ ସମୟର ଏହି ମୂର୍ତ୍ତି। ଦେବୀଙ୍କ ଦୁଇ ପାର୍ଶ୍ୱରେ ଦୁଇ ସହଚରୀ। ସେମାନଙ୍କ ହାତରେ ଚାମର। ଦେବୀଙ୍କ ମସ୍ତକରେ ମୂଲ୍ୟବାନ ଅଳଙ୍କାର ମଣ୍ଡିତ ଏକ ଛତ୍ରଯୁକ୍ତ ମୁକୁଟ। ଛତ୍ର ଉପରେ ଏକ ବୃକ୍ଷ। ଇଣ୍ଡିଆନ୍ ହିଷ୍ଟୋରିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍। ୧୧୦୦ ଖ୍ରୀ.ଅ.ର ସରସ୍ୱତୀଙ୍କ ଏକ ପିତଳ ମୂର୍ତ୍ତି ସେଠାରେ ଗଚ୍ଛିତ। ଲଳିତାସନ ଭଙ୍ଗୀ, ଚତୁର୍ବାହୁ ଯୁକ୍ତା। ଦେବୀଙ୍କର ଉଭୟ ପାର୍ଶ୍ୱ। ଜଳପାତ୍ର ଧାରିଣୀ ପରିଚାରିକା ଦଣ୍ଡାୟମାନା। ମଧ୍ୟଯୁଗର ବୀଣାବାଦନ କରୁଥିବା ଏକ ଅସମ୍ପୂର୍ଣ୍ଣ ଚତୁଃହସ୍ତ ଯୁକ୍ତା ମୂର୍ତ୍ତି। ହଂସ ଦେବୀଙ୍କ ବାହନ। ଏଇ ମୂର୍ତ୍ତିଟି ବ୍ରିଟିଶ ମ୍ୟୁଜିୟମ୍‌ରେ ସ୍ଥାନିତ। ବୋଗ୍ରା ଜିଲ୍ଲାର ଛତିନ୍ ଗ୍ରାମ। ସେଠାରୁ ମିଳିଛି ଲଳିତାସନ ମୁଦ୍ରାରେ ଏକ ସରସ୍ୱତୀ ମୂର୍ତ୍ତି। ଜିଲ୍ଲାଟି ଉତ୍ତର ବଙ୍ଗ ଅନ୍ତର୍ଭୁକ୍ତ। ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଖିଚିଂ, ଦଶମ ଶତାବ୍ଦୀର ଏକ ସରସ୍ୱତୀ ମୂର୍ତ୍ତି ସେଠାରେ ଦେଖିବାକୁ ମିଳେ। ମଥୁରାରୁ ପ୍ରାପ୍ତ ଏକ ସରସ୍ୱତୀ ମୂର୍ତ୍ତି, ଏହା ଭାରତର ସର୍ବପ୍ରାଚୀନ। ଖ୍ରୀ.ଅ. ୧୩୨ରେ ମୂର୍ତ୍ତିଟି ମିଳିଥିଲା। ମାତା ସରସ୍ୱତୀ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ମୁଦ୍ରାରେ ପୂଜିତା। କେଉଁଠି ସେ ଶୁଭ୍ରବର୍ଣ୍ଣା, ଶ୍ୱେତ ପଦ୍ମାସନା, ତାଙ୍କର ଏକ ହସ୍ତରେ ଲେଖନୀ, ଅନ୍ୟ ହାତରେ ପୁସ୍ତକ। ଅନ୍ୟତ୍ର ଦେବୀ ଚତୁର୍ଭୁଜା। ହାତରେ ପଦ୍ମ, ବୀଣା, ପୁସ୍ତକ, ଅକ୍ଷମାଳା। ସ୍କନ୍ଧ ପୁରାଣରେ ସରସ୍ୱତୀ ଭିନ୍ନ ରୂପେ ବର୍ଣ୍ଣିତ। ଦେବୀଙ୍କ ଜଟା ମୁକୁଟ, ମୁକୁଟରେ ଚନ୍ଦ୍ରକଳା, ତ୍ରିନୟନା, ନୀଳଗ୍ରୀବା। ଦେବଦେବ ମହାଦେବଙ୍କର ଏ ରୂପ। ଏଥି ସହ ସାମଞ୍ଜସ୍ୟ, ଦେବୀଙ୍କର ଏକ ବିଶେଷତ୍ୱ।

ହିନ୍ଦୁ ଶାସ୍ତ୍ରରେ ବିଦ୍ୟାଦାୟିନୀଙ୍କର ବହୁବିଧ ବର୍ଣ୍ଣନା। ଦେବୀ କେବଳ ହିନ୍ଦୁଧର୍ମରେ ସୀମିତ ନୁହନ୍ତି। ବୌଦ୍ଧ, ଜୈନ - ଏ ଦୁଇ ଧର୍ମରେ ମଧ୍ୟ ପରିଚିତା। ମଥୁରା ନିକଟସ୍ଥ ଜୈନସ୍ତୂପ କଙ୍କାଳିତିକା। ସେଠାରୁ ମିଳିଲା ଏକ ସରସ୍ୱତୀ ମୂର୍ତ୍ତି। ଜୈନମାନେ ସରସ୍ୱତୀଙ୍କୁ ଉପାସନା କରୁଥିଲେ। ସେଇ ମୂର୍ତ୍ତିଟି ତା'ର ପ୍ରମାଣ। ବୌଦ୍ଧ ଧର୍ମାବଲମ୍ବୀମାନେ ମଧ୍ୟ ସରସ୍ୱତୀଙ୍କ ଉପାସକ। ବୌଦ୍ଧଧର୍ମଶାସ୍ତ୍ର 'ସାଧନାମାଳା'। ସରସ୍ୱତୀ ଜ୍ଞାନ, ବୁଦ୍ଧି ପ୍ରଦାନକାରିଣୀ। ଉକ୍ତ ଶାସ୍ତ୍ରରେ ଏକଥାଟି ବର୍ଣ୍ଣିତ। ଏଇ ଶାସ୍ତ୍ରାନୁଯାୟୀ ସରସ୍ୱତୀ ଚତୁଃରୂପା - (୧) ମହାସରସ୍ୱତୀ, (୨) ବଜ୍ରବୀଣା ସରସ୍ୱତୀ, (୩) ବଜ୍ର ଶାରଦା, (୪) ବଜ୍ର ସରସ୍ୱତୀ। ବୌଦ୍ଧଧର୍ମ ଉପରେ ତନ୍ତ୍ରର ପ୍ରଭାବ ଅତିସ୍ପଷ୍ଟ। ଜ୍ଞାନ, ବୁଦ୍ଧିମତାର ବୌଦ୍ଧଦେବୀ - ପ୍ରଜ୍ଞାପାରମିତା। ସମୟ କ୍ରମେ ସେ ସରସ୍ୱତୀ ରୂପେ ପୂଜିତା। ଭାରତ ବାହାରେ, ଏପରିକି ତିବ୍ବତ, ଚୀନ୍, ଜାପାନରେ ମଧ୍ୟ ସରସ୍ୱତୀଙ୍କ ଉପାସନା କରାଯାଏ।

ଶ୍ରୀପଞ୍ଚମୀରେ ସକଳ ଶ୍ରୀ, ସମ୍ପଦ ପ୍ରାପ୍ତ ହୁଏ। ବିଦ୍ୟାଦାୟିନୀ ସରସ୍ୱତୀଙ୍କ ଉକ୍ତଦିନ ଉପାସନା। ବିଶେଷକରି ଶିକ୍ଷାନୁଷ୍ଠାନଗୁଡ଼ିକ ଉତ୍ସବ ମୁଖର। ଶ୍ୱେତ ପଦ୍ମାସନା ସରସ୍ୱତୀ, ଅନତିଦୂରରେ ବାହନ ମରାଳ। କେତେକ କ୍ଷେତ୍ରରେ ଦେବୀ ପଦ୍ମ ଅବା ହଂସ ଉପରେ ବିରାଜମାନା। ଅନେକତ୍ର ମୟୂର ଅବା ସପ୍ତଫେଣୀ ନାଗୁଣୀ ଉପରେ ମା'ଙ୍କ ବିଜେ। ଏହା ବୈଦିକ ମତେ ଗ୍ରହଣୀୟ। ଶ୍ରୀପଞ୍ଚମୀରେ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତି ଉପାସିତା। ବିଘ୍ନନାଶନ ଶ୍ରୀ ଗଣେଶ, ଆଦିତ୍ୟାଦି ନବଗ୍ରହ - ଏମାନଙ୍କୁ ମଧ୍ୟ ସରସ୍ୱତୀଙ୍କ ସହ ଆରାଧନା କରାଯାଏ। ଏ ପୂଜା ଦିନଟି ଶାସ୍ତ୍ର ସମ୍ମତ - "ମାଘେ ମାସି ଶୀତେ ପକ୍ଷେ ପଞ୍ଚମୀ ମା ପ୍ରିୟଃ ପ୍ରିୟା / ତସ୍ୟାଚ ପୂର୍ବାହ୍ନ ଏତବହ କୁର୍ଯ୍ୟାତ୍ ସାରସ୍ୱତୋ ଉତ୍ସବ।"

ଓଡ଼ିଶାର ବଡ଼ ଠାକୁର ଶ୍ରୀଜଗନ୍ନାଥଙ୍କ ବିଜେ ଶ୍ରୀମନ୍ଦିରରେ। ସରସ୍ୱତୀ ପୂଜା ଦିନ ମନ୍ଦିରରେ ବିଶେଷ ନୀତିକାନ୍ତି। ପୌଷଶେଷ, ପ୍ରଭୁ ନୀଳାଦ୍ରି ବିହାରୀଙ୍କ ଶୀତବସ୍ତ୍ର ପରିତ୍ୟାଗ। ଲାଗି କରାଯାଏ ଗୈରିକ ବସନ। ଗୌରବର୍ଣ୍ଣ ବସନ୍ତ ଋତୁ ତଥା ବ୍ରହ୍ମଚାରୀର ଲକ୍ଷଣ। ଭୋଗ ବିଳାସ ନୁହେଁ, ସଂଯମର ଜୀବନ ଯାପନ। ମହାପ୍ରଭୁଙ୍କ ବେଶରୁ ଏ କଥାଟି ଶିକ୍ଷଣୀୟ। ପ୍ରଭୁଙ୍କୁ ସାତ୍ତ୍ୱିକ ନୈବେଦ୍ୟ ଲାଗି। ହେଙ୍ଗୁ ମିଶ୍ରିତ ହରଡ଼ଗୁଣ୍ଡି ପିଷ୍ଟକ ଶ୍ରୀଜୀଉମାନଙ୍କର ମଣୋହି। ଶ୍ରୀମନ୍ଦିରରେ ବସନ୍ତ ଉତ୍ସବ ସହ 'ବେଣ୍ଟଯାତ୍ରା'। ଚାଲେ ଦୋଳ ଯାଏ। ବେଣ୍ଟଯାତ୍ରା ପ୍ରଭୁଙ୍କର ଶିକାର ଯାତ୍ରା। ପ୍ରଭୁ ରାମଚନ୍ଦ୍ରଙ୍କ ବନବାସ ଯାତ୍ରା ଏହି ସମୟରେ। ଜଗନ୍ନାଥଙ୍କ ପ୍ରତିନିଧି ଭାବେ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହ। ବୁଢ଼ାଲୋକଙ୍କ ଠାରୁ ନିଅନ୍ତି ବାଉଁଶର ଧନୁବାଣ, ଜଗନ୍ନାଥବଲ୍ଲଭକୁ ତାଙ୍କର ଗମନ। ବେଣ୍ଟକଳସ ପୁଷ୍ପରେ ବିମଣ୍ଡିତ। ସେଠାରେ ବେଣ୍ଟ ପୋଖରୀ। ମୃଗ ଭାବରେ ନଡ଼ିଆ, କସ୍ତୁରୀ ପୁଡ଼ିଆ ରଖା ଯାଇଥାଏ। ଠାକୁର ତାକୁ ବାଣ ସଂଯୋଗ କରନ୍ତି। ବସନ୍ତ କାଳ ଶ୍ଳେଷ ବୃଦ୍ଧିକାରକ, ପାକାଗ୍ନିକୁ ଦୂଷିତ କରେ। ଏଥିପାଇଁ ଲଘୁପାକ ଖାଦ୍ୟଗ୍ରହଣ ଲୋଡ଼ା। ଏକଥାଟି ଚିକିତ୍ସା ଶାସ୍ତ୍ର 'ଚରକ ସଂହିତା'ରେ ଉଲ୍ଲିଖିତ। ଏଇଥିପାଇଁ ସମ୍ଭବତଃ ମହାପ୍ରଭୁଙ୍କୁ ବସନ୍ତ ପିଷ୍ଟକ ଲାଗି କରାଯାଏ।

ସରସ୍ୱତୀଙ୍କ ଅପାର କରୁଣା। ତାଙ୍କ ଉପାସନା ତିଥି ବହୁ କୃତି ସାହିତ୍ୟିକଙ୍କ ଜନ୍ମଦିବସ। ଶ୍ରୀପଞ୍ଚମୀ କବିସୂର୍ଯ୍ୟଙ୍କ ଜନ୍ମତିଥି (୧୭୮୯)। ଓଡ଼ିଆ ସଂସ୍କୃତ ସାହିତ୍ୟରେ ତାଙ୍କର ଅଭୂତପୂର୍ବ ଦକ୍ଷତା। 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ତାଙ୍କର ରସାଳ ଛନ୍ଦୋବଦ୍ଧ ସୃଷ୍ଟି। ତାହା ଜନମନୋହାରୀ। ନାରାୟଣ ନନ୍ଦ ଅବଧୂତ ସ୍ୱାମୀ, ସଂସ୍କୃତ କାବ୍ୟ ସାହିତ୍ୟର ମଉଡ଼ମଣି କାଳିଦାସ। ଏମାନେ ସରସ୍ୱତୀଙ୍କ କୃପାରୁ ସୁଖ୍ୟାତି ସମ୍ପନ୍ନ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଜନ୍ମ ଶ୍ରୀପଞ୍ଚମୀରେ। ରୀତି ସାହିତ୍ୟର ସେ ଅନନ୍ୟ ସ୍ରଷ୍ଟା, ଯଶସ୍ୱୀ କବି ମଧ୍ୟ।

ବାଗ୍ଦେବୀ ସରସ୍ୱତୀଙ୍କ କରୁଣା। ପଙ୍ଗୁ ଗିରି ଲଂଘେ, ମୂକ ବାଚାଳ ପାଲଟେ। ମୂର୍ଖ କାଳିଦାସମାନେ ମହାକବିରେ ପରିଣତ ହୁଅନ୍ତି। ତାଙ୍କରି କରୁଣା ଊଣା, ଫୁଟିବନି ଭାଷା କମଳିନୀ। ଭାଷା ସାହିତ୍ୟ ମ୍ଳାନ ପଡ଼ିବ। ସେ ଦୀନ ଖେଦରେ ଲେଖିଲେ କବିବର ରାଧାନାଥ - "ଦେବୀ ବୀଣାପାଣି! / କେଉଁ ପାପ ଫଳେ / କରୁଣ ତୋହର ଊଣା ଏ ଉତ୍କଳେ? ସ୍ୱଭାବେ ଉତ୍କଳ ଶୋଭାର ନିଧାନ / ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ / ବିନୁ ସିନା ମାତା ହୋଇଛି ବିବଶା / ଭଜିଛି ଅରଣ୍ୟ - ପ୍ରସୂନର ଦଶା।" ବିଦ୍ୟାଦାତ୍ରୀ ମାତାଙ୍କର ଆଜି ଉପାସନା, ମଠ, ପୀଠ, ମନ୍ଦିର, ଶିକ୍ଷାନୁଷ୍ଠାନ, ସର୍ବତ୍ର ଭାକ୍ତିକ ପରିବେଶ। ଘଣ୍ଟଘଣ୍ଟାର ଅପୂର୍ବ ଧ୍ୱନି। ଉଚ୍ଛୁଳୁଛି ଜନଜୀବନ। ବିଶ୍ୱବାସୀ ସେଇ ମା'ଙ୍କ ନିକଟରେ ନତଜାନୁ। ଭକ୍ତିରେ ଗାଉଛନ୍ତି - "ଯା କୁନ୍ଦେନ୍ଦୁ ତୁଷାରହାରଧବଳା ଯା ଶ୍ୱେତ ପଦ୍ମାସନା / ଯା ବୀଣା ବରଦଣ୍ଡ ମଣ୍ଡିତ କରା, ଯା ଶୁକ୍ଳ ବସ୍ତ୍ରାନ୍ୱିତା / ଯା ବ୍ରହ୍ମାଚ୍ୟୁତ ଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା / ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜାଡ୍ୟାପହା।" ଜ୍ଞାନପିପାସୁ ଆର୍ଯ୍ୟ ଋଷିକୁଳ, ସେଦିନ ଆବାହନ କରିଥିଲେ ମା'ଙ୍କୁ ଅନୁପମ ସ୍ତୋତ୍ରରେ। ଶ୍ରୀପଞ୍ଚମୀ, ଦେବୀଙ୍କ ଆବିର୍ଭାବ। ରସସିକ୍ତ ଭାକ୍ତିକ ପରିବେଶ। ଭକ୍ତ-ମନ-ଚାତକ-ପ୍ରାଣ-ତୃଷ୍ଣା ମେଣ୍ଟେ। ମିଳେ ଅନିର୍ବଚନୀୟ ଆନନ୍ଦ।

# ମନଖୋଲି ହସନ୍ତୁ , ସୁସ୍ଥ ରହନ୍ତୁ



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ. - ୮୦୧୮୮୭୫୩୩୫

ହସ ଗୋଟିଏ ଔଷଧ, ଏହାକୁ ମୁହଁରେ ଫୁଟାଇବାକୁ ପଇସା ପଡେନାହିଁ। ମାତ୍ର ହସି ହସାଇ ପାରିଲେ ରାଗ, ଅଭିମାନ, ଅସନ୍ତୋଷ ଓ ଦୁଶ୍ଚିନ୍ତା ଭଳି ବଡ ବଡ ରୋଗକୁ ସହଜରେ ଦୂର କରି ଦିଆଯାଇପାରେ। ଅପରନ୍ତୁ ଆଜିକାଲିର ଅସହିଷ୍ଣୁତା, ସ୍ୱାର୍ଥପରତା, ପରଶ୍ରୀକାତରତା ଓ ଅଶାନ୍ତିଭରା ସମାଜରେ ଜଣେ ଜଣକୁ ହସାଇ ପାରିବା ଏକ ମହତ କାର୍ଯ୍ୟ ବୋଲିବାକୁ ହେବ। ହସି ହସାଇବା ଏକ କଷ୍ଟକର କାର୍ଯ୍ୟ ନୁହେଁ। ମାତ୍ର ଦୁଃଖର ବିଷୟ ଆଜିକାଲି କାହାରି ମୁହଁରେ ଈଶ୍ୱର ଦତ୍ତ ଏହି ଅମୂଲ୍ୟ ସଂପଦ 'ହସ ଟିକିଏ' ଦେଖିବାକୁ ମିଳୁନାହିଁ। ଆଜିର ମଣିଷ ଶହ ଶହ ଏକର ଜମିର ଅଧିକାରୀ ହେବା ସହିତ, ଦାମିକା ମୋଟର ଗାଡି, ସୁରମ୍ୟ ପ୍ରାସାଦ, ବ୍ୟାଙ୍କ ବାଲାନ୍ସ, ପିଲାମାନଙ୍କର ବିଦେଶରେ ଚାକିରି ଓ ମାସକୁ ଚାରି/ପାଞ୍ଚ ଲକ୍ଷ ଟଙ୍କା ରୋଜଗାର ଭଳି ଐଶ୍ବର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଭିତରେ ରହୁଥିଲେହେଁ ମୁହଁରେ ଟିକିଏ ହସ ନାହିଁ କାହିଁକି ?

ବିସ୍ତାରିତ ହସଦ୍ୱାରା ଆମ ଶରୀରର ସମସ୍ତ ତନ୍ତ୍ର ଓ କ୍ରିୟାର ଶୋଧନ ହୋଇ ରକ୍ତ ସଂଚାର ବଢିଯାଏ, ସ୍ନାୟୁତନ୍ତ୍ର ସୁଦୃଢ ହୁଏ ଯଦ୍ୱାରା ଅନେକ ରୋଗ ମନକୁ ମନ ଭଲ ହୋଇଯାଇଥାଏ। ଦୈନିକ ୧୫ ରୁ ୨୦ ମିନିଟ ଦୃତ ନିଶ୍ୱାସ ସହିତ ମନଖୋଲା ହସିପାରିଲେ ହୃଦରୋଗ, ଥଣ୍ଡା, କାଶ , ଶ୍ୱାସ, ପେପ୍ଟିକ ଅଲସର, ଅନିଦ୍ରାଜନିତ ରୋଗ, ଏଲର୍ଜି, ମନର ଉଦାସୀନତା ଓ ସ୍ନାୟୁ ରୋଗରେ ଉପଶମ ମିଳିଥାଏ। ମଜାର କଥାହେଉଛି ହସିବା ପାଇ କିଛି ଚତୁରତା କିମ୍ବା ଉପକରଣର ଆବଶ୍ୟକ ହୋଇ ନ ଥାଏ। ସକାଳୁ ଉଠି ଖୋଲା ମନରେ ନିଜର ଚତୁଃପାଶ୍ୱକୁ ଚାହିଁ ଦେଖନ୍ତୁ, ଈଶ୍ୱରଙ୍କ ସୃଷ୍ଟିକୁ ଅନୁଭବ କରନ୍ତୁ- ହସ ଓ ଆନନ୍ଦର ଅନେକ 'ମାଗଣା ଉପକରଣ' ଆପଣ ପାଇଯିବେ । କାରଣ ଈଶ୍ୱର ଆମର ଖୁସି ଓ ଆନନ୍ଦ ପାଇଁ ଅଜସ୍ର ଉପାଦାନ ଅଜାଡି ଦେଇଛନ୍ତି । ଟିକିଏ ମନ ଲଗାଇ ଖୋଜନ୍ତୁ, ପାଇଯିବେ । ସେଥିପାଇଁ ହସର କ୍ଲବ ଯିବାର ଆବଶ୍ୟକତା ନାହିଁ

ଏଇମିତି ଜଣେ ହସକୁରା ଯୁବକର ଜୀବନ କାହାଣୀ, ଯିଏ ହସ ବିକି ପେଟ ପୋଷୁଥିଲା। ଏହା ସତ୍ୟ ଘଟଣା। ବହୁତ ଦିନ ତଳେ ଯୁକ୍ତରାଷ୍ଟ୍ର ଆମେରିକାର କ୍ଲିଭଲାଣ୍ଡରେ 'ରିଚାର୍ଡ' ନାମକ ଜଣେ ୩୭ ବର୍ଷୀୟ ଯୁବକ ଥିଲା। ସେ ଶିକ୍ଷିତ, ସଚ୍ଚରିତ୍ର, ପରିଶ୍ରମୀ ଓ ସାଧୁ ପ୍ରକୃତିର ଯୁବକ ହୋଇଥିଲେ ହେଁ ନିଜର ଏକମାତ୍ର ବଦ୍‌ଗୁଣ ହେତୁ କୌଣସି ଚାକିରି ବା ଠିକା କାମରେ ଦୀର୍ଘଦିନ ତିଷ୍ଠିପାରୁ ନଥିଲା। ତା'ର ବଦ୍‌ଗୁଣଟି ହେଲା 'ହସିବା'। ସେ ନିଜେ ସବୁବେଳେ ହସୁଥିଲା ଓ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ହସାଉଥିଲା। ସେଥିପାଇଁ ଅନ୍ୟମାନଙ୍କ କାର୍ଯ୍ୟରେ ବାଧାସୃଷ୍ଟି ଅଭିଯୋଗରେ ତାକୁ କାର୍ଯ୍ୟରୁ ଅନ୍ତର କରି ଦିଆଯାଉଥିଲା। ରିଚାର୍ଡ଼ ପୁନର୍ବାର ଅନ୍ୟ ସ୍ଥାନରେ ଚାକିରି ଖୋଜୁଥିଲା। ଏଭଳି ବାରମ୍ବାର ଘଟୁଥିବାରୁ ରିଚାର୍ଡ଼ ସ୍ଥିର କଲା ଯେ ସେ ଆଉ ଚାକିରି କରିବ ନାହିଁ। ତେବେ କରିବ କ'ଣ ? ବଂଚିବ କେମିତି ? କିଛି କୂଳକିନାରା ନ ପାଇ ଘୁରି ବୁଲୁଥିବା ବେଳେ ଦିନେ ରିଚାର୍ଡ଼ ସହିତ ତା'ର ଜନୈକ ପୁରାତନ ସହକର୍ମୀଙ୍କର ଦେଖାହେଲା। ବେରୋଜଗାରୀ ଓ ଅର୍ଥାଭାବର କଷ୍ଟ ଭିତରେ ଘାଣ୍ଟି ହେଉଥିବା ରିଚାର୍ଡ଼ର ହସ ହସ ମୁହଁ ଓ ହସକଥା ଶୁଣି ବନ୍ଧୁଜଣକ ଖୁବ୍ ହସିଲେ। ବିଦାୟ ନେଲାବେଳେ ଥଟ୍ଟାରେ କହିଗଲେ, 'ରିଚାର୍ଡ଼, ତୁମେ ଏଇ ହସର ବ୍ୟବସାୟ କରୁନ କାହିଁକି ? ଭଲ ରୋଜଗାର ହେବ ।'

ବନ୍ଧୁଙ୍କର ଏହି ଖାମଖିଆଲି ପରାମର୍ଶ ରିଚାର୍ଡ଼ର ମନ ଉପରେ ଗଭୀର ପ୍ରଭାବ ପକାଇଲା। ଭାବିଚିନ୍ତି ସେ ନିଜର ବ୍ୟବସାୟ ଆରମ୍ଭ କଲା । ରାସ୍ତାକଡ଼ ଫୁଟପାଥ୍‌ରେ ଗୋଟିଏ ସାଇନ୍‌ବୋର୍ଡ଼ ମାରିଦେଲା। ସେଥିରେ ଲେଖାଥିଲା, 'ଏଠାରେ ଖୁବ୍ ଶସ୍ତାଦରରେ ହସ ବିକ୍ରି ହୁଏ । ମୂଲ୍ୟ ମାତ୍ର ୫୦ ସେଣ୍ଟ। ଅଧିକ ମଜାଦାର ଓ ସ୍ପେଶାଲ ହସକଥା ପାଇଁ ୫୦ ଡଲାର ଦେବାକୁ ପଡ଼ିବ।'

ସେହିଦିନ ଠାରୁ ରିଚାର୍ଡ଼ ଅର୍ଥ ବିନିମୟରେ ଗ୍ରାହକମାନଙ୍କୁ ସୁନ୍ଦର ସୁନ୍ଦର ହସକଥା କହେ। ତା' କଥା ଭିତରେ ଆମେରିକା ପ୍ରେସିଡେଣ୍ଟଙ୍କ ଠାରୁ ଆରମ୍ଭ ହୋଇ ସଦ୍ଦାମ ହୁସେନଙ୍କ ପ୍ରଶାସନ ଏବଂ ଭିନ୍ନ ଭିନ୍ନ କିସମର ପ୍ରେମକାହାଣୀ ଇତ୍ୟାଦି ଭରି ରହିଥାଏ। ଶ୍ରୋତାମାନେ ଶୁଣନ୍ତି। ରିଚାର୍ଡ଼ର କଥା ଶୁଣି ହସନ୍ତି। କେବଳ ହସକଥାରେ ଶ୍ରୋତାମାନଙ୍କୁ ମନୋରଞ୍ଜନ କରି ସକାଳେ ୪ ଘଣ୍ଟା ଓ ସଂଧ୍ୟାରେ ଚାରି ଘଣ୍ଟାର ପରିଶ୍ରମ ବିନିମୟରେ ସେ ଦିନକୁ ୨୦ ରୁ ୨୫ ଡଲାର ପର୍ଯ୍ୟନ୍ତ ଅର୍ଥ ରୋଜଗାର କରିଥାଏ। ସେଥିରେ ସେ ଆରାମରେ ଚଳିଯାଏ । ମାତ୍ର ତା'ର ଦୁଃଖ, ତାର ହସକଥା ଶୁଣି ୫୦ ଡଲାର ଦେଲାଭଳି ଜଣେ ହେଲେ ଗ୍ରାହକ ଏଯାଏଁ ଜୁଟି ନାହାନ୍ତି।

ଥରେ ଗୋଟିଏ ଟିଭି କମ୍ପାନୀ ତରଫରୁ ରିଚାର୍ଡ଼ର ଇଣ୍ଟରଭ୍ୟୁ ନିଆଯାଉଥାଏ। ପ୍ରଶ୍ନ କରୁଥିବା ସୁନ୍ଦରୀ ଯୁବତୀ 'ଏଲିନା' କାର୍ଯ୍ୟକ୍ରମ ଶେଷ ଆଡ଼କୁ ହସି ହସି ପଚାରିଲେ, 'ଆଚ୍ଛା, ତୁମେ ତ ପ୍ରତିଦିନ ଏଇମିତି ଶହ ଶହ ହସକଥା କହୁଛ। ତେବେ ତୁମ ପାଖରେ ଏତେ ଗୁଡ଼ାଏ ହସକଥାର 'ଷ୍ଟକ' ଆସୁଛି କେଉଁଠୁ ?' ଏଲିନାଙ୍କ କଥା ଶୁଣି ରିଚାର୍ଡ଼ ଗମ୍ଭୀର ସ୍ୱରରେ କହିଲା 'ମ୍ୟାଡ଼ାମ୍, ଏଇଟା ମୋର ବିଜିନେସ୍ ସିକ୍ରେଟ। କାହାକୁ କହିବେନି ବୋଲି ପ୍ରତିଶ୍ରୁତି ମିଳିଲେ, ମୁଁ କହିବି।' ଏଲିନା ପ୍ରତିଶ୍ରୁତି ଦେଲେ।

ରିଚାର୍ଡ଼ କହିଲା, 'ଏଇଟା କିଛି ବଡ଼କଥା ନୁହେଁ। ମୋଠାରୁ ହସକଥା ଶୁଣି ଅନେକ ଗ୍ରାହକ ଏଭଳି ବିଭୋର ହୋଇପଡନ୍ତି ଯେ ସେମାନେ ନିଜେ ନିଜେ ଅନେକ ହସ କଥା କହିପକାନ୍ତି। ସେ ସବୁ ମୁଁ ଶୁଣି ମନେରଖି ଅନ୍ୟ ଗ୍ରାହକମାନଙ୍କୁ ଶୁଣାଏ।'ଏହାହିଁ ମୋର ବିଜନେସ ସିକ୍ରେଟ। ଏ କଥା ଶୁଣି ଏଲିନା ଠୋ ଠୋ ହୋଇ ହସି ଉଠିଲେ। ସେ ଏତେ ଜୋରରେ ହସିଲେ ଯେ ରାସ୍ତା କଡ଼ରେ ବହୁ ଲୋକ ଜମା ହୋଇଗଲେ। ରିଚାର୍ଡ଼ କହିଲା,'ମ୍ୟାଡ଼ାମ୍ ! ମୋ କଥାଶୁଣି ଏତେ ଜୋର୍‌ରେ କେହି ହସି ନଥିଲେ। ଏଇଟା ମୋର ସ୍ପେଶାଲ ହସ କଥା। ତେଣୁ ମୋ ପାଉଣା ୫୦ ଡଲାର ଦିଅନ୍ତୁ। ରିଚାର୍ଡ଼ଙ୍କ ଠାରୁ ପ୍ରଥମ ସ୍ପେଶାଲ ହସକଥା ଶୁଣି ପେଟଚିପି ହସି ହସି ଗଡ଼ି ଯାଉଥିଲେ 'ଏଲିନା'।

ରିଚାର୍ଡ଼ କିନ୍ତୁ ଏହି ପ୍ରଥମ ଗ୍ରାହକଙ୍କ ଠାରୁ 'ସ୍ପେଶାଲ ହସକଥା'ର ପାଉଣା ପଚାଶ ଡଲାର ଆଦାୟ ନ କରି ଛାଡ଼ି ନଥିଲେ।

# ସଡକ ସୁରକ୍ଷା ସ୍ଲୋଗାନ ନୁହେଁ ସଂକଳ୍ପ ହେଉ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଏ ସୃଷ୍ଟିରେ ମଣିଷକୁ ଶ୍ରେଷ୍ଠପ୍ରାଣୀ ଭାବେ ବିବେଚନା କରାଯାଉଛି । ମଣିଷ ଜୀବନ ଦୁର୍ଲଭ ଅଟେ । ସେ ସୁସ୍ଥ ସୁନ୍ଦର ଜୀବନ ଅତିବାହିତ କରିବା ପାଇଁ କରିଛି ଅନେକ ନୀତି ନିୟମ । ମଣିଷ ଉଚ୍ଚ ଆଶା ପୋଷଣକରି ପ୍ରତି ମୁହୂର୍ତ୍ତରେ ଅଣ ନିଃଶ୍ୱାସୀ ହୋଇ ଦୌଡୁଛି । ପ୍ରତି କ୍ଷେତ୍ରରେ ଚାଲିଛି ପ୍ରତିଯୋଗିତା ।ଏହି ଦ୍ରୁତ ପ୍ରତିଯୋଗିତାରେ ମଣିଷ ନିଜେ ତିଆରି କରିଥିବା ନୀତି ନିୟମକୁ ଭୁଲିଯାଉଛି । ଯାହାଦ୍ୱାରା ଅଧିକାଂଶ ସମୟରେ ବିପଦର ସମ୍ମୁଖୀନ ହେଉଛି। ଆମେ ସମସ୍ତେ 'ସଡକ ସୁରକ୍ଷା ଜୀବନ ରକ୍ଷା' ସ୍ଲୋଗାନ ଦେଉଛେ ଜନସଚେତନତା ସୃଷ୍ଟି ପାଇଁ । କିନ୍ତୁ ଆମେ କେତେ ସଚେତନ ତାହା ଏବେ ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ । ସଡକ ସୁରକ୍ଷା ସପ୍ତାହ ଓ ସଡକ ସୁରକ୍ଷା ମାସ ପାଳନ ଦ୍ୱାରା ସଡକ ଦୁର୍ଘଟଣା ହ୍ରାସ ବଦଳରେ ବୃଦ୍ଧି ପାଇବାରେ ଲାଗୁଛି । ଏବଂ ସଡକ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ମଧ୍ୟ ବଢିଚାଲିଛି । ସାରା ଦୁନିଆରେ ସଡକ ଦୁର୍ଘଟଣାରେ ହେଉଥିବା ମୃତ୍ୟୁ ମାମଲାରେ ଭାରତ ଆଗରେ ରହିଛି । ଆକୋ ଦ୍ୱାରା ଜାରି ଆକ୍ସିଡେଣ୍ଟ ଇଣ୍ଡେକ୍ସ ୨୦୨୪ ଅନୁସାରେ ଭାରତର ମେଟ୍ରୋ ସହରର ସମସ୍ତ ସଡକ ଦୁର୍ଘଟଣାର ୭୮ ପ୍ରତିଶତ ଅଟେ, ଯେଉଁଥିରେ ହାଇଦ୍ରାବାଦ ଓ ଦିଲ୍ଲୀ ସବୁଠାରୁ ଆଗରେ ରହିଛନ୍ତି । ଏହା ପରେ ପୁଣେ ଓ ବେଙ୍ଗାଲୁରୁ ଯଥାକ୍ରମେ ୧୫.୯ ପ୍ରତିଶତ ଓ ୧୪.୨ ପ୍ରତିଶତ ଘଟଣା ସହିତ ଆଗରେ ରହିଛନ୍ତି । ସଡକ ସୁରକ୍ଷାକୁ ଆମେରିକା, ଚୀନ, ଋଷିଆ, ନରୱେ, ଡେନମାର୍କ ଓ ଜାପାନ ଭଳି ଦେଶ ପ୍ରାଥମିକତା ଦେଇଆସୁଥିବାବେଳେ ଦୁର୍ଘଟଣା ସଂଖ୍ୟା କମୁଛି । ଟ୍ରାଫିକ ନିୟନ୍ତ୍ରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଥିବାରୁ ବିଗତ ଦଶନ୍ଧି ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପୂର୍ବ ଅପେକ୍ଷା ପ୍ରାୟ ଅଧା ହୋଇଯାଇଛି । କିନ୍ତୁ ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ବଦଳରେ ବୃଦ୍ଧି ପାଇବାରେ ଲାଗିଛି । ଭାରତର ବିଭିନ୍ନ ସ୍ଥାନରୁ ପ୍ରତ୍ୟେକ ଦିନ ଦୁଃଖଦ ଘଟଣା ନଜରକୁ ଆସୁଛି । ଏପରିକି ଦେଶରେ ପ୍ରତି ୩ ମିନିଟରେ ଯାନବାହନ ଦୁର୍ଘଟଣା ଘଟୁଛି । ଭାରତରେ ବର୍ତ୍ତମାନ ଭୟଙ୍କର ସ୍ଥିତି ଉପୁଜିଛି । ବସ୍ ଏବଂ ଅନ୍ୟାନ୍ୟ ଦୁର୍ଘଟଣାରେ ବାର୍ଷିକ ୯ ହଜାର ଜୀବନ ହାନି ହେଉଛି । ପ୍ରତି ବର୍ଷ ହଜାର ହଜାର ସଂଖ୍ୟାରେ ଛୋଟ ପିଲା ଓ ବୟସ୍କଙ୍କ ଜୀବନ ଯାଉଛି । ଅନ୍ତର୍ଜାତୀୟ ସଡ଼କ ଫେଡେରେସନ (INTERNATIONAL ROAD FEDERATION) ଅନୁଯାୟୀ, ୨୦୨୧ରେ ଆମେରିକାରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୨ରେ ଚୀନରେ ୨୧୫ ଜଣଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିଲା । ମୋଟାମୋଟି ଭାବେ ଦେଖିବାକୁ ଗଲେ ବିଶ୍ୱରେ ଘଟୁଥିବା ଦୁର୍ଘଟଣାର ୧୧% କେବଳ ଭାରତରେ ଘଟୁଛି । ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ଅଜ୍ଞତା,ଅସଚେତନତା ଓ ଅସାବଧାନତା । ହେଲମେଟ୍ ନପିନ୍ଧିବା କିମ୍ବା ନିଶାଗ୍ରସ୍ତ ଅବସ୍ଥାରେ ଗାଡିଚାଳନା କରିବା ଦୁର୍ଘଟଣା ଘଟିବାର ପ୍ରମୁଖ କାରଣ ଅଟେ । ସାଧାରଣତଃ ୧୮ ବର୍ଷରୁ କମ୍ ବୟସ୍କ ପିଲାମାନେ ଅତି ଦ୍ରୁତଗତିରେ ଗାଡି ଚଳାଇ ନିଜର ତଥା ଅନ୍ୟମାନଙ୍କର ଜୀବନକୁ ବିପଦ ମୁଖକୁ ଠେଲି ଦେଉଛନ୍ତି । ସଡକ ଦୁର୍ଘଟଣାର ଅନ୍ୟ କାରଣ ହେଉଛି ଗାଡି ଚଳାଇବା ସମୟରେ ମୋବାଇଲ ଫୋନରେ କଥାବାର୍ତ୍ତା ହେବା । ସାଧାରଣତଃ ଯୁବଗୋଷ୍ଠୀ ଗାଡି ଚଳାଇବା ସମୟରେ ମୋବାଇଲରେ ମେସେଜ କରିବା ହେଉ କିମ୍ବା ଉଚ୍ଚ ସ୍ୱରରେ ସଙ୍ଗୀତ ଶୁଣିବାଦ୍ୱାରା ସଡକ ଦୁର୍ଘଟଣା ଘଟିଥାଏ । ଅନେକ ସମୟରେ ଗାଡି ଚାଳକମାନେ ସିଟ୍ ବେଲ୍ଟ ନପିନ୍ଧିବା, ରାସ୍ତାର ସଂକେତ ନ ମାନି ଗାଡି ଚଳାଇବା ଦ୍ୱାରା ଦୁର୍ଘଟଣା ଘଟିଥାଏ । ଏତଦ ବ୍ୟତୀତ ଅପରିପକ୍ୱ ଡ୍ରାଇଭର ଦ୍ୱାରା ଗାଡି ଚାଳନା, ସୀମିତ ବେଗଠାରୁ ଅଧିକ ବେଗରେ ଗାଡି ଚାଳନା, ଟ୍ରାଫିକ ନିୟମ ଓ ସଂକେତକୁ ନ ମାନିବା ଓ ରାସ୍ତାର ଅବସ୍ଥା ଖରାପ ହେବା ଇତ୍ୟାଦି ସଡକ ଦୁର୍ଘଟଣା ପାଇଁ ଦାୟୀ । ରାସ୍ତା ଦୁର୍ଘଟଣାର ଅନେକ କାରଣ ଥିଲେ ହେଁ କେତେକ ପ୍ରମୁଖ କାରଣ ସଂପର୍କରେ ସଚେତନ ହେଲେ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ । ଗାଡିରେ ଓଭରଲୋଡିଂ ନ ନେବା, ଅଧିକ ବେଗରେ ଗାଡି ନ ଚଳାଇବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ନ ଚଳାଇବା, ଟ୍ରାଫିକ୍ ନିୟମ ମାନିବା, ମାଲବାହୀ ଗାଡିରେ ଯାତ୍ରୀ ନେବା ଆଣିବା ନକରିବା, ନିଶାଦ୍ରବ୍ୟ ସେବନ କରି ଗାଡି ନ ଚଳେଇବା, ଦୁଇଚକିଆ ଯାନ ଚଳାଇବାବେଳେ ସର୍ବଦା ହେଲମେଟ ବ୍ୟବହାର କରିବା, ଚାରିଚକିଆ ଯାନ ଚଳାଇବାବେଳେ ସିଟବେଲ୍ଟ ବ୍ୟବହାର କରିବା, ଗାଡି ଚଳାଇବାବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା,ନିର୍ଦ୍ଧାରିତ ରାସ୍ତାରେ ଗାଡି ଚଳାଇବା ଇତ୍ୟାଦି । ସଡକ ନିରାପତ୍ତା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ରାସ୍ତାରେ ଘଟୁଥିବା ଦୁର୍ଘଟଣା ବା ମୃତ୍ୟୁଠାରୁ ଜନସାଧାରଣଙ୍କ ନିରାପତ୍ତା ଏକାନ୍ତ ଆବଶ୍ୟକ । ଯାନବାହନ ଚାଳକଙ୍କ ସଂଖ୍ୟା ବୃଦ୍ଧି ହେତୁ ଦୁର୍ଘଟଣା ବୃଦ୍ଧି ଘଟୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ସଡକ ନିରାପତ୍ତା ସଚେତନତା ଅଧିକ ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜାନୁଆରୀ ମାସରେ 'ସଡକ ସୁରକ୍ଷା ମାସ' ଭଳି ଏକ ସଚେତନତା କାର୍ଯ୍ୟକ୍ରମ ସଡକ ପରିବହନ ତଥା ଜାତୀୟ ରାଜପଥ ମନ୍ତ୍ରାଳୟ ଦ୍ୱାରା ଆୟୋଜନ କରାଯାଇଥାଏ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଟ୍ରାଫିକ୍ ନିୟମ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା, ସଡକ ଦୁର୍ଘଟଣାଗୁଡିକ ହ୍ରାସ କରିବା ଏବଂ ଲୋକ ମାନଙ୍କୁ ରାସ୍ତାରେ ନିଜର ତଥା ଅନ୍ୟମାନଙ୍କର ଜୀବନ ରକ୍ଷା କରିବାରେ ସାହାଯ୍ୟ କରିବା । ଏହି ଅଭିଯାନର ଲକ୍ଷ୍ୟ ହେଉଛି ନିଶାଗ୍ରସ୍ତ ଅବସ୍ଥାରେ ଗାଡି ଚାଳନା ଓ ଦ୍ରୁତ ଗତିରେ ଗାଡି ଚାଳନାର କୁପରିଣତି ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା । ଦୁଇଚକିଆ ଯାନ ଚାଳକଙ୍କର ହେଲମେଟ୍ ଓ ଚାରିଚକିଆ ଗାଡ଼ି ଚାଳକଙ୍କର ସିଟ୍ ବେଲଟ୍ ପିନ୍ଧିବାର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ଅଧିକ ସଚେତନ କରିବା । ନିତିଦିନିଆ ଯାତ୍ରୀମାନଙ୍କୁ ରାସ୍ତାରେ ପାଳନ କରିବାକୁ ଥିବା ଟ୍ରାଫିକ୍ ନିୟମ, ସଂକେତ ତଥା ସତର୍କତା ସମ୍ବନ୍ଧରେ ବୁଝାଇ ଦିଆଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମତ ଅନୁସାରେ ଅଧିକାଂଶ ଦୁର୍ଘଟଣା ଏବଂ ମୃତ୍ୟୁର ମୁଖ୍ୟ କାରଣ ସଚେତନତା ଅଭାବରୁ ହୋଇଥାଏ । ତେଣୁ ଜନସାଧାରଣ ରାସ୍ତାର ନୀତି, ନିୟମ ଏବଂ ଟ୍ରାଫିକ୍ ଆଲୋକ ସଂକେତଗୁଡିକୁ କଡାକଡି ଭାବରେ ଅନୁପାଳନ କରିବା ଉଚିତ । ଗାଡି ଚାଳନା ସମୟରେ ମୋବାଇଲ ଫୋନ୍ ବ୍ୟବହାର ନ କରିବା କିମ୍ବା ସଙ୍ଗୀତ ନ ଶୁଣିବାକୁ ଲୋକମାନଙ୍କୁ ସଚେତନ କରାଯାଏ । ଅଭିଭାବକ ମାନେ ସେମାନଙ୍କର ପିଲାମାନଙ୍କୁ ଗାଡି ଚାଳନା ସମ୍ପର୍କରେ ସଚେତନ କରିବା ଆବଶ୍ୟକ । ରାସ୍ତାର ନିୟମ ଓ ସଙ୍କେତ ବିଷୟରେ ପିଲାମାନଙ୍କୁ ସଚେତନ କରିବା ଆବଶ୍ୟକ ଯାହାଦ୍ୱାରା ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ । ପାଠ୍ୟ ପୁସ୍ତକରେ ସ୍ଥାନିତ କରାଯାଇଥିବା ସଡ଼କ ନିରାପତ୍ତା ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ସଚେତନ କରାଯିବା ଦରକାର ଯାହାଦ୍ୱାରାକି ସେମାନେ ସଚେତନ ହେବା ସହିତ ସଡ଼କ ଦୁର୍ଘଟଣାରୁ ନିଜକୁ ରକ୍ଷା କରିପାରିବେ । 'ଦ୍ରୁତ ଗତି ମହା ବିପତ୍ତି'। ଜୀବନ ଥରେ ଚାଲିଗଲେ ଆଉ ଆସେନି । ମନୁଷ୍ୟ ଜୀବନ ହେଉଛି ସବୁଠାରୁ ମୂଲ୍ୟବାନ । ମଣିଷ ନିଜେ ଅସଚେତନ ହୋଇ ଗାଡି ଚଳାଇଲେ ନିଜ ଜୀବନକୁ ବିପଦରେ ପକାଇବା ସହ ଅନ୍ୟ ଜୀବନକୁ ବିପଦରେ ପକାଇଥାଏ । ସଡ଼କ ଦୁର୍ଘଟଣାକୁ ହ୍ରାସ କରିବାପାଇଁ ସାଧାରଣ ଜନତାଙ୍କ ଯେତିକି ଦାୟିତ୍ୱ ରହିଛି ସରକାରଙ୍କର ମଧ୍ୟ ସେତିକି କର୍ତ୍ତବ୍ୟ ରହିଛି । ପୋଲିସ ପକ୍ଷରୁ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ୍, ସିଟ୍ ବେଲଟ୍, ନିଶାଗ୍ରସ୍ତ ଅବସ୍ଥାରେ ଗାଡି ଚାଳନା ଆଦିକୁ କଡାକଡି ଭାବରେ ଯାଞ୍ଚ କରାଯିବା ଦରକାର । ପରିବହନ ବିଭାଗ ତରଫରୁ ଲାଇସେନ୍ସ ପ୍ରଦାନ ସମୟରେ ନିୟମକୁ କଡାକଡି ଭାବରେ ଲାଗୁ କରିବା, ଗାଡିଚାଳକମାନଙ୍କର କାର୍ଯ୍ୟଦକ୍ଷତା ବିଷୟରେ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ । ଜନଗହଳି ରାସ୍ତା ଓ ଛକଜାଗା ମାନଙ୍କରେ ଟ୍ରାଫିକ ନିୟନ୍ତ୍ରଣର କଡାକଡି ବ୍ୟବସ୍ଥା କରାଯିବା ଦରକାର ଯାହାଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇବ । ପ୍ରତ୍ୟେକ ବ୍ୟକ୍ତି ସଡ଼କ ନିରାପତ୍ତା ପ୍ରତି ସଚେତନ ହୋଇ ସମସ୍ତ ନିୟମକୁ ମାନି ଶୃଙ୍ଖଳିତ ଭାବେ ଗାଡି ଚାଳନା କଲେ ଦୁର୍ଘଟଣାକୁ ଏଡାଇ ଦିଆଯିବା ସହିତ ଅକାଳରେ ଚାଲିଯାଉଥିବା ବହୁମୂଲ୍ୟ ଜୀବନ ରକ୍ଷା ହୋଇପାରିବ । ସଚେତନତା, ଦାୟିତ୍ୱବୋଧତା ଓ ନିୟମର ଅନୁପାଳନ ଜୀବନକୁ ସୁରକ୍ଷିତ କରାଏ । ତେଣୁ ସମସ୍ତଙ୍କ ପାଇଁ ସଡକ ସୁରକ୍ଷା ସ୍ଲୋଗାନ ନହୋଇ ସଂକଳ୍ପ ହେବା ବିଧେୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଫେବୃୟାରୀ ୨୦୨୫ ସୋମବାର





## କେନ୍ଦୁଝର ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ କେନ୍ଦୁଝର ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ଦୁଇ ଦିନିଆ ନିଯୁକ୍ତି ମେଳା ସମାପିତ ହୋଇଯାଇଛି । ଦ୍ୱିତୀୟ ତଥା ଅନ୍ତିମ ଦିନରେ ୫ ଗୋଟି ବ୍ଲକ ଯଥା ହରିଚନ୍ଦନପୁର, ଘଟଗାଁ, ଆନନ୍ଦପୁର, ଘଷିପୁରା, ହାଟଡିହି ବ୍ଲକର ଆଶାୟୀ ଯୁବକ ଯୁବତୀ ମାନଙ୍କ ପାଇଁ ଏହି ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ନିଯୁକ୍ତି ମେଳାରେ ବିଭିନ୍ନ ବେସରକାରୀ ସଂସ୍ଥା ଓ କାର୍ଯ୍ୟକ୍ରମ ପ୍ରଣୟନ ସଂସ୍ଥା ଯୋଗ ଦେଇଥିବା ବେଳେ ୮୭୯ ଜଣ ନିଯୁକ୍ତି ଆଶାୟୀ ପଞ୍ଜିକରଣ କରିଥିଲା ବେଳେ ୯୭ ଜଣ ପ୍ରାର୍ଥୀ ପ୍ରାର୍ଥୀନୀ ସିଧାସଳଖ ଚୟନ ହୋଇ ନିଯୁକ୍ତି ପତ୍ର ପ୍ରାପ୍ତ କରିଥିଲେ ।

# ଏଣିକି ମେଡିକାଲ୍ କଲେଜ୍ ଓ ଚିକିତ୍ସାଳୟକୁ ମିଳିବ ନିରବଚ୍ଛିନ୍ନ ବିଜୁଳି

**ବାଲେଶ୍ୱର, ନ୍ୟୁଜ୍**



ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏନ୍ଓଡ଼ିଏଲ୍) ବିଦ୍ୟୁତ୍ ବିତରଣର ଦାୟିତ୍ୱ ନେଇ ମାତ୍ର କେଇ ବର୍ଷ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଉତ୍ତମ ସେବା ଓ ନିରାପତ୍ତା ପ୍ରଦାନ କ୍ଷେତ୍ରରେ ଆଶାତୀତ ସଂସ୍କାର ଆଣିଛି । ସମ୍ପୃକ୍ତ ଜିଲ୍ଲାଗୁଡିକର ଚିକିତ୍ସାଳୟ, ମେଡିକାଲ୍ କଲେଜ, ପାନୀୟ ଜଳ ଯୋଗାଣ କେନ୍ଦ୍ର, ସରକାରୀ ଅଫିସ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି । ଏଣିକି ମେଡିକାଲ୍ କଲେଜ ଓ ଚିକିତ୍ସାଳୟ ଗୁଡିକୁ ମିଳିବ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା । ଝଡ଼, ବାତ୍ୟା ଭଳି ପ୍ରତିକୂଳ ସ୍ଥିତିରେ ବି ଅଗ୍ରାଧିକାର ଭିତ୍ତିରେ ବିଜୁଳି ସେବା ଯୋଗାଣ ପାଇଁ ବ୍ୟବସ୍ଥା ପ୍ରସ୍ତୁତ ହେଉଛି । ଏହି କ୍ରମରେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ପିଏମ୍ଆର୍ ମେଡିକାଲ୍ କଲେଜ୍‌କୁ ଏଣିକି ଗୁଣାତ୍ମକ ବିଜୁଳି ସେବା ମିଳିବ । ମିଳିଥିବା ସୂଚନା ମୁତାବକ ବିଦ୍ୟୁତ୍ ଯୋଗାଣ ପାଇଁ ପିଆର୍ଏମ୍ ହସ୍ପିଟାଲ୍ ଓ ମେଡିକାଲ୍ କଲେଜ୍ ପୂର୍ବରୁ ଏକ ୩୩ କେଭି ଓଭରହେଡ୍ ଲାଇନ୍ ଉପରେ ନିର୍ଭର କରୁଥିଲା । ପ୍ରବଳ ବର୍ଷା ପବନ କିମ୍ବା ବାତ୍ୟା ଭଳି ସ୍ଥିତିରେ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଓଭରହେଡ୍ ଲାଇନ୍ କାରଣରୁ କଲେଜ୍‌କୁ ବିଦ୍ୟୁତ୍ ସେବା ବ୍ୟାହତ ହେଉଥିଲା ସମ୍ପୃକ୍ତ ମେଡିକାଲ୍‌କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ପିଏମ୍ଆର୍ ମେଡିକାଲ୍ କଲେଜ୍ ସବ୍‌ଷ୍ଟେସନ୍‌ରେ ଏକ ରିଙ୍ଗ ମେନ୍ ୟୁନିଟ୍ (ଆର୍ଏମ୍ୟୁ) ସ୍ଥାପନ ସହିତ ଏକ ଉତ୍ସର୍ଗୀକୃତ ୩୩ କେଭି ଭୂତଳ (ୟୁଜି) କେବୁଲ୍ ସଂଯୋଗ କରାଯାଇଛି । ଟିପିଏନ୍ଓଡ଼ିଏଲ୍ ପକ୍ଷରୁ ଏନେଇ ସମସ୍ତ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଖାଲି ବାରିପଦାର ପିଆର୍ଏମ୍ ମେଡିକାଲ୍ କଲେଜ୍ ନୁହଁ, ବାଲେଶ୍ୱରର ଫକୀରମୋହନ ମେଡିକାଲ୍ କଲେଜ୍ ଓ ଚିକିତ୍ସାଳୟକୁ ମଧ୍ୟ ଗୁଣାତ୍ମକ ବିଜୁଳି ସେବା ସମାନ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି । ଏହାସହ ଯାଜପୁର ମେଡିକାଲ୍ କଲେଜ୍ ଓ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିଦ୍ୟୁତ୍ ସଂଯୋଗ ପାଇଁ ସ୍ୱତନ୍ତ୍ର ଲାଇନ୍ ପ୍ରସ୍ତୁତ କରାଯାଇଛି । ଯାଜପୁର ପାଇଁ ସାଢେ ପାଞ୍ଚ କିଲୋମିଟର ସ୍ୱତନ୍ତ୍ର କେବୁଲ୍ ଲାଇନ୍ ବିଛା ଯାଇଥିବା ବେଳେ ବାଲେଶ୍ୱର ପାଇଁ ଦେଢ଼ କିମି, ବାରିପଦା ଓ ଭଦ୍ରକ ଚିକିତ୍ସାଳୟ ପାଇଁ ପ୍ରାୟ ୫୦୦ ମିଟର ଲେଖାଏଁ ସ୍ୱତନ୍ତ୍ର କେବୁଲ୍ ସଂଯୋଗ ହୋଇଛି । ସେହିପରି କେନ୍ଦୁଝର ମେଡିକାଲ୍ କଲେଜ୍ ଓ ଚିକିତ୍ସାଳୟକୁ ସମାନ ଢାଞ୍ଚାରେ ବିଦ୍ୟୁତ୍ ଯୋଗାଇବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଟିପିଏନ୍ଓଡ଼ିଏଲ୍ ପକ୍ଷରୁ ସୂଚନା ମିଳିଛି । ଫଳ ସ୍ୱରୂପ ଝଡ଼, ବାତ୍ୟା ଭଳି ପ୍ରତିକୂଳ ସ୍ଥିତିରେ ବି ଅଗ୍ରାଧିକାର ଭିତ୍ତିରେ ଚିକିତ୍ସାଳୟଗୁଡ଼ିକୁ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ କରାଯାଇ ପାରିବ ଏବଂ ରୋଗୀ ସେବା ବ୍ୟାହତ ହେବନାହିଁ । ତେବେ ଟିପିଏନ୍ଓଡ଼ିଏଲର ଦାୟିତ୍ୱସମ୍ପନ୍ନ ଅଧିକାରୀ ଓ କର୍ତ୍ତବ୍ୟରତ କର୍ମଚାରୀଙ୍କ ନିଷ୍ଠାପରତା ଯୋଗୁ ସମ୍ପ୍ରତି ୫ ଜିଲ୍ଲାରେ ବିଦ୍ୟୁତ୍ ଉପଭୋକ୍ତା ଆଶ୍ୱସ୍ତି ଅନୁଭବ କରୁଛନ୍ତି ଏଥିରେ ଦ୍ୱିମତ ନାହିଁ ।




## ବସ୍‌ଷ୍ଟାଣ୍ଡ ନାହିଁ:ଯାତ୍ରୀ ହନ୍ତସନ୍ତ

**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ଉନ୍ଦୋତରା ଏକ ପ୍ରମୁଖ ଅଞ୍ଚଳ ଓ କଳାହାଣ୍ଡି, ବଲାଙ୍ଗୀର, ନୂଆପଡା ଜିଲ୍ଲାର କେନ୍ଦ୍ରବିନ୍ଦୁ ଅଟେ । ଉନ୍ଦୋତରା ଛକରେ ତିନିଗୋଟି ଜିଲ୍ଲାର ଯାତ୍ରୀ ନିର୍ଭର କରିଥାନ୍ତି ହେଲେ ଏହି ଉନ୍ଦୋତରା ଛକରେ ବସ୍‌ଷ୍ଟାଣ୍ଡ ନଥିବାରୁ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାତ୍ରୀ ରାସ୍ତାପାର୍ଶ୍ୱରେ ଛିଡା ହୋଇ ରହୁଛନ୍ତି । ଖରା ଓ ବର୍ଷା ସମୟରେ ଯାତ୍ରୀମାନେ ଛକରେ ଥିବା ଦୋକାନ ପିଣ୍ଡାରେ ମୁଣ୍ଡ ଗୁଞ୍ଜୁଛନ୍ତି । ଏଥିପ୍ରତି ଜିଲ୍ଲାପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ରଖି ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ଯୋଗୁଁ ଶୀଘ୍ର ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ସହ ପରିସ୍ରାଗାର ବ୍ୟବସ୍ଥା ପାଇଁ ସାମାଜିକ କର୍ମୀ ଅମରେନ୍ଦ୍ର ନନ୍ଦ ଦାବି କରିଛନ୍ତି ।

## ବୌଦ୍ଧ ଜିଲ୍ଲାସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ଉଦ୍ୟାନ ବିଭାଗ ଏବଂ ଜିଲ୍ଲା ବୃକ୍ଷପ୍ରେମୀ ସଂଘର ମିଳିତ ସହଯୋଗରେ ଆୟୋଜିତ ହୋଇଥିବା ୩୦ତମ ଜିଲ୍ଲାସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ବୌଦ୍ଧ ଟାଉନହଲ୍ ପରିସରରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରଦର୍ଶନୀକୁ ପ୍ରଥମେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଗୋଲାପ, ଡାଲିଆ, ସେବତୀ, ଗେଣ୍ଡୁ, ଜର୍ବେରା, ପେଟୁନିଆ, ଅଦେନିଅମ୍ ଆଦି ଫୁଲ ସହ ବୋନସାଇ, କାକ୍‌ଟସ୍, ଅଳଙ୍କାରିକ ବୃକ୍ଷ, ଔଷଧୀୟ ବୃକ୍ଷର ତିନିଶହରୁ ଉର୍ଦ୍ଧ୍ୱ କୁଣ୍ଡରେ ଥିବା ଫୁଲ ସହ କଟା ଫୁଲ ସ୍ଥାନ ପାଇଥିଲା । ସେଠାରେ ଫୁଲ ରଙ୍ଗୋଲି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ସେଥିରେ ଜୁନିଅର ଓ ସିନିୟର୍ ବିଭାଗରେ ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ସୁନ୍ଦର ପ୍ରଦର୍ଶନୀକୁ ଶହ ଶହ ସଂଖ୍ୟାରେ ଜନସାଧାରଣ ଆସି ଏହାକୁ ଭରପୁର୍ ଉପଭୋଗ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ପରିବେଶବିତ୍ ସୁଧୀର କର୍ଣ୍ଣ, ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର ଯୋଗଦେଇ ଦୀର୍ଘବର୍ଷ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଶ୍ରେଷ୍ଠ ପ୍ରଦର୍ଶନକାରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଗୋଲାପରେ ରଶ୍ମିତା ପ୍ରଧାନ, ଡାଲିଆରେ ପ୍ରଜ୍ଞାଶ୍ରୀ, ସେବତୀରେ ମାନଭଞ୍ଜନ ଦାନୀ, ସୋମିତ୍ରୀ ପଲିଆ, ଅଳଙ୍କାରିକ ବୃକ୍ଷରେ ରାଜୁ ପ୍ରସାଦ ଓ ନବ ମିଶ୍ର, ବନସାଇରେ ତପସ୍ୱିନୀ ପ୍ରଧାନ ଏବଂ ଔଷଧୀୟ ବୃକ୍ଷରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇଥିଲେ । ଜିଲ୍ଲା ବୃକ୍ଷପ୍ରେମୀ ସଂଘର ସଭାପତି ପରିବେଶ ବିଜ୍ଞାନୀ ଅଧ୍ୟାପକ ଡ଼. ପ୍ରବୀର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଧନ୍ୟବାଦ ପ୍ରଦାନ କରିଥିଲେ । ସଂଘର ସମ୍ପାଦକ କପିଲ୍ ମିଶ୍ର । ସହକାରୀ ଉଦ୍ୟାନ୍‌ବିତ୍ ପୂଜା ବାରିକ ଏଥିରେ ସହଯୋଗ କରିଥିଲେ ।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିନାଶ ପାଣିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବାରିପଦା ଷ୍ଟାଡ଼ିୟମ୍ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପାଣିଙ୍କ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍ଓ)କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ବଦଳି ହୋଇଛି । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବାର ଜଣାଯାଇଛି । ସେ ଗତ ୮ ନଭେମ୍ବର ୨୦୨୩ରେ ମୟୂରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ । ଏହା ପୂର୍ବରୁ ସେ କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ତେବେ ତାଙ୍କର କାର୍ଯ୍ୟକାଳ ସମୟରେ ଜଣେ ଦକ୍ଷ ଅଧିକାରୀ ଭାବେ ସେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଉପସ୍ଥିତ ସାମ୍ବାଦିକ ମାନେ ସଭାରେ ପୁରୁଣା ସ୍ମୃତି ମନେପକାଇବା ସହ ତାଙ୍କର ନୂତନ ଦାୟିତ୍ୱକୁ ନେଇ ତାଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି । ସମ୍ବର୍ଦ୍ଧନା ସଭାରେ ସାମ୍ବାଦିକ ସୁକାନ୍ତ ଜିଉ, ମନୋଜ କୁମାର ପଣ୍ଡା, ଦୀପକ କୁମାର ନାୟକ, ରଞ୍ଜନ କୁମାର ଦାଶ, ଦୋଳ ଗୋବିନ୍ଦ ବାରିକ, ସୁବ୍ରତ କୁମାର ପ୍ରଧାନ, ତରୁଣ କୁମାର ଦାଶ, ପ୍ରିୟବ୍ରତ ମିଶ୍ର, ଶ୍ରୀକାନ୍ତ ସାହୁ, ବିଶ୍ୱଜିତ ଭୂୟାଁ, ଦିଲ୍ଲୀପ କୁମାର ପାତ୍ର, ଦିନେଶ କୁମାର ସେଠୀ, ରୂପମ ସ୍ୱାଇଁ, ସଞ୍ଜୟ କୁମାର ବାରିକ, ଦିଲ୍ଲୀପ ସିଂ, ଦୀପକ କୁମାର ମୁଦୁଲି, ଦୀପକ ପାଣିଗ୍ରାହୀ, ବିଜୁ ସିଂ, ଦେବେନ୍ଦ୍ର ନାଥ ଦାଶ, ଲଳିତ କୁମାର ବାରିକ, ହରେକୃଷ୍ଣ ପାତ୍ର, ଦେବବ୍ରତ ଦେଙ୍କ ସମେତ ସମେତ ବହୁ କାର୍ଯ୍ୟରତ ସାମ୍ବାଦିକ ଉପସ୍ଥିତ ଥିଲେ ।



## ମାନବ ସମ୍ବଳ ପାଇଁ ଦକ୍ଷତା ବିକାଶ ଅପରିହାର୍ଯ୍ୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ନିମନ୍ତେ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିରକୁ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏହି ପରାମର୍ଶ ଶିବିରର ପ୍ରାରମ୍ଭରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା ନିଯୁକ୍ତି ଭିତ୍ତିକ ଦକ୍ଷତା ତାଲିମ୍ ବିଷୟରେ ଉପସ୍ଥିତ ଥିବା ଦକ୍ଷତା ବିକାଶ ତାଲିମ୍ ନେବା ନିମନ୍ତେ ଆଶାୟୀ ଯୁବକ ଓ ଯୁବତୀ ମାନଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଶ୍ରୀ ପ୍ରଧାନ ଦକ୍ଷତା ବିକାଶ ମାଧ୍ୟମରେ ଆଶାୟୀ ଯୁବକ ଓ ଯୁବତୀ ମାନେ ନିଜର ଜୀବିକା ଅର୍ଜନ କରିପାରିବେ ଓ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ଏବଂ ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ସାବ୍ୟସ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ନିଲୁ ମହାପାତ୍ର (ଅତିରିକ୍ତ ଜିଲ୍ଲାପାଳ), ରଶ୍ମିତା ସେଠୀ, ଅଧ୍ୟକ୍ଷ, କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି, ପ୍ରତାପ ନାରାୟଣ ମହାପାତ୍ର, ଉପାଧ୍ୟକ୍ଷ, କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି, ଗୁଣନିଧି ପ୍ରଧାନ, ଅଧ୍ୟକ୍ଷ, ସରକାରୀ ପଲିଟେକ୍ନିକ୍, କେନ୍ଦ୍ରାପଡ଼ା ଓ ଅଭିଷେକ ସ୍ୱାଇଁ, ମଣ୍ଡଳ ଉନ୍ନୟନ ଅଧିକାରୀ, କେନ୍ଦ୍ରାପଡ଼ା ଯୋଗଦେଇ ଆଶାୟୀ ପ୍ରାର୍ଥୀଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଏହି ଦକ୍ଷତା ବିକାଶ ପରାମର୍ଶ ଶିବିରରେ ୧୪ ଗୋଟି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତିବଦ୍ଧ ହୋଇଥିବା ତାଲିମ୍ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ଏହି ଶିବିରରେ ସମୁଦାୟ ୨୫୬ ଜଣ ଆଶାୟୀ ଯୁବକ ଯୁବତୀ ପଞ୍ଜୀକରଣ କରିଥିଲେ ଏବଂ ସେଥିରୁ ୨୩୬ ଜଣ ତାଲିମ୍ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ । ଏହିପରି ଗତ ୩୦ ତାରିଖ ଦିନ ଆଳି ବ୍ଲକ ପରିସରରେ ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ତାଲିମ୍ ନିମନ୍ତେ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା ।

## ଓଳାଶୁଣିରେ କଳାକାର ଓଡ଼ିଶାର ୩୬ତମ ବାର୍ଷିକ ମହୋତ୍ସବ:ଅନେକ ପୁସ୍ତକ ଉନ୍ମୋଚିତ

**ମୂଷାଟିକିରି, ନ୍ୟୁଜ୍ ବ୍ୟୁରୋ**

ସନ୍ଥ ଅରକ୍ଷିତ ଦାସଙ୍କ ମହା ସମାଧି ଦିବସ ସ୍ମୃତିରେ ଓଡ଼ିଶାର ଅଗ୍ରଣୀ କଳା, ସାହିତ୍ୟ, ସଂସ୍କୃତି ଓ ଶିକ୍ଷା ସେବାନୁଷ୍ଠାନ କଳାକାର ଓଡ଼ିଶା ପକ୍ଷରୁ ରାଜ୍ୟ ସ୍ତରୀୟ ସାଧୁ, ସନ୍ଥ, କବି, କଳାକାର ମହାସମାବେଶ, ସମ୍ବର୍ଦ୍ଧନା ସଭା, ପୁସ୍ତକ ଉନ୍ମୋଚନ ଓ ୨୪ ଘଣ୍ଟିଆ ସାଂସ୍କୃତିକ ବିଚିତ୍ରା ୩୬ ତମ ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ଯାଜପୁର ଜିଲ୍ଲାର ଓଳାଶୁଣି ପାହାଡ଼ ଶିଖରରେ ଆଦର୍ଶ ଶିକ୍ଷାବିତ୍ ବିଶିଷ୍ଟ ସମାଜସେବୀ କବି ସତ୍ୟବ୍ରତ ପୁହାଣଙ୍କ ପୌରୋହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନକୁ ପ୍ରାତଃ ସମୟରେ ଓଳାଶୁଣୀ ମଠର ମହନ୍ତ ଡଃ ନାମାନନ୍ଦ ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ବିଶିଷ୍ଟ ସାରସ୍ୱତ ସାଧକ ଡଃ ଅଦୈତ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡଃ ହରେକୃଷ୍ଣ ପତି, ସମ୍ମାନିତ ଅତିଥି ବିଶିଷ୍ଟ ସାରସ୍ୱତ ସାଧକ ଅନ୍ତର୍ଯ୍ୟାମୀ ବାରିକ, କବି ରତିକାନ୍ତ ସାମଲ, ପ୍ରବଚକ ତ୍ରିଲୋଚନ ଭଞ୍ଜ, ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ଅଲେଖ ପ୍ରସାଦ ଦାଶ, ଦିପକ ଚକ୍ରବର୍ତ୍ତୀ, କବି ହେମାଙ୍ଗିନି ପଟ୍ଟନାୟକ, କବି ଲକ୍ଷ୍ମୀପ୍ରିୟା ମାଇତି, ମଞ୍ଚ ତାରକା କୃଷ୍ଣଚନ୍ଦ୍ର ବାରିକ, ଅଭିନେତା ଲକ୍ଷ୍ମଣ ମଲ୍ଲିକ ପ୍ରମୁଖ ଯୋଗଦେଇ ଉତ୍କଳୀୟ କଳା, ସଂସ୍କୃତି ସମାଜସେବା ଓ ସନ୍ଥ ଅରକ୍ଷିତଙ୍କ ଜୀବନାଦର୍ଶର ଆଧାତ୍ମିକ ଦିଗ ଉପରେ ଆଲୋଚନା କରିଥିଲେ । ଏଥିରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଧିବକ୍ତା ନୀଳମାଧବ ସାମଲ । ଅତିଥି ପରିଚୟ କବି ଲବଙ୍ଗଲତା ରାଉତ ସମ୍ପାଦକୀୟ ବିବରଣୀ କବି ହିମାଂଶୁ ଭୁଷଣ ଜେନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ସମାଜ ସେବୀ ରଣଜିତ ସାହୁ । ଦ୍ୱିତୀୟ ଅଧିବେଶନର ଉଦ୍ଘାଟକ ଥିଲେ ନଙ୍ଗୁଳି ମଠର ମଠାଧିଶ ବାବା ପର୍ଶୁରାମ ଦାସ । ଏହି ଅଧିବେଶନରେ ମୁଖ୍ୟ ଅତିଥି ବାବା ସୁଧାକର ଦାସ ମୁଖ୍ୟ ବକ୍ତା ଅଧିବକ୍ତା ପ୍ରଦିପ କୁମାର ଦାଶ, ସମ୍ମାନିତ ଅତିଥି ବିଜୟଲକ୍ଷ୍ମୀ ମହାପାତ୍ର ପ୍ରବଚକ ବାବା ଜଳଧର ଦାସ, ସାହିତ୍ୟିକ ଆନନ୍ଦ କୁମାର ମାଇତି, ସାହିତ୍ୟିକ ବଟକୃଷ୍ଣ ଓଝା, କବି କୈଳାସ ଚନ୍ଦ୍ର ବେହେରା, ଅଭିନେତା ସୁମନ୍ତ ନାଏକ ଖଲନାଏକ ବାପୁ ଦାସ, ଇଂ ଶ୍ରୀମତି ମହାରଣା ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କଳାକାର ଓଡ଼ିଶାର ଏହି ୨୪ ଘଣ୍ଟିଆ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଏହା ଏକ ଅନନ୍ୟ କାର୍ଯ୍ୟକ୍ରମ ବୋଲି ମତବ୍ୟକ୍ତ କରିବା ସହ ସନ୍ଥ ଅରକ୍ଷିତ ଲେଖନୀ ନିସୃତ ବାଣୀକୁ ପ୍ରଚାର ଓ ପ୍ରସାର କରି କଳାକାର ଓଡ଼ିଶାର ମୁଖପତ୍ର ଓଳାଶୁଣିର ସ୍ୱର ୨ଏ ଶତାବ୍ଦୀର କଳାକାର, ସନ୍ଥ ଅରକ୍ଷିତ, ଏବଂ ଏକାଧିକ ପୁସ୍ତକ ଉନ୍ମୋଚିତ କରିଥିଲେ । ଏଥିରେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ସାଧୁସନ୍ଥ, କବି, କଳାକାର ମାନଙ୍କୁ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମ୍ପନ୍ନ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ନାରୀ ସଶକ୍ତିକରଣ ଏବଂ ରାଷ୍ଟ୍ର ଜାଗରଣ ଅଭିଯାନ ଉପଲକ୍ଷେ ୪ ଦିନ ବ୍ୟାପି ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସେକ୍ଟର ୨ସ୍ଥିତ ଗାୟତ୍ରୀ ଶକ୍ତିପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ୪ ଦିନିଆ କାର୍ଯ୍ୟକ୍ରମରେ ଉଦିତ ନଗର ରାଧାକୃଷ୍ଣ ମନ୍ଦିରରୁ ଗାୟତ୍ରୀ ଶକ୍ତିପୀଠ ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା, ଯୁଗ୍ମ ସଂଗୀତ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞା ଯୋଗ, ଯଜ୍ଞ ସମସ୍ତ ସଂସ୍କାର, କାର୍ଯ୍ୟକର୍ତ୍ତା ଗୋଷ୍ଠୀ, ଯୁଗ ସଂଗୀତ, ନାରୀ ଜାଗ୍ରତ ସମ୍ପର୍କରେ ପ୍ରବଚନ, ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର, ଯୁଗ ସଂଗୀତ, ଗାୟତ୍ରୀ ମହାଯଜ୍ଞ ପୂର୍ଣ୍ଣାହୁତି, ୨୪୦୦ ବେଦୀୟ ଗାୟତ୍ରୀ ମହାଦୀପ ଯଜ୍ଞ ଏବଂ ମହା ପୂର୍ଣ୍ଣାହୁତି ଆଦି କରାଯାଇଥିଲା । ଏହି ଅବସରରେ ଶାନ୍ତିକୁଞ୍ଜରୁ ଆସିଥିବା ମୁଖ୍ୟ ପ୍ରବଚକ ଶେଷଦେବ ବଡାଇକ ଓ ସହ ମୁଖ୍ୟ ପ୍ରବଚକ ରବିକାନ୍ତ ଶାସ୍ତ୍ରୀଙ୍କ ପ୍ରବଚନ ଶୁଣିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ପ୍ରବଚନ ସଂଗୀତରେ ସରୋଜ ପ୍ରଧାନ, ନିତ୍ୟାନନ୍ଦ ହାତୀ, ସୁବାସ ଚୌହାନ ପ୍ରମୁଖ ସହଯୋଗ କରିଥିଲେ । ଏହି ୪ ଦିନିଆ କାର୍ଯ୍ୟକ୍ରମରେ ସହସ୍ରାଧିକ ଭକ୍ତ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଟ୍ରଷ୍ଟି ନିତ୍ୟାନନ୍ଦ ଦାଶ, ସହ ଟ୍ରଷ୍ଟି ପ୍ରମୋଦ ଅଗ୍ରୱାଲ, ସୁରେନ୍ଦ୍ର ଅଗ୍ରୱାଲ, ଜିଲ୍ଲା ସଂଯୋଜକ କାଶୀନାଥ ପଣ୍ଡା, ସହ ଜିଲ୍ଲା ସଂଯୋଜକ ଅରବିନ୍ଦ ପ୍ରଧାନ, ସମ୍ପାଦକ ଲମ୍ବୋଦର ମହାଲିକ, ପ୍ରଦୀପ୍ତ ରାୟ, ପ୍ରଭାତ ଦାଶ, ଲିଙ୍ଗରାଜ ପ୍ରଧାନ, ରାଜେଶ ରାଜଗଡିଆ, ତ୍ରିଲୋଚନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁପ୍ରଭା ଦାସ, ନିର୍ମଳା ସିଂ, ରାମମୋହନ ସାହୁ, ଅନିତା ଜିନ୍ଦଲ୍, ରାମଚନ୍ଦ୍ର ମହନ୍ତ, ଏକେ ଦେବ, ମୀନୁ ସିଂ, ଫୁଲଦେବୀ, ସରୋଜିନୀ ନାୟକ, ଇନ୍ଦିରା ପାଢ଼ୀ, ସ୍ୱର୍ଣ୍ଣ ସାହୁ, ଟି. ଉଷା, ପ୍ରଶାନ୍ତ ନାୟକ, ସୁଶାନ୍ତ ଶତପଥୀ, ରମେଶ ଜେନା, ସତ୍ୟଜିତ ପାଢ଼ୀ, ରାଜେନ୍ଦ୍ର କୁମାର ଦେବ୍, ପ୍ରକାଶ ଜିନ୍ଦଲ୍ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଫେବୃୟାରୀ ୭ରୁ ରାଜ୍ୟସ୍ତରୀୟ ଇଜତମା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଉଦକୁଲାଟ ଠାରେ ହେବାକୁଥିବା ରାଜ୍ୟ ସ୍ତରୀୟ ଇଜତମା ଆସନ୍ତା ଫେବୃଆରୀ ୭ ରୁ ୯ ତିନି ଦିନ ଧରି ଅନୁଷ୍ଠିତ ହେବ । ଏନେଇ ଇଜତମା କମିଟି ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗୁରୁବାର ବିଧାୟକ ଗଣେଶ୍ୱର ବେହେରା, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର ତାପସ କୁମାର ଦେହୁରି, ଗ୍ରାମୀଣ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ । ଏହି ଧର୍ମ ସମ୍ମିଳନୀକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ସେଠାରେ ଅସ୍ଥାୟୀ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ଭକ୍ତଙ୍କ ରହଣୀ ସ୍ଥାନ, ଖାଦ୍ୟପେୟ ଓ ପାର୍କିଂ ଏବଂ ଟ୍ରାଫିକ୍ ସମସ୍ୟା ପ୍ରଭୃତି ବିଧାୟକ ଶ୍ରୀ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମୀକ୍ଷା କରିଥିଲେ । ଭକ୍ତମାନେ ଯେଭଳି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ବିଧାୟକ ଶ୍ରୀ ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର, କେନ୍ଦ୍ରାପଡା ବିଡିଓ, ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଏବଂ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ସେମାନଙ୍କର ସମସ୍ତ ପ୍ରକାର କାର୍ଯ୍ୟକୁ ତୁରନ୍ତ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏହି ବୈଠକରେ ଇଜତମା କମିଟିର ସଭାପତି ମହମ୍ମଦ ଆବତାବ ଆଲାମଙ୍କ ସହିତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କୁ ଆକ୍ରମଣ ଓ ଥାନାରେ ଏତଲା ଘଟଣାର ସମାଧାନ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକ ଦଶରଥ ମାଛଙ୍କୁ ଆକ୍ରମଣ ଓ ନନ୍ଦପୁର ଥାନାରେ ଏତଲା ଘଟଣାର ସମାଧାନ ହୋଇଛି । ଦଶରଥ ଦେଇଥିବା ଏତଲା ଆଧାରରେ ନନ୍ଦପୁର ପୋଲିସ ଅଭିଯୁକ୍ତ ଗୁରୁ ଖିଲଙ୍କୁ ଥାନାକୁ ଆଣିଥିଲେ । ଦୁଇ ପକ୍ଷର ପରିବାର ଲୋକେ, ପରଜା ମୁଠେଇ ପଞ୍ଚାୟତର ଲୋକ ପ୍ରତିନିଧି ଓ ନନ୍ଦପୁର ପ୍ରେସ୍ କ୍ଲବର ସଦସ୍ୟ ନନ୍ଦପୁର ଥାନା ପରିସରରେ ଉପସ୍ଥିତ ରହି ଆଲୋଚନା ମାଧ୍ୟମରେ ଦୁଇ ପକ୍ଷ ମଧ୍ୟରେ ମୀମାଂସା କରିଥିଲେ । ସାମ୍ବାଦିକ ସଂଘ (ଓୟୁଜେ)ର ସଭାପତି ଶଶଧର ରାଉତଙ୍କ ନିର୍ଦ୍ଦେଶରେ କାର୍ଯ୍ୟକାରୀ ସମ୍ପାଦକ ତ୍ରିନାଥ ଖରା ବ୍ଲକ ସଂଯୋଜକ ତୁଷାରକାନ୍ତ ମହାନ୍ତି ନନ୍ଦପୁର ପ୍ରେସ୍‌କ୍ଲବ ସଦସ୍ୟ ଦୁର୍ଗା ପ୍ରସାଦ ପାଢ଼ୀ, ଅବ୍‌ଦୁଲ୍ ରସିଦ ଖାନ୍, ରମେଶ ଅଧିକାରୀ, ହିରନ୍ୟ ବିଶୋଇ, ସୁନିଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ବାଦିକ ଦଶରଥ ଓ ଗୁରୁ ସମ୍ପର୍କରେ ଦୁଇ ଭାଇ । କିଛି ଭୁଲ୍ ବୁଝାମଣା ଯୋଗୁ ଦୁଇ ଜଣଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ମାରପିଟ୍ ହୋଇଥିବା ଦୁଇ ଜଣଙ୍କ ମାମୁଁ ସୁନାଧର ବୁରୁଡି, ଅଜା ଡମ୍ବୁରୁଧର ଗୁଣ୍ଟା ଓ ମଙ୍ଗଳା ଗୋଲରି କହିଛନ୍ତି । ପରଜାମୁଠେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଉଗ୍ରସେନ୍ ଚପାଡ଼ି ଓ ପୂର୍ବତନ ସମିତି ସଭ୍ୟ ମଧୁ ଚପାଡ଼ି ଅନ୍ୟ ଗ୍ରାମବାସୀଙ୍କ ସହ ମିଶି ଦୁଇଜଣଙ୍କୁ ରାଜିନାମାର ସୁଯୋଗ ଦେବାକୁ ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସମ୍ବିତ୍ କୁମାର ମାଝୀ ଓ ଥାନାଧିକାରୀ ମମତା ପଣ୍ଡାଙ୍କୁ ଅନୁରୋଧ କରିଥିଲେ । ବୟୋଜ୍ୟେଷ୍ଠଙ୍କ ଅନୁରୋଧ ଓ ପାରିବାରିକ ସମ୍ପର୍କକୁ ଦୃଷ୍ଟିରେ ରଖି ମୀମାଂସା ନିମନ୍ତେ ଦୁଇ ପକ୍ଷଙ୍କ ସ୍ୱାକ୍ଷରିତ ରାଜିନାମା ପତ୍ର ଥାନାଧିକାରୀଙ୍କୁ ପ୍ରଦାନ କରାଯାଇ ଏତଲା ପ୍ରତ୍ୟାହୃତ କରାଯାଇଥିଲା । ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଏସ୍‌ଡିପିଓ ସମ୍ବିତ କୁମାର ମାଝୀ ଓ ଥାନାଧିକାରୀ ମମତା ପଣ୍ଡା ତାଗିଦ୍ କରିଥିଲେ ।

# ପ୍ରୋତ୍ସାହନ ଅଭାବରୁ କୌଳିକ ବୃତ୍ତି ପ୍ରତି ଆଗ୍ରହ କମିବାରେ ଲାଗିଛି

**କେନ୍ଦୁଝର, ନ୍ୟୁଜ୍**





ସହରାଞ୍ଚଳ ହେଉ କିମ୍ବା ଗ୍ରାମାଞ୍ଚଳର କୌଳିକ ବୃତ୍ତି ପ୍ରତି ପ୍ରଶାସନିକ ସ୍ତରରେ ପ୍ରୋତ୍ସାହନ ଦିଆଯାଉନଥିବାରୁ ବିଭିନ୍ନ କୌଳିକ ବୃତ୍ତି ଧାରୀ ମାନଙ୍କର ପ୍ରତିଭା ଲୁପ୍ତ ହେବାକୁ ବସିଥିବାର ଜଣାପଡିଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜିଲ୍ଲାର ହଜାର ହଜାର ଗରିବ ପରିବାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ କୌଳିକ ବୃତ୍ତି ଯଥା -ମାଟିହାଣ୍ଡି, ବାଉଁଶ, ଓ ଲୁହା କାରିଗରମାନେ ନିଜ ନିଜର ବୃତ୍ତି କରି ହାଟ ବଜାରରେ ନିର୍ମିତ ସାମଗ୍ରୀ ଗୁଡିକ ବିକ୍ରି କରି ନିଜ ନିଜର ପରିବାର ପତିପୋଷଣ କରୁଥିଲେ । ହେଲେ ଆଧୁନିକତାର ଦୃତ ବିକାଶ ଯୋଗୁଁ ମାଟିପାତ୍ର, ବାଉଁଶ ସାମଗ୍ରୀ ଓ ଲୁହା ସାମଗ୍ରୀର ସ୍ଥାନ ସିଲିଭର, ଷ୍ଟିଲ୍, ଫାଇଭର୍, ପ୍ଲାଷ୍ଟିକ୍ ମାଡ଼ିବସିଛି । ଲୋକମାନେ ଆଗଭଳି ମାଟି, ବାଉଁଶ ଓ ଲୁହା ସାମଗ୍ରୀ ପ୍ରତି ଆକୃଷ୍ଟ ନହୋଇ ପ୍ଲାଷ୍ଟିକ୍, ଫାଇବର୍, ଷ୍ଟିଲ୍ ପ୍ରତି ଆକୃଷ୍ଟ ହେବାରେ ଲାଗିଛନ୍ତି । ହେଲେ ମାଟି, ବାଉଁଶ ଓ ଲୁହା ତିଆରି ସାମଗ୍ରୀ ଗାଁର ସଂସ୍କୃତି ଓ ପରମ୍ପରା ସହିତ ଜଡିତ ଥିବାରୁ କିଛି କିଛି କାରିଗର ସେମାନଙ୍କର କୌଳିକ ବୃତ୍ତିକୁ ଆଜିବି ବଜାଇ ରଖିଛନ୍ତି । ହେଲେ ପ୍ରଶାସନିକ ସ୍ତରରେ ଏମାନଙ୍କ ପ୍ରତି ଅଣଦେଖା ଯୋଗୁଁ ଯେଉଁ ହାତ ଗଣତି ସେମାନଙ୍କର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି ସେମାନେ ମଧ୍ୟ ଲୁପ୍ତ ହୋଇଯିବାର ଆଶଙ୍କା ଦେଖାଦେଇଛି । ଆହୁରି ମଧ୍ୟ ଝୋଟପେଟି, ତନ୍ତ ଭଳି କୌଳିକ ବୃତ୍ତି ସମ୍ପୂର୍ଣ୍ଣ ଲୋପ ପାଇଛି । ପ୍ଲାଷ୍ଟିକ୍ ଯୁଗରେ କୁମ୍ଭକାର, ବାଉଁଶ କାରିଗର, ନହରା ଶାଳ କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ ଭଳି ମାଟି ସାମଗ୍ରୀ, ବାଉଁଶ ସାମଗ୍ରୀ ଓ ଲୁହା ସାମଗ୍ରୀର ବ୍ୟବହାର ଦୃତ ଗତିରେ ହ୍ରାସ ପାଇବା ଫଳରେ ଉକ୍ତ କୌଳିକ ବୃତ୍ତି ଉପରେ ନିର୍ଭର କରି ନିଜ ପରିବାର ପ୍ରତିପୋଷଣ କରୁଥିବା ଗରିବ ଲୋକମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଛି । ଏତଦ୍ ବ୍ୟତୀତ ପୁରୁଷ ପୁରୁଷ ଧରି ଚାଲିଥିବା ଉକ୍ତ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ପ୍ରଶାସନିକ ସ୍ତରରେ ପ୍ରୋତ୍ସାହନର ଅଭାବ ଯୋଗୁଁ ଉକ୍ତ ବୃତ୍ତିଧାରୀ ବହୁ କୁଶଳି ପ୍ରତିଭା ମଧ୍ୟ ପ୍ରକାଶ ପାଇପାରୁନାହିଁ । ଆଜିର ଆଧୁନିକତା ବିକାଶ ନାମରେ ସ୍ୱାସ୍ଥ୍ୟ ଅହିତକାରି ପ୍ଲାଷ୍ଟିକ୍ ପ୍ରତି ଲୋକମାନଙ୍କର ଆକୃଷ୍ଟ ଏତେ ପରିମାଣରେ ବଢ଼ିଯାଇଛି ଯେ ନିଜ ନିଜ ଜିଲ୍ଲାରୁ ଗଢାଯାଉଥିବା ପ୍ରଦୂଷଣହୀନ ମାଟି, ବାଉଁଶ, ସାମଗ୍ରୀ ଗୁଡିକ ପ୍ରତି ଅନାଦର କରୁଛନ୍ତି । ଦିନ ଥିଲା ଏସବୁ ସାମଗ୍ରୀ ପ୍ରସ୍ତୁତିରେ ଆମ ରାଜ୍ୟ ନା କରିଥିବାବେଳେ ଆଜିର ଦିନରେ ଆଧୁନିକତାର ବିକାଶ ଉକ୍ତ ସାଗ୍ରୀକୁ ପଛରେ ପକାଇଛି । ଯାହାକି ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ କୌଳିକ ବୃତ୍ତି ଧାରୀମାନଙ୍କୁ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ବଜାର ସୁବିଧା ଓ ଏଥିପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ଉପରେ କାର୍ଯ୍ୟକ୍ରମ ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି ।

31 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର,୩ ଫେବୃୟାରୀ, ସୋମବାର, ୨୦୨୫



# ଦକ୍ଷିଣ ଆଫ୍ରିକାକୁ ୯ ଓ୍ୱିକେଟରେ ହରାଇ ୟୁ-୧୯ ବିଶ୍ୱକପ୍ ଜିତିଲା ଭାରତ

**କୁଆଲାଲମ୍ପୁର**

ସାତ ମାସ ମଧ୍ୟରେ ଭାରତ ଦ୍ୱିତୀୟ ବିଶ୍ୱକପ୍ ଜିତିଛି। ଭାରତୀୟ ଅଣ୍ଡର-୧୯ ମହିଳା ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହୋଇ ଫାଇନାଲରେ ପ୍ରବେଶ କରି ଦକ୍ଷିଣ ଆଫ୍ରିକାକୁ ୯ ଓ୍ୱିକେଟରେ ପରାସ୍ତ କରି ଇତିହାସ ରଚିଛନ୍ତି। ଭାରତୀୟ ବୋଲରମାନେ ଫାଇନାଲରେ ଚମତ୍କାର ବୋଲିଂ କରିଥିଲେ। ଭାରତୀୟ ବୋଲରମାନେ ଦକ୍ଷିଣ ଆଫ୍ରିକା ଦଳକୁ ୨୦ ଓଭରରେ ୮୨ ରନ୍ ସଂଗ୍ରହ କରିବାର ସୁଯୋଗ ଦେଇଥିଲେ। ଏହା ପରେ ଗୋଙ୍ଗାଡ଼ି ତ୍ରିସାଙ୍କର ବିସ୍ଫୋରକ ଇନିଂସ ଯୋଗୁ ଟିମ୍ ଇଣ୍ଡିଆ ୯ ଓ୍ୱିକେଟରେ ଜିତିଛି।

ଭାରତୀୟ ମହିଳା ଅଣ୍ଡର-୧୯ କ୍ରିକେଟ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଟାଇଟଲ ଜିତିଛି। ଏହି ଟୁର୍ଣ୍ଣାମେଣ୍ଟ ୨୦୨୩ରେ ଆରମ୍ଭ ହୋଇଥିଲା ଏବଂ ଭାରତୀୟ ଦଳ ପ୍ରଥମ ମ୍ୟାଚ୍‌ରେ ଜିତିଥିଲା। ଶେଫାଳି ବର୍ମା ସେତେବେଳେ ଟିମ୍ ଇଣ୍ଡିଆର ଅଧିନାୟକ ଥିଲେ। ବର୍ତ୍ତମାନ, ଦୁଇ ବର୍ଷ ପରେ, ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣରେ, ନିକ୍କି ପ୍ରସାଦଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହୋଇଛି।

ପ୍ରଥମେ ଟସ୍ ଜିତିବା ଏବଂ ବ୍ୟାଟିଂ କରିବା ପରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮୨ ରନ୍ କରିଥିଲା। ଏହାର ଜବାବରେ ଟିମ୍ ଇଣ୍ଡିଆ ୧୧.୨ ଓଭରରେ ଗୋଟିଏ ଓ୍ୱିକେଟ୍ ହରାଇ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଫାଇନାଲରେ ଗୋଙ୍ଗଡି ତ୍ରିସା ଏକ ଅଲରାଉଣ୍ଡର ପ୍ରଦର୍ଶନ ଦେଇଥିଲେ। ତିନୋଟି ଓ୍ୱିକେଟ୍ ନେବା ସହିତ ସେ ଅପରାଜିତ ୪୪ ରନ୍ ମଧ୍ୟ କରିଥିଲେ।

କୁଆଲାଲମ୍ପୁରର ବେମାସ୍ ଓଭାଲ ଷ୍ଟାଡ଼ିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଅଧିନାୟକ ରେନେକେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ତାଙ୍କ ନିଷ୍ପତ୍ତି ଭୁଲ୍ ପ୍ରମାଣିତ ହୋଇଥିଲା। ଦଳର ଆରମ୍ଭ ଖରାପ ହୋଇଥିଲା। ଦ୍ୱିତୀୟ ଓଭରରେ ସାଇମନ୍ ଲରେନ୍ସଙ୍କ ରୂପରେ ଦକ୍ଷିଣ ଆଫ୍ରିକା ଦଳ ଏହାର ପ୍ରଥମ ଝଟ୍‌କା ପାଇଥିଲା। ପାରୁନିକା ସିସୋଡିଆ ତାଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ଏହାପରେ ସିମୋନ ଖାତା ଖୋଲିପାରି ନଥିଲେ।

ଏହା ପରେ ଚତୁର୍ଥ ଓଭରରେ ଶବନମ ଶକିଲ କମଲିନିଙ୍କ ଦ୍ୱାରା ଜେଜେ ବୋଥାଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ଜେମା ତିନିଟି ଚୌକା ସହାୟତାରେ ୧୪ବଲରେ ୧୬ ରନ୍ ସଂଗ୍ରହ କରିଥିଲେ। ପଞ୍ଚମ ଓଭରରେ ୨୦ ସ୍କୋରରେ ଦକ୍ଷିଣ ଆଫ୍ରିକାକୁ ତୃତୀୟ ଝଟ୍‌କା ମିଳିଥିଲା। ଆୟୁଷ ଶୁକ୍ଲା ଡାଏରା ରାମଲକାନଙ୍କୁ ବୋଲ୍ଡ କରିଥିଲେ। ସେ ତିନି ରନ୍ ସ୍କୋର କରିଥିଲେ।

ଏହା ପରେ କାୟଲା ରେଇନେକେ ଏବଂ କରାବୋ ମ୍ୟାସେଓ ଚତୁର୍ଥ ଓ୍ୱିକେଟ୍ ପାଇଁ ୨୦ ରନ୍ ଭାଗିଦାରୀ କରିଥିଲେ। ଏହି ସହଭାଗିତା ଗୋଙ୍ଗଡି ତ୍ରିସା ଭାଙ୍ଗିଥିଲେ। ସେ ପାରୁନିକା ଦ୍ୱାରା ରେନେକେଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ରେଇନେକେ ୨୧ ବଲରେ ସାତ ରନ୍ ସ୍କୋର କରିଥିଲେ। ଏହା ପରେ ଆୟୁଷ ଶୁକ୍ଲା ମେସୋ ବୋଲିଂ କରିଥିଲେ। ସେ ୨୬ ବଲରେ ୧୦ ରନ୍ ସ୍କୋର କରିଥିଲେ। ଏହା ପରେ ଗୋଙ୍ଗାଡି ତ୍ରିସା ମାଇକ ଓ୍ୱାନ୍ ଭୋର୍ଷ୍ଟ ଏବଂ ସେଶନି ନାୟୁଡୁଙ୍କୁ ମଧ୍ୟ ଆଉଟ୍ କରିଥିଲେ। ମାଇକ୍ ୧୮ ବଲରେ ୨୩ ରନ୍ ସ୍କୋର କରିଥିଲେ। ଯେତେବେଳେ ସେଶନି ଖାତା ଖୋଲିପାରି ନଥିଲେ।

ବୈଷ୍ଣବ ଶର୍ମା ଫାୟ କ୍ରୋଲିଂଙ୍କୁ ୧୫ରେ ଆଉଟ୍ କରିଥିବାବେଳେ ମୋନାଲିସା ଲେଗୋଡ଼ିଙ୍କୁ ଶୂନରେ ପାଭିଲିୟନକୁ ପଠାଇଥିଲେ। ପାରୁନିକା ଇନିଂସର ଶେଷ ବଲରେ ଆଶ୍ଲି ଓ୍ୱାନ୍ ଓ୍ୱିକ୍‌କୁ ଆଉଟ୍ କରିଥିଲେ। ଆଶ୍ଲି ଖାତା ଖୋଲିପାରି ନଥିଲେ। ଦକ୍ଷିଣ ଆଫ୍ରିକା ଦଳର ଚାରିଜଣ ଖେଳାଳି ସେମାନଙ୍କ ଆକାଉଣ୍ଟ ଖୋଲିପାରି ନଥିଲେ। ଭାରତ ପାଇଁ ଗୋଙ୍ଗାଡ଼ି ସର୍ବାଧିକ ତିନି ଓ୍ୱିକେଟ୍ ନେଇଥିଲେ। ଯେଉଁଠାରେ ପାରୁନିକା ସିସୋଡିଆ, ଆୟୁଷ ଶୁକ୍ଲା ଏବଂ ବୈଷ୍ଣବ ଶର୍ମା ଦୁଇଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ। ଶବନମ ଶକିଲ ଗୋଟିଏ ଓ୍ୱିକେଟ୍ ପାଇଥିଲେ।

ଗତ ବର୍ଷ ଜୁନ୍ ମାସରେ ଭାରତୀୟ ଦଳ ୨୦୨୪ ଟି-୨୦ ବିଶ୍ୱକପ ଟାଇଟଲ ଜିତିବା ପରେ ମାତ୍ର ୭ ମାସ ବିତିଗଲାଣି। ଭାରତୀୟ ଦଳ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ପୁରୁଷ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିଲେ। ସେହି ମ୍ୟାଚ୍‌ରେ ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ପରାସ୍ତ କରିଛି। ଗତ ୭ ମାସ ମଧ୍ୟରେ ଭାରତ ଜିତିଥିବା ଏହା ହେଉଛି ଦ୍ୱିତୀୟ ବିଶ୍ୱକପ।

ଏହି ବିଜୟ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡ଼ିଆ ଏକ୍ସରେ ଭାରତୀୟ ଦଳଙ୍କୁ ଅଭିନନ୍ଦନ ଜଣାଇ ଲେଖିଛନ୍ତି, ଆମର ଭାରତୀୟ ମହିଳା ଅଣ୍ଡର-୧୯ ଦଳ ଆଇସିସି ଅଣ୍ଡର-୧୯ ଟି-୨୦ ବିଶ୍ୱକପ ୨୦୨୫ ଜିତିଛି। ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ନିଷ୍ଠାପର ମନୋଭାବ ଦେଶକୁ ଗର୍ବିତ କରିଛି। ଏହି ବିଜୟ ଆମ ଝିଅମାନଙ୍କର କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ପ୍ରମାଣ। ଏହା ପ୍ରମାଣ କରେ ଯେ, ଭାରତୀୟ ମହିଳା କ୍ରିକେଟ୍‌ର ଭବିଷ୍ୟତ ପୂର୍ବ ଅପେକ୍ଷା ଅଧିକ ଉଜ୍ଜ୍ୱଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




## ମୁମ୍ବାଇରେ କ୍ରିକେଟ ଖେଳିଲେ ଋଷି ସୁନକ



**ମୁମ୍ବାଇ**

ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ ଏବେ ଭାରତ ଗସ୍ତରେ ଅଛନ୍ତି। ଏହି ସମୟରେ, ସେ ରବିବାର ଦକ୍ଷିଣ ମୁମ୍ବାଇର ପାର୍ସି ଜିମଖାନା ପରିଦର୍ଶନ କରିଥିଲେ। ଏହି ସମୟରେ, ସେ ଟେନିସ୍ ବଲ୍ କ୍ରିକେଟ୍ ଉପଭୋଗ କରିଥିଲେ। ଏଠାରେ ସେ କହିଥିଲେ କି, 'ମୁଁ ଖୁସି ଯେ, ଅଧିକ ଆଉଟ ହୋଇନାହିଁ।'

ଅନ୍ୟପଟେ ଋଷି ସୁନକ ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଲେଖିଛନ୍ତି, "ଟେନିସ୍ ବଲ୍ କ୍ରିକେଟ୍ ନ ଖେଳି ମୁମ୍ବାଇର କୌଣସି ଯାତ୍ରା ସମ୍ପୂର୍ଣ୍ଣ ହୁଏ ନାହିଁ।" ଏହା ବ୍ୟତୀତ, ସେ ସାମ୍ବାଦିକମାନଙ୍କୁ କହିଥିଲେ, "ଆପଣମାନଙ୍କ ସମସ୍ତଙ୍କ ମଧ୍ୟରେ ପାର୍ସି ଜିମଖାନା କ୍ଲବ ପ୍ରତିଷ୍ଠା ଦିବସ ସମାରୋହରେ ସାମିଲ ହେବା ବହୁତ ଖୁସିର କଥା।" ଏହା ଏକ ଅସାଧାରଣ ସଫଳତା। ଏହା ଅନେକ ଇତିହାସ ଏବଂ ବହୁତଗୁଡିଏ ରୋମାଞ୍ଚକର ମୁହୂର୍ତ୍ତର ସାକ୍ଷୀ ହୋଇଛି। ମୁଁ ଖୁସି ଯେ, ଅଧିକ ଆଉଟ ହୋଇନାହିଁ।"

ସୁନକ କହିଛନ୍ତି ଯେ ସେ ଏପରି ଅଧିକ ଯାତ୍ରା କରିବାକୁ ଆଗ୍ରହୀ। ପାର୍ସି ଜିମଖାନା ୨୫ ଫେବୃୟାରୀ ୧୮୮୫ ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ସାର୍ ଜାମସେଦଜୀ ଜେଜିଭୋଇଙ୍କୁ ଏହାର ପ୍ରତିଷ୍ଠାତା ସଭାପତି ନିଯୁକ୍ତ କରାଯାଇଥିଲା, ଯେତେବେଳେ ଜାମସେଦଜୀ ଟାଟାଙ୍କୁ ସଭାପତି ନିଯୁକ୍ତ କରାଯାଇଥିଲା।

## ମା' ଶ୍ୟାମାକାଳୀ ୟୁଥ୍ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ଏବିସି ଭଦ୍ରକ ଚାମ୍ପିଅନ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଜାହାଙ୍ଗୀର ଠାରେ ମା' ଶ୍ୟାମାକାଳୀ ୟୁଥ୍ କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ବିସିଏ ଜଳେଶ୍ୱର ଓ ଏବିସି ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏବିସି ଭଦ୍ରକ ଟସ୍ ଜିତି ୨୦ ଓଭରରେ ୫ ଓଇକେଟ ହରାଇ ୩୨୦ କରିଥିଲା। ଜବାବରେ ବିସିଏ ଜଳେଶ୍ୱର ୧୭.୪ ଓଭରରେ ସମସ୍ତ ଓଇକେଟ ୧୭୪ କରି ପରାସ୍ତ ହୋଇଥିଲା। ଉଦ୍‌ଘାଟନ ଓ ଉଦ୍‌ଯାପନୀ ମ୍ୟାଚ୍‌ରେ ଧାମନଗର ବିଡ଼ିଓ ବନବିହାରୀ ଦିନ୍ଦା, ଜାତ୍ରା କଳାକାର ରଶ୍ମିରଞ୍ଜନ ମହାପାତ୍ର ଓ ଅଭି କୁମାର ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଟିମ୍‌କୁ ଟ୍ରଫି ସମେତ ଅର୍ଥ ରାଶି ପ୍ରଦାନ କରିଥିଲେ। ରଞ୍ଜନ ମହାନ୍ତି ଓ ସାର୍ଥକ ବିଶ୍ୱାଳ ଅମ୍ପାୟାର ରହିଥିବାବେଳେ ରାଧାଶ୍ୟାମ ଜେନା, ସୁଶାନ୍ତ ଦାସ, ବିଶ୍ୱଜିତ ପାଢୀ ଓ ସନ୍ୟାସୀ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ପଣ୍ଡା, ପରେଶ ବେହେରା ଓ ସୂର୍ଯ୍ୟକାନ୍ତ ଘଡ଼େଇ ସ୍କୁରର ଭାବେ କାର୍ଯ୍ୟ ତୁଲାଇଥିଲେ। ମୁକ୍ତିକାନ୍ତ ପାଢୀ, ସିବୁ ରାଉତ, ମାନସ ପ୍ରଧାଣ ଓ ଶ୍ୟାମାକାଳୀ ୟୁଥ କ୍ଲବର ସମସ୍ତ ମେମ୍ବର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ସମାଜସେବୀ ଓ ରାଜନେତା ଯୋଗଦେଇଥିଲେ।

## ବାରବାଟୀ ଦିନିକିଆ : ମିଳିଲାନି ଅନ୍‌ଲାଇନ୍ ଟିକେଟ୍, ଅଫ୍‌ଲାଇନ୍‌କୁ ଅପେକ୍ଷା

**କଟକ, ନ୍ୟୁଜ୍‌ବ୍ୟୁରୋ**

ଐତିହାସିକ ବାରବାଟୀ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆସନ୍ତା ରବିବାର (୨୦୨୫ ଫେବୃଆରୀ ୯) ଦିନ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ବହୁ ପ୍ରତୀକ୍ଷିତ ଏହି ମ୍ୟାଚ୍ ପାଇଁ ରବିବାର ଠାରୁ ଟିକେଟ୍ ବିକ୍ରି ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ରବିବାର ଅପରାହ୍ନ ୪ଟାରୁ ଅନ୍‌ଲାଇନ୍ ଟିକେଟ୍ ବିକ୍ରି ହୋଇଥିଲା। କ୍ରିକେଟ୍‌ପ୍ରେମୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଟିକେଟ୍ କିଣିବା ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିଥିଲେ। ତେବେ ହଜାର ହଜାର କ୍ରିକେଟ୍ ପ୍ରେମୀଙ୍କୁ ଅନ୍‌ଲାଇନ୍ ଟିକେଟ୍ ନପାଇ ନିରାଶ ହେବାକୁ ପଡ଼ିଥିଲା। ଟିକେଟ୍ ପାଇପାରି ନଥିବା ପ୍ରଶଂସକମାନେ




ଏବେ ମନଦୁଃଖର ସହିତ ଅଛନ୍ତି। କ୍ରିକେଟ୍‌କୁ ବହୁତ ଭଲ ପାଉଥିବା ବ୍ୟକ୍ତିମାନେ ଏବେ ଅଫ୍‌ଲାଇନ୍‌ରେ ଟିକେଟ୍ କିଣିବାକୁ ଅପକ୍ଷୋ କରିଛନ୍ତି।

ବାରବାଟୀରେ ଭାରତ-ଇଂଲଣ୍ଡ ମ୍ୟାଚ୍ ପାଇଁ ରବିବାର ଅପରାହ୍ନ ୪ଟାରୁ ଟିକଟ୍ ବୁକିଂ ମୋବାଇଲ ଆପ୍ଲିକେସନ district by zomato ଓ ଗୁଗଲ୍ ବ୍ରାଉଜର zomato.inରେ ହୋଇଥିଲା। ଦିବାରାତ ମ୍ୟାଚ୍ ପାଇଁ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଟିକେଟ୍‌ର ଯେଉଁଭଳି ଚାହିଦା ରହୁଛି, ଅଫ୍‌ଲାଇନ୍‌ରେ ଟିକେଟ୍ ଖଣ୍ଡେ ପାଇବାକୁ ମଧ ସଂଘର୍ଷ କରିବାକୁ ପଡ଼ିପାରେ। ଅଫ୍‌ଲାଇନ୍ ଟିକେଟ୍ କାଉଣ୍ଟର ଖୋଲିବାର ବହୁ ପୂର୍ବରୁ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। କଟକରେ ଭାରତ ବନାମ ଇଂଲଣ୍ଡ ମୁକାବିଲା ପାଇଁ ସମୟ ଯେତିକି ପାଖେଇ ଆସୁଛି, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସେତିକି ସକ୍ରିୟ ଦେଖାଯାଉଛି। ସରକାର, ପ୍ରଶାସନ ମଧ୍ୟ ନିଜନିଜ ସ୍ତରରେ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେବାରେ ବ୍ୟସ୍ତ ଅଛନ୍ତି। ଏହାରି ମଧ୍ୟରେ କ୍ରିକେଟ୍‌ପ୍ରେମୀଙ୍କ ମନରେ ଉତ୍ସାହ ବଢ଼ିଯାଇଛି। ବାରବାଟୀ ମୁକାବିଲା ନିମନ୍ତେ ଅଗଣିତ କ୍ରିକେଟପ୍ରେମୀ ଟିକଟକୁ ଅପେକ୍ଷା କରି ରହିଛନ୍ତି। ଅନ୍‌ଲାଇନ୍ ଟିକେଟ୍ ଶେଷ ହୋଇସାରିଛି। ମୋଟ୍ ୪ହଜାର ଟିକଟ୍ ଅନଲାଇନ୍‌ରେ ବିକ୍ରି କରିବାକୁ ଓସିଏ ସ୍ଥିର କରିଥିଲା। ୨ ନମ୍ବର ଗ୍ୟାଲେରି ପାଇଁ ୧୦୭୦ଟି, ୪ ନମ୍ବର ଗ୍ୟାଲେରି ପାଇଁ ୧୦୮୦ଟି, ୭ ନମ୍ବର ଗ୍ୟାଲେରି ପାଇଁ ୧୫୦୦ଟି, ସ୍ପେଶିଆଲ ଏନକ୍ଲୋଜର ପାଇଁ ୨୦୦ଟି, ଏସି ବକ୍ସ ପାଇଁ ୫୦ଟି ଏବଂ ନ୍ୟୁ ପ୍ୟାଭିଲିୟନର ୧୦୦ଟି ଟିକଟ ରହିଥିଲା। ଅନଲାଇନ୍‌ରେ ଟିକଟ୍ କିଣିଥିବା ବ୍ୟକ୍ତିମାନେ ୭, ୮ ଓ ୯ ତାରିଖ ତିନି ଦିନ ଭିତରେ ଏହାକୁ କଟକର କେମ୍ବ୍ରିଜ ସ୍କୁଲ ଏବଂ ଭୁବନେଶ୍ୱରର କିଟ୍ ଆଥଲେଟିକ ଷ୍ଟାଡିୟମରୁ ସଂଗ୍ରହ କରିବେ। ୭ ଓ ୮ ତାରିଖରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ।

## ୫ମ ଟି-୨୦ : ଇଂଲଣ୍ଡକୁ ୧୫୦ ରନରେ ହରାଇଲା ଭାରତ



**ମୁମ୍ବାଇ**

ମୁମ୍ବାଇର ଓ୍ୱାଙ୍ଖଡ଼େ ଷ୍ଟାଡିୟମରେ ଚାଲିଥିବା ଭାରତ-ଇଂଲଣ୍ଡ ୫ମ ଟି-୨୦ରେ ଭାରତ ଏକ ବଡ଼ ବିଜୟ ହାସଲ କରିଛି। ଇଂଲଣ୍ଡକୁ ୧୫୦ ରନର ବଡ଼ ବ୍ୟବଧାନରେ ହରାଇଦେଇଛି ଟିମ୍ ଇଣ୍ଡିଆ। ଏହା ସହିତ ସିରିଜକୁ ୪-୧ରେ କବ୍‌ଜା କରିଛି ଭାରତ।

ଭାରତ ଦ୍ୱାରା ରଖାଯାଇଥିବା ୨୪୮ ରନର ଲକ୍ଷ୍ୟ ପିଛା କରିବାକୁ ଯାଇ ଇଂଲଣ୍ଡ ୧୦.୩ ଓଭରରେ ମାତ୍ର ୯୭ ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଫିଲିପ ସଲ୍ଟ ୫୫ ରନ କରିଥିବା ବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ବଡ଼ ସ୍କୋର କରିବାକୁ ବିଫଳ ହୋଇଥିଲେ। ଭାରତ ପକ୍ଷରୁ ମହମ୍ମଦ ସାମି ୩ଟି ଓ୍ୱିକେଟ ନେଇଥିବା ବେଳେ ଶିବମ ଦୁବେ, ବରୁଣ ଚକ୍ରବର୍ତ୍ତୀ ଓ ଅଭିଷେକ ଶର୍ମା ୨ଟି ଲେଖାଏଁ ଓ୍ୱିକେଟ ନେଇଥିଲେ।

ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ପକ୍ଷରୁ ସଂଜୁ ସାମସନ ଓ ଅଭିଷେକ ଶର୍ମା ଭଲ ଆରମ୍ଭ କରିଥିଲେ ବି ସଂଜୁ ମାତ୍ର ୧୬ ରନ କରି ଆଉଟ ହୋଇଥିଲେ। କିନ୍ତୁ ଅନ୍ୟପଟେ ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ ଜାରି ରହିଥିଲା ଓ ସେ ମାତ୍ର ୩୭ ବଲରେ ଶତକ ଅର୍ଜନ କରିଥିଲେ। ସେ ମୋଟ ୧୩୫ ରନ କରିଥିଲେ। ସେହିପରି ଶିବମ ଦୁବେ ୩୦ ରନ କରିଥିଲେ। କିନ୍ତୁ ଅନ୍ୟ ଭାରତୀୟ ବ୍ୟାଟ୍ସମ୍ୟାନମାନେ ବଡ଼ ସ୍କୋର କରିପାରିନଥିଲେ। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ କାର୍ସେ ୩ଟି ଓ୍ୱିକେଟ ନେଇଥିବାବେଳେ ମାର୍କ ଉଡ୍ ୨ଟି ଓ୍ୱିକେଟ ନେଇଥିଲେ।

## ପ୍ଲାଷ୍ଟିକ ମୁକ୍ତ ସାମଗ୍ରୀର ବ୍ୟବହାର ବାର୍ତ୍ତା ନେଇ ଏସବିଆଇର ଗ୍ରୀନ୍ ମାରାଥନ





**ଭୁବନେଶ୍ୱର**

ରେଡ଼ିଓ ମିର୍ଚି ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱର ମଣ୍ଡଳର ମିଳିତ ସହଯୋଗରେ ସମାଜରେ ପ୍ଲାଷ୍ଟିକ ମୁକ୍ତ ସାମଗ୍ରୀର ବ୍ୟବହାର ବାର୍ତ୍ତା ନେଇ ଷ୍ଟେଟ୍ ବ୍ୟାଙ୍କ୍ ଗ୍ରୀନ ମାରାଥନ ୨୦୨୫ ଆୟୋଜିତ ହୋଇଯାଇଛି।

ଗତ ଫେବୃୟାରୀ ୨ ତାରିଖ ଦିନ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ପାଖାପାଖି ୫୦୦୦ ଉତ୍ସାହୀ ଦୌଡ଼ାଳିଙ୍କ ଉପସ୍ଥିତିରେ ପରିବେଶ ଚଳଚଞ୍ଚଳ ହୋଇ ଉଠିଥିଲା। ଚାକିରିଆ, ଡାକ୍ତର, ବୃତ୍ତିଗତ ପେଶାଦାର, ବ୍ୟାପାରୀ ଆଦି ସମସ୍ତ ଶ୍ରେଣୀ ଓ ସମସ୍ତ ବୟସର ଲୋକ ଏହି ମାରାଥନରେ ଯଥାକ୍ରମେ ୨୧ କି. ମି., ୧୦ କି.ମି. ଓ ୫ କି.ମି. ଦୌଡ଼ରେ ଅଂଶଗ୍ରହଣ କରିଥିଲେ।

ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଓଡ଼ିଶା ପୋଲିସ ଡି.ଜି. ଯୋଗେଶ ବାହାଦୁର ଖୁରାନିଆ, ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସାଦ ମହାନ୍ତି ଓ ଖ୍ୟାତନାମା ଚଳଚିତ୍ର କଳାକାର ତଥା ସିଦ୍ଧାର୍ଥ ଚ୍ୟାନେଲର ନିର୍ଦ୍ଦେଶକ ତମନ୍ନା ବ୍ୟାସ ଆଦି ଅତିଥି ବୃନ୍ଦ ଉପସ୍ଥିତ ରହି ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଷ୍ଟେଟ୍ ବ୍ୟାକ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି, ମହାପ୍ରବନ୍ଧକ ନେଟୱର୍କ ପୋନ୍ନମବଲମ୍ ଏମ୍, ମହାପ୍ରବନ୍ଧକ ନେଟୱର୍କ କୌଶଳ କିଶୋର ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରୁଥି ବିଜୟୀ ଧାବକମାନଙ୍କୁ ପୁରସ୍କୃତ କରିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ସକ୍ରିୟ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଥିଲେ। ଶ୍ରୀ ପରୁଥି ସମସ୍ତଙ୍କୁ ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ନିରନ୍ତର ପ୍ରୟାସରତ ରହିବାକୁ ଆହ୍ୱାନ ଦେଇଥିଲେ।

## କୈଳାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ନିଶ୍ଚିତ ଶାସନ ଚାମ୍ପିଅନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତ ସରଳପୁର ଖେଳ ପଡ଼ିଆରେ ଶିବଶକ୍ତି କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ କୈଳାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି କ୍ରିକେଟ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ଟି ପୁଣ୍ଡିଲୋ ଜୟ ଯବାନ ୟୁଥ୍ କ୍ଲବ୍ ଓ ନିଶ୍ଚିତ ଶାସନ ସାଇନିଙ୍ଗ ଷ୍ଟାର ସ୍ପୋର୍ଟ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୁଣ୍ଡିଲୋ ଜୟ ଯବାନ ୟୁଥ୍ କ୍ଲବ୍ ଟସ୍ ଜିତି ଫିଲ୍‌ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ନିଶ୍ଚିତ ଶାସନ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮୩ ରନ ସଂଗ୍ରହ କରିଥିଲା। ପୁଣ୍ଡିଲୋ କ୍ରିକେଟ ଟିମ୍ ନିର୍ଦ୍ଧାରିତ ଓଭରରେ ୪୭ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ନିଶ୍ଚିତ ଶାସନ କ୍ରିକେଟ ଟିମ୍ ଚାମ୍ପିଅନ ହୋଇଥିଲା। ଏହି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସିଆରସିସି ତଥା ଶିକ୍ଷକ ଶ୍ରୀମନ୍ତ ସୁତାର, ସୁକାନ୍ତ ଗୋଛାୟତ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ଅମ୍ପାୟାର ଭାବେ ସୁଜିତ ସୁତାର, ସନ୍ଦୀପ ସାମଲ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ପ୍ରତାପ ବିଶ୍ୱାଳ ଖେଳର ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଖେଳକୁ ସରଳପୁର କ୍ରିକେଟ କ୍ଲବ ସଦସ୍ୟମାନେ ପରିଚାଳନା ରେ ସହଯୋଗ କରିଥିଲେ।

## କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ମଣ୍ଡଳ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋପାଳପୁର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ନିପୁଣ ଓଡ଼ିଶା ମେଳା ସିଆରସିସି ସୁକାନ୍ତ କୁମାର ଦ୍ୱିବେଦୀଙ୍କ ପରିଚାଳନାରେ ଆୟୋଜିତ ହୋଇଯାଇଛି। ମଣ୍ଡଳ ସହସିକ୍ଷା ଅଧିକାରୀ ଆଶୁତୋଷ ବାନାର୍ଜୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିପୁଣ ମେଳାରେ କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ଅଂଶଗ୍ରହଣ କରି ନିପୁଣ ମେଳାର ଉଦ୍ଦେଶ୍ୟକୁ ସାଫଲ୍ୟମଣ୍ଡିତ କରିଥିଲେ। ପିଲା ମାନଙ୍କୁ ପୁରସ୍କୃତ କରାଯିବା ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା।ପ୍ରଧାନ ଶିକ୍ଷୟିତ୍ରୀ ମିନତି ବାଳା ହୋତା, ଜୟପ୍ରକାଶ ପଣ୍ଡା, ସୁଜାତା ମହାନ୍ତି, ସୁଶ୍ରୀ ସଙ୍ଗୀତ ଦାସ, ଦୀପ୍ତି ମଲ୍ଲିକ, ପୁଷ୍ପାଞ୍ଜଳି ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଚଳିତ ଶିକ୍ଷା ପଦ୍ଧତି ଏବଂ ନୂତନ ଶିକ୍ଷାନୀତି ବିଷୟରେ ଉପସ୍ଥିତ ଅଭିଭାବକମାନଙ୍କୁ ସୂଚନା ଦେଇଥିଲେ। ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ମାନେ ସମସ୍ତ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏ ନିପୁଣ ଓଡ଼ିଶା ମେଳାରେ ପିଲାମାନେ ଆଣିଥିବା ସାକ୍ଷରତା ଷ୍ଟଲ୍, ସଂଖ୍ୟା ଜ୍ଞାନ ଷ୍ଟଲ୍, ସୃଜନଶୀଳତା ଷ୍ଟଲ୍‌କୁ ସମସ୍ତ ଅଭିଭାବକ ବୁଲି ଦେଖିଥିଲେ ଓ ସେମାନଙ୍କ ମତାମତ ଦେଇଥିଲେ। ଶେଷରେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତି ବାଳା ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## କୋର୍ଟ ନିକଟରେ ହୋଟେଲ୍ ମାଲିକଙ୍କୁ ମାଡ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟ ନିକଟରେ ଜଣେ ହୋଟେଲ୍ ମାଲିକଙ୍କୁ ଗୋଡାଇ ଗୋଡାଇ ନିସ୍ଥୁକ ଭାବରେ ପିଟିବା ଏକ ଚାଞ୍ଚଲ୍ୟକର ଘଟଣା ଉକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଟାଉନ୍‌ଥାନା ଅଧିକାରୀଙ୍କ ଠାରୁ ପ୍ରକାଶ ଯେ ଶ୍ୟାମସୁନ୍ଦରପୁର ଛକରେ ହୋଟେଲ୍ ଚଣ୍ଡିଆ ପ୍ୟାଲେସ୍‌ର ମାଲିକ ବଳରାମ ସାହୁ କୌଣସି କାମରେ କୋର୍ଟକୁ ଯାଇଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ସେହି ଅଞ୍ଚଳର ମିର ଲିପୁ ତାଙ୍କୁ ନିସ୍ଥୁକ ଭାବରେ ମାଡ଼ ମାରି ଥିଲା। ଏହି ଘଟଣାକୁ ଉକ୍ତ ଅଞ୍ଚଳର ଶହ ଶହ ଲୋକ ଦେଖିବା ସହିତ ଭିଡିଓ ଭାଇରାଲ୍ କରିଥିଲେ। ଖବର ପାଇ ଟାଉନ୍‌ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମିର୍ ଲିପୁଙ୍କୁ ଗିରଫ କରିଥିବାବେଳେ ତାଙ୍କ ବଡଭାଇ ମିର୍ ପପୁ ଥାନା ଅଧିକାରୀଙ୍କ ସହିତ ଯୁକ୍ତି ତର୍କ ଓ ଅଶାଳୀନ ବ୍ୟବହାର ଓ ହୋଟେଲ୍ ମାଲିକଙ୍କୁ ଧମକ୍ ଦେବାରୁ ହୋଟେଲ୍ ମାଲିକଙ୍କ ଏତଲା କ୍ରମେ ୨୩/୨୫ରେ ଏକ ମାମଲା ରୁଜୁ କରି ଦୁଇ ଭାଇଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ହାଜତକୁ ପଠାଇ ଦିଆଯାଇଛି।

## ହକି ଇଣ୍ଡିଆ ଲିଗ୍ : ଟାଇଗର୍ସ ହାତେଇଲା ଟ୍ରଫି, ବିଜେତାକୁ ୩ କୋଟି, ଉପବିଜେତା ୨ କୋଟି

**ରାଉରକେଲା**

୭ ବର୍ଷ ପରେ ଫେରିଥିବା 'ହକି ଇଣ୍ଡିଆ ଲିଗ୍'ର ଷଷ୍ଠ ସଂସ୍କରଣରେ ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ ବିଜେତା ହୋଇଛି। ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆୟୋଜିତ ଏହି ୮ ଦଳୀୟ ପେସାଦାର ହକି ଲିଗ୍‌ର ଘଡ଼ିକୁ ଘଡ଼ି ମୋଡ଼ ବଦଳାଉଥିବା ଏବଂ ଜବରଦସ୍ତ ଲଢ଼େଇ ଭରା ଫାଇନାଲ୍‌ରେ ବେଙ୍ଗଲ ଟାଇଗର୍ସ ୪-୩ ଗୋଲ୍‌ରେ ହାଇଦ୍ରାବାଦ ତୁଫାନ୍ସକୁ ଶିକାର କରି ଆକର୍ଷଣୀୟ ଟ୍ରଫି ସହ ୩ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଜିତିଛି। ତୁଫାନ୍ସ ପ୍ରଥମ ତିନି କ୍ୱାର୍ଟରରେ ତୁଫାନି ହକି ଖେଳି ଟାଇଗର୍ସକୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଶେଷ କ୍ୱାର୍ଟରରେ ମ୍ୟାଚ୍ ହାତଛଡ଼ା କରିଛି। ଫଳରେ ରନର୍ ଅପ୍ ଟ୍ରଫି ସହ ୨ କୋଟି ଟଙ୍କାର ଆର୍ଥିକ ପୁରସ୍କାରରେ ସନ୍ତୁଷ୍ଟ ରହିଛି। ତୃତୀୟ ସ୍ଥାନରେ ରହିଥିବା ସୁରମା ହକି କ୍ଲବ୍ କାଂସ୍ୟ ପଦକ ସହ ୧ କୋଟି ଟଙ୍କା ପାଇଛି।

ଦର୍ଶକଙ୍କ ପ୍ରବଳ ଉତ୍ସାହ ତଥା ମନ୍ତ୍ରମୁଗ୍ଧକଲା ଭଳି ପରିବେଶରେ ଖେଳାଯାଇଥିବା ଫାଇନାଲ୍ ଆରମ୍ଭରୁ ଦୁଇ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ୮ ମିନିଟ୍‌ର ଗତିରୋଧ ପରେ ନବମ ମିନିଟ୍‌ରେ ଗଞ୍ଜାଲୋ ପେଲେଟ୍ ପ୍ରଥମ ଗୋଲ୍ ଦେବା ପରେ ଉଭୟ ଦଳ ଫାଷ୍ଟ୍ ହକିର ବଳିଷ୍ଠ ନମୂନା ଦେଖାଇ ଦର୍ଶକଙ୍କୁ ବିମୋହିତ କରିଥିଲେ। ତେବେ ବେଙ୍ଗଲ ଟାଇଗର୍ସର ଯୁଗରାଜ ସିଂହ ଦୁଇ ଦଳ ମଧ୍ୟରେ ପ୍ରମୁଖ ଫରକ ପାଲଟିଥିଲେ। ବ୍ୟକ୍ତିଗତ ଭାବେ ତିନିଟି ଗୋଲ୍ ଦେଇ ହ୍ୟାଟ୍ରିକ୍ (୨୫, ୩୨, ୩୫ ମିନିଟ୍) କରିବାର ଅଭୁଲା ସଫଳତା ପାଇବା ସହ ପୂରା ଋତୁରେ ଭଲ କରି ଟାଇଗର୍ସର ଟ୍ରଫି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ ତୁଫାନ୍ସ ଲଢ଼ୁଆ ହକି ଖେଳିଥିଲେ ମଧ୍ୟ ଗଞ୍ଜାଲୋଙ୍କ ଦ୍ୱିତୀୟ ଗୋଲ୍ (୩୯ ମିନିଟ୍) ଓ ଓଡ଼ିଆ ପୁଅ ଅମନଦୀପ ଲାକ୍ରା (୨୬ ମିନିଟ୍)ଙ୍କ ପ୍ରଥମ ଗୋଲ୍ ବଳରେ ସ୍ଥିତି ସମାନ ସ୍ତରକୁ ଆଣିଥିଲେ। ୫୬ ମିନିଟ୍‌ରେ ଟାଇଗର୍ସର ଗୋଲ୍‌ରକ୍ଷକ ଜାମି କାର୍ ଗଞ୍ଜାଲୋଙ୍କ ଏକ ଲକ୍ଷ୍ୟଭେଦୀ



ପେନାଲ୍ଟି ସଟ୍‌କୁ ନିଷ୍ଫଳ କରିବା ମ୍ୟାଚ୍‌ର ଟର୍ଣ୍ଣିଂ ପଏଣ୍ଟ ଥିଲା।

ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ସଂପାଦକ ଭୋଳାନାଥ ସିଂହ, କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା, ଓଡ଼ିଶା ହକି ବିକାଶ ପରିଷଦର ସିଇଓ ଦୀପଙ୍କର ମହାପାତ୍ର, ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ ସଭାପତି କ୍ରିସ୍ ଜେନକିନ୍ସ, ମୁଖ୍ୟ କାର୍ଯ୍ୟନିର୍ବାହୀ କାଟି ସାଡଲେର, ହକି ଇଣ୍ଡିଆ ଓ ରାଜ୍ୟ କ୍ରୀଡ଼ା ବିଭାଗର ବହୁ ବରିଷ୍ଠ ଅଧିକାରୀ, ଫ୍ରାଞ୍ଚାଇଜ ମାଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ହକି ଇଣ୍ଡିଆ ଲିଗ୍ ଫାଇନାଲ୍‌ରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ୟୁଟ୍ୟୁବର ତର୍ଷ। ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ଦକ୍ଷିଣ ଭାରତୀୟ ବାପା ଓ ଆଫ୍ରିକୀୟ ମା'ଙ୍କ ୟୁଟ୍ୟୁବର ପୁଅ ତର୍ଷ ହକିକୁ ମନ ଭରି ଉପଭୋଗ କରୁଥିଲା ବେଳେ ଦର୍ଶକ ଓ ଗଣମାଧ୍ୟମପ୍ରେମୀ ତର୍ଷ ସ୍ପଷ୍ଟ ଭାବେ ହିନ୍ଦୀ ଓ ଓଡ଼ିଆ କହୁଥିବା ଦେଖି ତାଜୁବ ହୋଇ ଯାଇଥିଲେ। ସାଙ୍ଗରେ ଥିବା ପିତା ଦୀନେଶ ଲାଇଚିଟି ମଧ୍ୟ ନିଜ ଜନ୍ମ ମାଟିରେ ପୁଅକୁ ଏଭଳି ଭଲପାଇବା ମିଳିବା ଦେଖି ଭାବବିହ୍ୱଳ ହୋଇଯାଇଥିଲେ। ତର୍ଷ ରାଉରକେଲାସ୍ଥିତ କନକ ମଞ୍ଜରୀ ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପାଠ ପଢୁଥିଲା ବେଳେ ତାଙ୍କ ମୁହଁରୁ 'ଏଇଦେଶ ଏଇ ମାଟି, ମମତାମୟୀ ମା'ଟି' ଗୀତ ସମସ୍ତଙ୍କୁ ପ୍ରଭାବିତ କରିଥିଲା। କେବଳ ହିନ୍ଦୀ, ଓଡ଼ିଆ ନୁହେଁ ତର୍ଷ ପର୍ତ୍ତୁଗିଜ୍, ଇଂରାଜୀ ଓ ସ୍ପାନିସ୍ ଭଳି ପାଞ୍ଚଟି ଭାଷା ପ୍ରାଞ୍ଜଳ ଭାବେ କହିପାରନ୍ତି। ୟୁଟ୍ୟୁବ୍‌ରେ ତାଙ୍କର 'ଆଫ୍ରିକାନ୍ ଟୋକା' ନାଁରେ ଏକ ଚ୍ୟାନେଲ୍ ରହିଛି। ୯ ବର୍ଷ ବୟସ୍କ ତର୍ଷଙ୍କର ୩୮,୦୦୦ରୁ ଅଧିକ ଅନୁଗାମୀ ଅଛନ୍ତି। ବେଙ୍ଗଲ ଟାଇଗର୍ସ ଦଳକୁ ସମର୍ଥନ କରୁଥିବା ତର୍ଷଙ୍କ ପସନ୍ଦର ଫୁଟବଲର୍ ହେଉଛନ୍ତି ମେସି। ଆଗକୁ ତାଙ୍କ ଚ୍ୟାନେଲ୍‌ରେ ୧୦ ଲକ୍ଷ ଅନୁଗାମୀ କରିବାକୁ ଲକ୍ଷ୍ୟ ରଖିଛନ୍ତି ସେ। ତର୍ଷ ମଧ୍ୟ ଫ୍ରିଷ୍ଟାଇଲ୍ ଡ୍ୟାନ୍ସ କରିବାକୁ ଭଲ ପାଆନ୍ତି। କେବଳ ଓଡ଼ିଆ ସଂସ୍କୃତି ନୁହେଁ, ଦେବ ଦେବ ମହାଦେବଙ୍କ ଉପରେ ତାଙ୍କର ଅଗାଢ଼ ବିଶ୍ୱାସ ରହିଛି ବୋଲି ଓଡ଼ିଆରେ କୁହନ୍ତି ତର୍ଷ। ଆଗାମୀ ସମୟରେ ଓଡ଼ିଶାକୁ କ୍ରୀଡ଼ା ଓ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଛନ୍ତି ସେ।





# ଖଣ୍ଡଗିରି ମେଳାକୁ ଆଉ ଦିନେ : ଆସିଲେଣି ବେପାରୀ, ହେଲାଣି ସାଜସଜ୍ଜା




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଯଜ୍ଞ ପାଇଁ ହୋମକୁଣ୍ଡ ପ୍ରସ୍ତୁତ କରାଯାଉଛି । ସାଧୁମାନେ ମାଟିରେ କୁଣ୍ଡ କରି ତହିଁରେ ଗୋବର ଓ ମାଟି ଲେପ ଦେଉଛନ୍ତି । ସେମାନଙ୍କ ରହଣି ପାଇଁ ଅସ୍ଥାୟୀ ଘର ତିଆରି ହେଉଛି । ସେହିପରି ଭିଡ଼ ହଟେଇବାକୁ ରାସ୍ତା ପାର୍ଶ୍ୱରେ ଲୁହାର ବାରିକେଡ୍ ଖଞ୍ଜା ଯାଉଛି । ବାହାର ରାଜ୍ୟରୁ ଖେଳଣା, ଫୁଲ ବେପାରୀ ଓ ଦୋକି ବେପାରୀମାନେ ମଧ ଆସି ଖଣ୍ଡଗିରିରେ ପହଞ୍ଚିଲେଣି । ଯାତ୍ରା ପାଇଁ ମଧ ପେଣ୍ଡାଲ ସଜ୍ଜା ଚାଲିଛି । କିଛି ସମୟ ପରେ ଐତିହାସିକ ଖଣ୍ଡଗିରି ମେଳା । ସେଥିପାଇଁ ପାହାଡ଼ ପାଦଦେଶଠାରୁ ନେଇ ଜାଗମରା ରାସ୍ତା, ଖଣ୍ଡଗିରି ବାରି ଓ ବିଭିନ୍ନ ଯାତ୍ରା ପେଣ୍ଡାଲରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତା ୪ ତାରିଖରୁ ହୋମଯଜ୍ଞରେ ଖଣ୍ଡଗିରି ପାହାଡ଼ କମ୍ପିବ । ଚଳିତବର୍ଷ ପ୍ରୟାଗରାଜରେ କୁମ୍ଭମେଳା ଚାଲୁଥିବାରୁ ପ୍ରତିବର୍ଷ ଯେଉଁଭଳି ଦେଶର କୋଣ ଅନୁକୋଣରୁ ସାଧୁସନ୍ଥ ଆସୁଥିଲେ, ଏଥରକ ସେମାନଙ୍କ ସଂଖ୍ୟା କମିପାରେ । ତଥାପି ପୁରୀ, ଢେଙ୍କାନାଳ ସହ ପଡୋଶୀ ପଶ୍ଚିମବଙ୍ଗ, ଛତିଶଗଡ଼ରୁ ସାଧୁସନ୍ଥ ଆସିବେ ବୋଲି ଏଠାରେ ପହଞ୍ଚିଥିବା କେତେକ ସାଧୁସନ୍ଥ କହିଛନ୍ତି । ମେଳା ଆରମ୍ଭରେ ପାହାଡ଼ ଉପରେ ଜୈନଙ୍କ ପୀଠ ପାଖରେ ଯଜ୍ଞ ଓ ଚଣ୍ଡୀ ଯଜ୍ଞ ହେବ । ସେହିପରି ମା' ବାରଭୁଜାଙ୍କ ପାଖରେ ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ସହ ନବଦିନାତ୍ମକ ରାମଚରିତ ମାନସ ପାରାୟଣ, ଗରିବ ବ୍ରାହ୍ମଣ ପିଲାଙ୍କ ସମୂହ ବ୍ରତ କାର୍ଯ୍ୟକ୍ରମ ରହିଛି । ପାହାଡ଼ ଚାରିପାଖରେ ସାଧୁସନ୍ଥଙ୍କ ଦ୍ୱାରା ୧୦୮ କୁଣ୍ଡୀୟ (ଧୂନି ଯଜ୍ଞ) କରାଯିବ । ଖଣ୍ଡଗିରି ମେଳା ଆସିଲେ ବଞ୍ଜାରାଙ୍କ ଭିଡ଼ ଜମେ । ସେମାନେ ରାସ୍ତାପାର୍ଶ୍ୱରେ ବସି ବେପାର କରନ୍ତି । ହେଲେ ଏଥରକ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ରାସ୍ତାପାର୍ଶ୍ୱରେ ବାରିକେଡ୍ ତିଆରି କରାଯାଇଛି । ମେଳା ବେଳେ ଅସ୍ଥାୟୀ ଶୌଚାଳୟ ନଥିବାରୁ ଲୋକେ ରାସ୍ତା ଉପରେ ପରିସ୍ରା କରନ୍ତି । ବିଶେଷକରି ଓଭରବ୍ରିଜ୍ ତଳ ଦୁର୍ଗନ୍ଧରେ ଫାଟିପଡ଼େ । ତେଣୁ ଏଥରକ ଅସ୍ଥାୟୀ ଶୌଚାଳୟ କରିବାକୁ ସ୍ଥାନୀୟ ବ୍ୟବସାୟୀମାନେ ଦାବି କରିଛନ୍ତି । ସୂଚନାଯୋଗ୍ୟଯେ, ଗତ ଜାନୁଆରୀ ୧୦ରୁ ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ପକ୍ଷରୁ ପାହାଡ଼ ପାଦଦେଶରେ ପୂର୍ଣ୍ଣ କୁମ୍ଭମେଳା ଆରମ୍ଭ ହୋଇସାରିଛି ।

# ନୀତି ବିଳମ୍ବ ପାଇଁ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଆଗଉନି : ରତ୍ନଭଣ୍ଡାରରେ ମୂଷା ଗାତ, ବଦଳିଲାଣି ୪୦ ପଥର



**ପୁରୀ, ୨/୨ ନ୍ୟୁଜ ବ୍ୟୁରୋ**
ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହେଲାଣି ରତ୍ନଭଣ୍ଡାର ମରାମତି କାମ। ଭଙ୍ଗା ଓ ଫାଟିଯାଇଥିବା ପଥର ସବୁକୁ କଢ଼ାଯାଇ ନୂଆ ଖୋଣ୍ଡଲାଇଟ୍ ଓ ଖ୍ୱିଟିଂର କଳା ମୁଗୁନିପଥର (ବାସଲ୍ଟ ଷ୍ଟୋନ) ଲଗାଯାଉଛି। ଗ୍ରାଉଟିଂ କାମ ବି ଜାରି ରହିଛି। ମରାମତି କାମ ସରିବା ପରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ଓ ମଣତି ହେବ। କିନ୍ତୁ ନୀତିକାନ୍ତି ବିଳମ୍ବ କାରଣରୁ ମରାମତି କାମରେ ସେତେଟା ଅଗ୍ରଗତି ଦେଖିବାକୁ ମିଳୁନି। ଦୁଇ ମାସରେ ସରିବା କଥା, ଦେଢ଼ ମାସ ବିତିଥିଲେ ବି ୨୫ ପ୍ରତିଶତ କାମ ସରିନି। ଦିନକୁ ଅତିବେଶିରେ ୨ ଘଣ୍ଟା ମରାମତି ପାଇଁ ମିଳୁଛି। ଅପରପକ୍ଷେ ରତ୍ନଭଣ୍ଡାର କାନ୍ଥରେ ମୂଷା ଗାତ ସବୁ ରହିଛି। ଏହାର ବି ମରାମତି କରାଯିବ। ଆଗକୁ ରଥଯାତ୍ରା। ଏହା ପୂର୍ବରୁ ରଥଯାତ୍ରାର ଅନେକ ନୀତିକାନ୍ତି ଚାଲିବ। ଶୀଘ୍ର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯିବ। ଯଦି ଏଭଳି ବିଳମ୍ବିତ ପ୍ରକ୍ରିୟାରେ ରତ୍ନଭଣ୍ଡାର ମରାମତି କାମ ଚାଲେ, ରଥଯାତ୍ରା ପୂର୍ବରୁ ବି ମରାମତି କାମ ସରିବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ଏଏସ୍ଆଇ। ଯଦି ଆମକୁ ଅଧିକ ସମୟ ମିଳନ୍ତା, ଆମେ ସମୟ ଅନୁସାରେ କାମ ସାରି ପାରନ୍ତୁ ବୋଲି ମତ ଦେଇଛନ୍ତି। ନୀତିକାନ୍ତିରେ ଶୃଙ୍ଖଳା ଆଣି ମରାମତି ପାଇଁ ଅଧିକ ସମୟ ଦେବା ଦିଗରେ ପ୍ରଶାସନ ଗୁରୁତ୍ୱ ଦେବାକୁ ସେବାୟତ ଓ ପୂର୍ବତନ ପରିଚାଳନା କମିଟି ସଦସ୍ୟ ଦାବି କରିଛନ୍ତି। ଦ୍ୱିତୀୟ ଭୋଗମଣ୍ଡପ ଶେଷ ପରେ ମାର୍ଗଦର୍ଶିକା ଅନୁସାରେ ପ୍ରତିଦିନ ଜିଲ୍ଲା ଟ୍ରେଜେରିରୁ ରତ୍ନଭଣ୍ଡାର ଚାବି ଅଣାଯାଇ ରତ୍ନଭଣ୍ଡାର ଖୋଲି ମରାମତି କାମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରତିଦିନ ରାତି ୨ଟାରେ ଦ୍ୱାରଫିଟା ନୀତି ସଂପନ୍ନ କରି ଅପରାହ୍ଣ ସାଢ଼େ ୧ଟାରୁ ୨ଟା ଭିତରେ ଦ୍ୱିତୀୟ ଭୋଗମଣ୍ଡମ ଶେଷ ପରେ ଏଏସ୍ଆଇର ବୈଷୟିକ ଦଳଙ୍କୁ ରତ୍ନଭଣ୍ଡାର ମରାମତି କରିବାକୁ ଛଡ଼ାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତିଦିନ ପ୍ରାୟ ୪ରୁ ୫ ଘଣ୍ଟା ରତ୍ନଭଣ୍ଡାର ମରାମତି କାମ କରିବାକୁ ଯୋଜନ କରାଯାଇଥିଲା। ଏଏସ୍ଆଇ ସହକାରୀ ସଂରକ୍ଷଣ ଅଧିକାରୀ ଜ୍ୟୋତିରଂଜନ ପ୍ରଧାନ କହିଛନ୍ତି, ଏଏସ୍ଆଇ ପକ୍ଷରୁ ଇତିମଧ୍ୟରେ ରତ୍ନଭଣ୍ଡାର କାନ୍ଥ ସଂଯୋଗସ୍ଥଳ ଗ୍ରାଉଟିଂ ଓ ଅନ୍ୟାନ୍ୟ ମରାମତି କାର୍ଯ୍ୟ ଶେଷ କରାଯାଇଛି। ଛାତ ଉପରି ଭାଗ, କାନ୍ଥ, ଚଟାଣ ମରାମତି କାର୍ଯ୍ୟ ଜାରି ରହିଛି। ରତ୍ନଭଣ୍ଡାର ଚଟାଣରେ ଖ୍ୱିଟିଂରୁ ଆସୁଥିବା ଉନ୍ନତମାନର ବାସଲ୍ଟ ଷ୍ଟୋନ ଲଗାଯିବ। ଭଣ୍ଡାର ଘର ବାହାର କାନ୍ଥ ମରାମତି ପାଇଁ ବି ଭାରା ବନ୍ଧା ହୋଇଛି। ଶୀଘ୍ର ବାହାର କାନ୍ଥ ମରାମତି କାର୍ଯ୍ୟ ଆରମ୍ଭ ହେବ। ଭଣ୍ଡାର ଘର ଉପରିଭାଗରେ ଥିବା ଫାଟ ମରାମତି କାମ ଜାରି ରହିଛି। ଏବେ ସୁଦ୍ଧା ରତ୍ନଭଣ୍ଡାର କାନ୍ଥରେ ୪୦ଟି ପ୍ରଭାବିତ ପଥରକୁ ବଦଳାଇ ନୂଆ ଖଣ୍ଡଲାଇଟ୍ ପଥର ଲଗାଯାଇଛି। ଆହୁରି ୧୧୦ରୁ ୧୫୦ ପଥର ଲଗାଇବାକୁ ଯୋଜନା କରାଯାଇଛି। ପଥରକୁ ଯୋଡ଼େଇ କରି ରଖିଥିବା କ୍ଲାମ୍ପରେ ବି କଳଙ୍କି ଲାଗିଯାଇଛି। ବିଭିନ୍ନ ଖୋଦେଇ ପଥର ସବୁ ଲଗାଇ ରତ୍ନଭଣ୍ଡାରର ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ହିତାଧିକାରୀ ହନ୍ତସନ୍ତ : ଇ-କେୱାଇସି ପାଇଁ ନେଟୱର୍କ ବାଧକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାସନ କାର୍ଡ ପାଇଁ ରାଜ୍ୟର ବହୁ ହିତାଧିକାରୀ ଏପର୍ଯ୍ୟନ୍ତ ଇ-କେୱାଇସି କରିନାହାନ୍ତି । ଏଥିପାଇଁ ରାଜ୍ୟ ସରକାର ସମୟ ପରେ ସମୟ ବୃଦ୍ଧି କରିଥିଲେ ବି ନେଟୱର୍କ ସାଜିଛି ମୁଖ୍ୟ ସମସ୍ୟା । ଏହି କାରଣରୁ ଆଉ ୧୩ ଦିନ ଭିତରେ ମଧ ଇ-କେୱାଇସି କରିବା କଷ୍ଟକର । ଅନେକ ଅଯୋଗ୍ୟ ହିତାଧିକାରୀ ରାସନ ନେଉଥିବାରୁ ସେମାନଙ୍କୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର ଇ-କେୱାଇସି ଜରିଆରେ ରାସନ କାର୍ଡ ବ୍ୟବସ୍ଥା କରିଛନ୍ତି। ଏଥିରେ ଅନେକ ଅଯୋଗ୍ୟ ହିତାଧିକାରୀ ଧରା ପଡୁଛନ୍ତି ସତ, କିନ୍ତୁ ବହୁ ଯୋଗ୍ୟ ହିତାଧିକାରୀ ନେଟୱର୍କ ସମସ୍ୟା ପାଇଁ ଇ-କେୱାଇସି କରିପାରୁନାହାନ୍ତି । ବଲାଙ୍ଗିର ଜିଲ୍ଲାରେ ପାଖାପାଖି ୧ ଲକ୍ଷ ୯୧ ହଜାର ଲୋକ ଏପର୍ଯ୍ୟନ୍ତ ଇ-କେୱାଇସି କରିନାହାନ୍ତି । ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ମ୍ୟୁନିସିପାଲିଟି ଅଞ୍ଚଳରେ ୩ହଜାର ୩୯୩, ଟିଟିଲାଗଡ଼ ବ୍ଲକରେ ୧୪ ହଜାର ୫୫୨, ସଇଁତଳା ବ୍ଲକରେ ୧୩ ହଜାର ୧୧୦, ତୁଷୁରା ଏନଏସିରେ ୬୧୩ ଏବଂ ଗୁଡ଼ଭେଲା ବ୍ଲକରେ ୫ ହଜାର ୬୫୩ ଜଣ ବର୍ତ୍ତମାନ ସୁଦ୍ଧା ଇ-କେୱାଇସି କରିନାହାନ୍ତି । ତେଣୁ ଅଯୋଗ୍ୟ ହିତାଧିକାରୀଙ୍କୁ ଧରିବା ମଧ ସମ୍ଭବ ହେଉନାହିଁ। ୫ ବର୍ଷର ଶିଶୁ ଏବଂ ୬୦ ବର୍ଷରୁ ଅଧିକ ବହୁ ଲୋକଙ୍କ ଆଙ୍ଗୁଳି କିମ୍ବା ଆଖିର ସ୍କାନ୍ କରାଯାଇ ପାରୁନଥିବାରୁ ଇ-କେୱାଇସି କରିବାରେ ସମସ୍ୟା ହେଉଛି । ଇ-କେୱାଇସି ପାଇଁ ରାଜ୍ୟ ସରକାର ବାରମ୍ବାର ସମୟ ବଢ଼ାଇବା ପରେ ପୁଣି ଫେବ୍ରୁଆରି ୧୫ ତାରିଖ ଯାଏ ବୃଦ୍ଧି କରିଛନ୍ତି । କିନ୍ତୁ ବଲାଙ୍ଗିର ଭଳି ବହୁ ସ୍ଥାନରେ ନେଟୱର୍କ ସମସ୍ୟା ବହୁ ଯୋଗ୍ୟ ହିତାଧିକାରୀ ରାସନ କାର୍ଡରୁ ବଞ୍ଚିତ ହେବା ସହିତ ଅଯୋଗ୍ୟଙ୍କୁ ବାଦ ଦେବାରେ ସମସ୍ୟା ଦେଖାଦେଇଛି।

## ସଂଗ୍ରାମ ଜେନାଙ୍କ 'ପଥାନ୍ତର' ଉନ୍ମୋଚିତ

# 'କବିତାରେ ସମକାଳର ସ୍ୱର ପ୍ରତିଫଳିତ ହେବା ଆବଶ୍ୟକ'




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କବିତାରେ ସମକାଳର ସ୍ୱର ଓ ମଣିଷର ଜୀବନଧାରାର ଚିତ୍ର ପ୍ରତିଫଳିତ ହେବା ଆବଶ୍ୟକ ବୋଲି ପ୍ରସିଦ୍ଧ କବି ଡ଼. ପ୍ରତିଭା ଶତପଥୀ ମତ ବ୍ୟକ୍ତ କରିଛନ୍ତି । ରବିବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭା କକ୍ଷରେ କବି ସଂଗ୍ରାମ ଜେନାଙ୍କ କବିତା ପୁସ୍ତକ 'ପଥାନ୍ତର'ର ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସେ ଏହା କହିଛନ୍ତି । ବିଶିଷ୍ଟ ଆଲୋଚକ ପ୍ରଫେସର ଯତୀନ୍ଦ୍ର ନାୟକ କହିଲେ ଯେ, ସାଙ୍ଗୀତିକତା ଓ ସରଳତା କବିତାକୁ ଆୟୁଷ୍ମାନ କରାଏ। ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା କହିଲେ ଯେ ସଂଗ୍ରାମଙ୍କ କବିତାରେ ବୁଦ୍ଧ ଓ ଗାନ୍ଧୀଙ୍କ ଜୀବନାଦର୍ଶ ମଧ ରୂପାୟିତ ହୋଇଛି। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପିକା ଡ଼. ସଂଘମିତ୍ରା ଭଞ୍ଜ ପୁସ୍ତକର ଏକ ଭାବଗର୍ଭକ ସମୀକ୍ଷା ଉପସ୍ଥାପନ କରିଥିବା ବେଳେ କବି ଶ୍ରୀ ଜେନା ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ସସ୍ମିତା ପଟ୍ଟନାୟକ କବିଙ୍କ ଲେଖା ପାଠ କରିଥିଲେ । 'ନିଶାନ୍ତ' ଓ 'ମାର୍ଗ ଏସିଆ' ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ଡ଼.ପ୍ରତିଭା ଶତପଥୀଙ୍କୁ ପଦ୍ମ ସମ୍ମାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ କବି ଫନି ମହାନ୍ତି, ସୁଲେଖକ ଜ୍ୟୋତି ନନ୍ଦ, ଅରବିନ୍ଦ ବେହେରା, କବି ରବି ସ୍ୱାଇଁ, ଜର୍ମାନ ଗବେଷିକା ଉଟି ଇସିଞ୍ଜର, କପିଳାସ ଭୂୟାଁ, ବଙ୍ଗାଳି ନନ୍ଦଙ୍କ ସମେତ ବହୁ କବି, ଲେଖକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଓଡ଼ିଶାର ପ୍ରତି ଜିଲ୍ଲାରେ ହେବ ସମ୍ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମ୍ ହେଲ୍ଥ କେୟାର ସର୍ଭିସେସ୍ ପକ୍ଷରୁ ଏକ ବିସ୍ତୃତ ଯୋଜନା ହାତକୁ ନିଆଯାଇଛି। ତୃଣମୂଳ ସ୍ତରର ଲୋକଙ୍କୁ ସୁଲଭ ତଥା ଗୁଣବତ୍ତା ବିଶିଷ୍ଟ ସ୍ୱାସ୍ଥ୍ୟ ସେବା ଦେବାକୁ ପ୍ରତି ଜିଲ୍ଲାରେ ଏହି ସଂସ୍ଥା ପକ୍ଷରୁ ୫୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍ ସ୍ଥାପନ କରାଯିବ। ଏହି ପରିପ୍ରେକ୍ଷୀରେ ସଂସ୍ଥା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଗୃହୀତ ହୋଇଛି ବୋଲି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓ ସ୍ୱାସ୍ଥ୍ୟ ବିଭାଗର କମିସନର କମ୍ ସେକ୍ରେଟାରୀ ଶ୍ରୀମତି ଏସ୍. ଅଶ୍ୱତିଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଥିଲା। ଉଭୟ ପ୍ରାଇମେରୀ ଏବଂ ସେକେଣ୍ଡାରୀ ସ୍ୱାସ୍ଥ୍ୟ ସେବା ସହ ଏହି ହସ୍ପିଟାଲ୍ ଗୁଡ଼ିକରେ ଅତ୍ୟାଧୁନିକ ଡାଇଗ୍ନୋସିସ୍ ଲ୍ୟାବ୍, ବୟୋଜ୍ୟେଷ୍ଠଙ୍କ ଲାଗି ସ୍ୱତନ୍ତ୍ର ଯତ୍ନ, ଫାର୍ମାସୀ, ଟ୍ରମା କେୟାର, ଇମର୍ଜେନ୍ସି ଏବଂ ଫିଜିଓଥେରାପି ସୁବିଧା ପ୍ରଦାନ କରାଯିବ। ଏଥି ନିମନ୍ତେ ୧୦୦୦ କୋଟି ଟଙ୍କାର ନିବେଶ ହେବ ଓ ୯୦୦ ଲୋକଙ୍କ ଲାଗି ସିଧାସଳଖ ଓ ୬୦୦୦ ଲୋକଙ୍କ ନିମନ୍ତେ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସମ୍ ହେଲ୍ଥକେୟାରର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ଅନୁରାଗ ନାୟକ ସୂଚନା ଦେଇଛନ୍ତି। ଶ୍ରୀ ନାୟକ କହିଛନ୍ତି ଲୋକେ ସ୍ୱାସ୍ଥ୍ୟ ସେବା ଲାଗି ଭୁବନେଶ୍ୱର ଓ କଟକ ଭଳି ବଡ଼ ସହରଗୁଡ଼ିକ ଉପରେ ନିର୍ଭରଶୀଳ ହେଉଛନ୍ତି। ଲୋକଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଦିଗରେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ "ପ୍ରୋକ୍ଟୋଲୋଜି ଡିପ୍ଲୋମା" ଭାରତରେ ପ୍ରଥମ ଓଡ଼ିଶାରୁ ପ୍ରାରମ୍ଭ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି ପ୍ରସ୍ତୁତି ଓ ସହବନ୍ଧିତାରେ ସମନ୍ୱିତ ମଳାଶୟ ରୋଗ ଚିକିତ୍ସା ବିଜ୍ଞାନ "ପ୍ରୋକ୍ଟୋଲୋଜି ଡିପ୍ଲୋମା କୋର୍ସ ଭାରତରେ ପ୍ରଥମ ଶ୍ରୀଜଗନ୍ନାଥ କ୍ଷେତ୍ର ଓଡ଼ିଶାରୁ ଆରମ୍ଭ ହୋଇଛି। ପ୍ରୋକ୍ଟୋଲୋଜି (ମଳାଶୟ ରୋଗ ବିଜ୍ଞାନ) ଏକ ସୁପର ସ୍ପେସିଆଲିଷ୍ଟ ବା ପ୍ରୋକ୍ଟୋଲୋଜିଷ୍ଟ ଭାବରେ ପରିଚିତ। ଏହି ପ୍ରୋକ୍ଟୋଲୋଜି ମେଡ଼ିକାଲ୍ ଗ୍ରାଷ୍ଟୋଲୋଜିଷ୍ଟ ବିଭାଗର ଅନ୍ତର୍ଭୁକ୍ତ ରହିଛି। ପ୍ରୋକ୍ଟୋଲୋଜି ଚିକିତ୍ସା ବିଜ୍ଞାନର ପ୍ରାୟତଃ ୪୦ ପ୍ରକାର ରୋଗର ନିଦାନ, ଗବେଷଣା ଓ ସମନ୍ୱିତ ଚିକିତ୍ସା ଓ ତଥା ଏହା ଆଧୁନିକ ଭାବରେ କରାଯାଇପାରୁଛି। ଏହି ଡିପ୍ଲୋମା କୋର୍ସରେ ଭାରତର ବିଭିନ୍ନ ରାଜ୍ୟର ବି.ଏ.ଏମ୍.ଏସ୍., ଏମ୍.ବି.ବି.ଏସ୍., ବି.ଏଚ୍.ଏମ୍.ଏସ୍, ଡିଗ୍ରୀ ପ୍ରାପ୍ତ ନାମଲେଖିଥିବା ସ୍ୱାଗତ ସଭା ପର୍ବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଯେ କି ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ) ଆଇକନ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାଗତ ସଭାରେ ବିଶ୍ୱବିଦ୍ୟାଳୟର ଉପକୂଳପତି ପ୍ରଫେସର ତେଜ ପରତାପସିଂହ ଅଧକ୍ଷତା କରି ଉଦ୍‌ବୋଧନା ଦେଇଥିଲେ। ଶ୍ରୀ ଶ୍ରୀ ଆୟୁର୍ବେଦ ବିଜ୍ଞାନ କଲେଜ ଏବଂ ଅନୁସନ୍ଧାନ ସଂସ୍ଥାରେ ଡିନ୍ ବା ପ୍ରିନ୍ସପାଲ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ପ୍ରାରମ୍ଭିକ ଭାଷଣ ତଥା ଅତିଥି ପରିଚୟ ସହିତ ଡିପ୍ଲୋମା ନାମ ଲିଖିତ ଚିକିତ୍ସକ ବୃନ୍ଦ, ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କୁ ପ୍ରୋକ୍ଟୋଲୋଜି ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ମେଡ଼ିକାଲ୍ କଲେଜର ସର୍ଜରୀ ବିଭାଗାଧକ୍ଷ ପ୍ରଫେସର ରବି ନାରାୟଣ ତ୍ରିପାଠୀ, ପ୍ରୋକ୍ଟୋଲୋଜି ବିଜ୍ଞାନର ରୋଗ, ଡିପ୍ଲୋମା କୋର୍ସର ସମୟ, ପ୍ରଶିକ୍ଷଣ, ଶିକ୍ଷାଦି ବିଷୟରେ ଅବଗତ କରାଇଥିଲେ। ସଭାର ମୁଖ୍ୟ ଅତିଥି ଭାବରେ - ପ୍ରୋକ୍ଟୋଲୋଜି କୋର୍ସର ପ୍ରବର୍ତ୍ତକ, ପ୍ରସାରକ ଓ ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟିର ସଂସ୍ଥାପକ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପ୍ରଫେସର ଇମରେଟସ୍ ଡ. ଚତୁର୍ଭୁଜ ଭୂୟାଁ ପ୍ରୋକ୍ଟୋଲୋଜି ସୋସାଇଟି ବିଷୟରେ ସମ୍ୟକ୍ ଗବେଷଣା ଦେଇ କହିଥିଲେ ଯେ, ପ୍ରତ୍ୟେକ ବର୍ଷ, ଜାତୀୟ, ଆନ୍ତର୍ଜାତୀୟ କନ୍‌ଫେରେନ୍ସ ସହିତ ପ୍ରାୟତଃ ୬୦ ପ୍ରକାର ଇଂରାଜୀ, ହିନ୍ଦୀ, ଓଡ଼ିଆ, ପୁସ୍ତକ ପ୍ରକାଶ କରି ସମାଜରେ ବାଣ୍ଟିବା, ସର୍ବୋପରି ପ୍ରୋକ୍ଟୋଲୋଜି ବିଷୟରେ ପୁସ୍ତକ ରଚନା, କୋର୍ସ ପୁସ୍ତକ କରି ଏ ପର୍ଯ୍ୟନ୍ତ ଶିକ୍ଷା, ପ୍ରଶିକ୍ଷଣ କରି ସାରା ଭାରତରେ ସମ୍ପ୍ରସାରଣ କରାଯାଉଛି। ପ୍ରୋକ୍ଟୋଲୋଜି ସମ୍ପର୍କିତ ମଳାଶୟ ଅଙ୍ଗର କ୍ଲିଷ୍ଟ ଏବଂ କଷ୍ଟଦାୟକ ରୋଗମାନଙ୍କର ସମନ୍ୱିତ ଚିକିତ୍ସା ପ୍ରଣାଳୀରେ ପୂର୍ଣ୍ଣ ଆରୋଗ୍ୟ, ଗବେଷଣାପୂର୍ବକ ଅଟେ। ଯାହାକି ଏକାଧିକ ରାଜ୍ୟରେ ପ୍ରୋକ୍ଟୋଲୋଜିଷ୍ଟମାନେ କରୁଛନ୍ତି। ପ୍ରୋକ୍ଟୋଲୋଜି ଡିପ୍ଲୋମାର ମୁଖ୍ୟ ଉଦ୍ଦେଶ୍ୟ ଅଧିକ ବିଶେଷଜ୍ଞ ଉତ୍ପନ୍ନ, ପ୍ରଶିକ୍ଷିତ ହୋଇ ସୁସ୍ଥ ସମାଜ ଗଠନ କରିବା ଅଟେ। ସଭା ଶେଷରେ ପ୍ରୋକ୍ଟୋଲୋଜି କୋର୍ସର ସଂଯୋଜକ ଡା. ରାଜେଶ ମହାରଥା ସମସ୍ତ ଶିକ୍ଷକ ବୃନ୍ଦ, ଛାତ୍ରଛାତ୍ରୀ, ଉପକୂଳପତି, ବିଭାଗାଧକ୍ଷମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପୁରୀର ଦୁଃଖ ମୂଷାନଈ : ଫେଲ୍ ମାରିଛି କୋଟି କୋଟି ଟଙ୍କାର ଯୋଜନା

**ପୁରୀ, ନ୍ୟୁଜ ବ୍ୟୁରୋ**
ପୁରୀର ପ୍ରବେଶ ପଥ ଅଠରନଳା । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ( ଏଏସ୍ଆଇ ) ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି । ଅଠରନଳା ପୋଲଟି ବିପଦସଙ୍କୁଳ ସ୍ଥିତିକୁ ଆସିବା ପରେ ଏହା ଉପରେ ଯାନବାହନ ଚଳାଚଳ ବନ୍ଦ କରାଯାଇଛି । ଐତିହ୍ୟ ସ୍ମାରକୀ ଭାବେ ଏବେ ସଂରକ୍ଷିତ । ପ୍ରାୟ ୧୩୦୦ ମସିହାରେ ଏହା ନିର୍ମାଣ ହୋଇଥିବା ଅନୁମାନ କରାଯାଏ । ଅଠରନଳା ଦେଖିଲେ ଭକ୍ତ ଭାବବିହ୍ୱଳ ହୋଇଯାଏ । ବିଶ୍ୱସ୍ତରୀୟ ସହର ହେବ ପୁରୀ ସହର । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅଠରନଳା ମୂଷାନଈରୁ ଦଳ ଓ ପଙ୍କ ସଫା କରାଯାଇଥିଲା। ପଙ୍କ କଢା ମେସିନ ପ୍ରାୟ ଦୁଇ ବର୍ଷ ନଦୀ ଭିତରେ ପଡି ରହିଥିଲା । ପ୍ରାୟ ୨୦ ଜଣ ଦଳକଢା ଶ୍ରମିକଙ୍କୁ ନିୟୋଜିତ କରାଯାଇ ଦଳ ସଫା କରାଯାଇଥିଲା । ଠିକାଦାର, ଯନ୍ତ୍ରୀ, ମନ୍ତ୍ରୀ, ମଧ୍ୟସ୍ଥି କାମ କରି ଟଙ୍କା ଖାଇଯାଆନ୍ତି, ହେଲେ ଏଠି ମୂଷାନଈର ଦଳ ଟଙ୍କା ଖାଇଯାଉଛି। ଦଳ କିଛି ମାନୁନି। ମେସିନରେ ସଫା କରାଗଲା ଶୁଣିଲାଣି । ଲୋକ ସଫା କଲେ କିଛି ଲାଭ ହେଲାନି । ଡ୍ରେନେଜ ବିଭାଗ ସଫା କରି ପାରିଲା ନାହିଁ ବୋଲି ହାତ ଟେକିଦେଲା । ମୂଷାନଈର କଳିକତି ଦଳ କିଛି ଶୁଣୁନାହିଁ ବୋଲି ସହରରେ ଚର୍ଚ୍ଚା ହେଉଛି । ଉପର ସୁନ୍ଦର ତଳ ନାରଖାର- ଜାତୀୟ ସ୍ମାରକୀ ଅଠରନଳାର ଉପର ସୌନ୍ଦର୍ଯ୍ୟକରଣ କରିବା ପାଇଁ ଅଫଳନ୍ତି କିଛି ଗଛ ପ୍ଲାଷ୍ଟିକ କୁଣ୍ଡରେ ରଖାଯାଇଛି । ସିକ୍ୟୁରିଟି ଗାର୍ଡ ଜଗି ରହିଛି । ପ୍ରବାସୀ ଓଡିଆ ଆଗମନ, ନୂଆବର୍ଷ ଓ ରଥଯାତ୍ରା ସମୟରେ ସ୍ୱତନ୍ତ୍ର ଭାବେ ଅଠରନଳାକୁ ସଜାଯାଇ ନେଳି ନାଲି ଆଲୋକରେ ଆଲୋକିତ କରାଯାଉଛି । ଅଠରନଳାର ତଳ ସ୍ଥିତି ଅତି ସାଂଘାତିକ । ମୂଷା ମାନଙ୍କର ଏକ୍ରୁଡିଶାଳ ପାଲଟିଛି । ଡ୍ରେନେଜ ନାଳରେ ସହରର ପାଣି ନୂଆ ବ୍ରିଜ ତଳେ ଭସ ଭସ ହୋଇ ନିଷ୍କାସିତ ହେଉଛି । ସ୍ୱରେଜ ପାଇପ ମଧ ବ୍ରିଜ ତଳେ ଯାଇଥିବାରୁ ମ୍ୟାନହୋଲରେ ଦୁର୍ଗନ୍ଧ ବାହାରୁଛି । ପଲିଥିନ, ମଦ ବୋତଲ, ପ୍ଲାଷ୍ଟିକ ବୋତଲ, ମଲା କୁକୁର ଓ ବିଲେଇ ତଳେ ସଢୁଛନ୍ତି । ପଙ୍କ ପ୍ରବଳ ପାଣି କମ ଯୋଗୁ ଦୁର୍ଗନ୍ଧମୟ ସ୍ଥିତି ଉପୁଜିଛି । ବ୍ରିଜ ଉପରେ ପୌରସଂସ୍ଥା ଗାଡିରେ ପବିତ୍ର ପୁରୀ ଗର୍ବ ଆମରି ବାଜୁଛି । ଡଙ୍ଗା ଭାସୁଛି ପର୍ଯ୍ୟଟକ ନାହାନ୍ତି- ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀର ପ୍ରବେଶପଥ ଅଠରନଳା ଓ ମୂଷାନଈର ସୌନ୍ଦର୍ଯ୍ୟକରଣ ଯୋଜନା ହୋଇଥିଲା । କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଗୋଟିଏ ପର୍ଯ୍ୟଟକ ସେଠାରେ ଦେଖିବାକୁ ମିଳୁନାହାନ୍ତି । ହୁଳହୁଳିଆ ପୋଲ ଠାରୁ ଆଖଣ୍ଡଳମଣି ପଛପଟ ଦେଇ ଗରୁଡ ଛକ ପର୍ଯ୍ୟନ୍ତ ଚଲାପଥ ନିର୍ମାଣ ହୋଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଷ୍ଟିଲ ବାଡ ହୋଇଛି । କେତେକ ସ୍ଥାନରେ ଷ୍ଟିଲ ବାଡକୁ ଦୁର୍ବୃତ୍ତ ଉପାଡି ଦେଇଥିବା ଦେଖିବାକୁ ମିଳିଛି । ଅଠରନଳା ପୁରୁଣା ବ୍ରିଜ ଓ ନୂଆ ବ୍ରିଜ ମଝିରେ ଧର୍ମକୁ ଆଖିଠାର ପରି ଗୋଟିଏ ଡଙ୍ଗା ଶିକୁଳିରେ ବନ୍ଧା ହୋଇ ନଷ୍ଟ ହେବାକୁ ବସିଲାଣି । ପାଣି ଯାଉନି ବାଟ ପାଉନି – ପୂର୍ବରୁ ଅଠରନଳାର ମୂଷାନଦୀ ଚିରସ୍ରୋତା ଥିଲା । ଜଗନ୍ନାଥଙ୍କ ଦର୍ଶନ ପାଇଁ ଘାଟ ଡଙ୍ଗା ଓ ଘାଟ ପଢିଆରୀ ବ୍ୟବସ୍ଥା ଥିଲା । ତୀର୍ଥଯାତ୍ରୀ ମାନେ ତୀର୍ଥକ୍ଷେତ୍ର ଦେଇ ପୁରୀକୁ ପ୍ରବେଶ କରୁଥିଲେ । ନଦୀ ପୋତି ହୋଇଯିବାରୁ ଓ ଦଳ ପ୍ରବଳ ଯୋଗୁଁ ପାଣି ଯାଉନାହିଁ। ଅନ୍ୟପକ୍ଷରେ ହୁଳୁହୁଳିଆ ପୋଲ ଦେଇ ହରେକୃଷ୍ଣପୁର, ସମଗରା, ଗୋପାଳପୁର ଆଦି ମୌଜାରୁ ବର୍ଷା ଦିନେ ପାଣି ହୁଳୁହୁଳିଆ ପୋଲ ଦେଇ ମୂଷାନଦୀକୁ ଆସୁଥିଲା । ଏବେ ଯୋର, ଜଳାଶୟ ଓ ଜଳ ନିଷ୍କାସନ ସ୍ଥାନରେ ଜନବସତି ଓ ଘର ନିର୍ମାଣ ଯୋଗୁଁ ଗହୀର ବିଲ ପାଣି ହୁଳୁହୁଳିଆ ପୋଲ ପାଖକୁ ଆସିବା ପାଇଁ ବାଟ ପାଉନାହିଁ । ମୂଷାନଦୀରେ ଜଳସ୍ତର କମିବାରୁ ଦଳ ପ୍ରବଳ ବେଗରେ ବଂଶ ବିସ୍ତାର କରି ବଢି ଚାଲିଛି । ପୁରୀ ସହରକୁ ବିଶ୍ୱସ୍ତରୀୟ ସହର କରିବା ପାଇଁ କେବଳ ବୋର୍ଡ ମାରି ଅଳ୍ପ କାମ କରିବା ଯୋଗୁ ଲୋକଙ୍କ ଆଶା ଆକାଂକ୍ଷା ଧୂଳିସାତ ହୋଇଛି । ଅଠରନଳା ପୁରୁଣା ବ୍ରିଜ ଠାରୁ ମଙ୍ଗଳଘାଟ ହରେକୃଷ୍ଣପୁର ରାସ୍ତା ପର୍ଯ୍ୟନ୍ତ ମଙ୍ଗଳାନଦୀକୁ ସଂଯୋଗ କରିବା ପାଇଁ ହୋଇଥିବା ଯୋଜନା ଏବେ ଫଳବତୀ ହୋଇପାରିନାହିଁ । ଡ୍ରେନେଜ ବିଭାଗର କାମ ବନ୍ଦ କରି ଇଡିକୋ କୁ ଦିଆଯାଇଥିବା କାମ ବନ୍ଦ ରହିଛି । ନୂଆ ସରକାର ପୁରୀର ପ୍ରବେଶ ପଥକୁ ସୌନ୍ଦର୍ଯ୍ୟକରଣ ଓ ମୂଷାନଦୀର ପୁନରୁଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ଅଂଚଳବାସୀ, ସହରବାସୀ ଓ ବୁଦ୍ଧିଜୀବୀମାନେ ଦାବି ଉଠାଇଛନ୍ତି ।

# ଗଞ୍ଜେଇ ଚାଲାଣର ନୂଆ କରିଡର ପାଲଟିଛି ଖୋର୍ଦ୍ଧା






**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କନ୍ଧମାଳ, କୋରାପୁଟ, ମାଲକାନାଗିରି ଭାୟା ଖୋର୍ଦ୍ଧା। ଚୋରା ଗଞ୍ଜେଇ ଚାଲାଣର ଏବେ କରିଡ଼ର ପାଲଟିଛି ! ନାମୀଦାମୀ କାରରେ ବିଭିନ୍ନ ଉପାୟରେ କରୁଛନ୍ତି ଚୋରା ଗଞ୍ଜେଇ ଚାଲାଣ। ମାରଣାସ୍ତ୍ର ସହିତ ଏସକର୍ଟ କରୁଛନ୍ତି ଯୁବକ। ଗତ ଏକ ମାସ ଭିତରେ ଅବକାରୀ ବିଭାଗ ୫ଟି ଗାଡି ଜବତ କରିବା ସହିତ ୮ ଅଭିଯୁକ୍ତଙ୍କୁ ବାନ୍ଧିଛି। ମୋଟ ୭୦ ଲକ୍ଷରୁ ଅଧିକ ଟଙ୍କାର ଗେଞ୍ଜାଇ ଜବତ କରିଛି। ଯାହାକୁ ନେଇ ଖୋର୍ଦ୍ଧାବାସୀ ଚିନ୍ତାରେ ପଡ଼ି ଗଲେଣି। ଜାନୁଆରୀ ୧୨ ତାରିଖର ୧୬ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ଜିଲ୍ଲା ପୀତାପଲ୍ଲି ଛକ ନିକଟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆଉ କାର ଛାଡି ଫେରାର ହୋଇଯାଇଥିଲେ ଚାଳକ। ସ୍ଥାନୀୟ ଲୋକେ ଦେଖିଲେ ଗାଡି ଭିତରେ ଭର୍ତ୍ତି ହୋଇଛି ପ୍ୟାକେଟ୍ ପ୍ୟାକେଟ ଗଞ୍ଜେଇ। କାର ପଛ ସିଟ୍‌କୁ ସମ୍ପୂର୍ଣ୍ଣ ଖୋଲି ମାଫିଆମାନେ ଚାଲାଣ କରୁଥିଲେ ଗଞ୍ଜେଇ। ସେହି ଗାଡ଼ିରୁ ଏକ କ୍ୱିଣ୍ଟାଲ୍ ୬୦ କିଲୋ ଗେଞ୍ଜାଇ ଜବତ କରିଥିଲା ଅବକାରୀ ବିଭାଗ। ଠିକ୍ ସେମିତି ଏକ ପିକଅପ୍ ଭ୍ୟାନରେ ୪ କ୍ୱିଣ୍ଟାଲ୍ ଗଞ୍ଜେଇ ଚାଲାଣ ହେଉଥିଲା। ଅବକାରୀ ବିଭାଗ ନିରାକାରପୁର ଲେବୁଲ କ୍ରସିଂ ନିକଟରୁ ଗାଡ଼ିଟିକୁ ଜବତ କରିଥିଲା। ହେଲେ ସେହି ଗଞ୍ଜେଇ ଭର୍ତ୍ତି ଗାଡିକୁ ଏସ୍‌କର୍ଟ କରୁଥିବା ବାଇକ ଚାଳକମାନେ ଖସି ପଳାଇ ଯାଉଥିଲେ। ପିଛା କରି ସେହି ଦୁଇ ବାଇକ୍ ଆରୋହୀଙ୍କୁ ଧରିବାରେ ସଫଳ ହୋଇଥିଲା ଅବକାରୀ ବିଭାଗ। ସେହିପରି ଖୋର୍ଦ୍ଧାର ନୂଆ ମେଡିକାଲ ଛକ ଓ ଟାଙ୍ଗୀ ୧୬ ନମ୍ବର ଜାତୀୟ ରାଜପଥ ଉପରୁ ଦାମୀ କାରରେ ଗଞ୍ଜେଇ ଜବତ କରିଥିଲା ଅବକାରୀ ବିଭାଗ। ଦିନେ ବ୍ରାଉନ୍‌ସୁଗର ହଟ୍‌ସ୍ପଟ୍ ପାଲଟିଥିଲା ଖୋର୍ଦ୍ଧା। ବ୍ରାଉନ୍‌ସୁଗର କାରବାର ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଅପରେସନ୍ ଆରମ୍ଭ କରିଥିଲା। ଯେଉଁ ଜାଲରେ ପଡ଼ି ଯାଇଥିଲେ ଗଞ୍ଜେଇ ମାଫିଆ। ବର୍ଷ ଆରମ୍ଭରୁ ମାତ୍ର ଗୋଟିଏ ମାସରେ ୭୦ ଲକ୍ଷ ଟଙ୍କାର ଗଞ୍ଜେଇ ଓ ୫ଟି ଗାଡି ଜବତ ହୋଇଛି। ଯାହା ସହରବାସୀଙ୍କ ଚିନ୍ତା ବଢାଇଛି। ଖୋର୍ଦ୍ଧା ସହର ଦେଇ ୬ଟି ଜିଲ୍ଲାର ସହଜ ସଂଯୋଗ ପଥ ରହିଛି। ଯେଉଁଥିପାଇଁ ମାଫିଆମାନେ ଏହାକୁ ସେମାନଙ୍କ ନିରାପଦ ଚରାଭୂଇଁ କରିଥିବା ଚର୍ଚ୍ଚା ହେଉଛି। ସେପଟେ ଅବକାରୀ ବିଭାଗର ସୁପରିନ୍‌ଟେଣ୍ଡେଣ୍ଟ ସୁମତି ତ୍ରିପାଠୀ କହିଛନ୍ତି, ଆଗକୁ ଚୋରା ନିଶା ମାଫିଆଙ୍କ ଉପରେ ଜୋରଦାର କାର୍ଯ୍ୟାନୁଷ୍ଠାନ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାଂସ୍କୃତିକ ମୂଲ୍ୟବୋଧ...

ରହିଛନ୍ତି। ଏହା ଭାରତ-ଇଣ୍ଡୋନେସିଆର ଦୃଢ଼ ସମ୍ପର୍କକୁ ପ୍ରତିଫଳିତ କରୁଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦି କହିଛନ୍ତି ଯେ ରାଷ୍ଟ୍ରପତି ପ୍ରବୋଓ ସମ୍ପ୍ରତି ୧୪୦ କୋଟି ଭାରତୀୟଙ୍କ ଶ୍ରଦ୍ଧା ଇଣ୍ଡୋନେସିଆକୁ ଆଣିଛନ୍ତି ଏବଂ ତାଙ୍କ ମାଧ୍ୟମରେ ଇଣ୍ଡୋନେସିଆର ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ଭାରତୀୟଙ୍କ ଶୁଭକାମନା ଅନୁଭବ କରିପାରିବେ ବୋଲି ସେ କହିଥିଲେ। ସେ ଜାକର୍ତ୍ତା ମନ୍ଦିରର ମହା କୁମ୍ଭାଭିଷେକ ଅବସରରେ ଇଣ୍ଡୋନେସିଆ ଏବଂ ବିଶ୍ୱର ସମସ୍ତ ଭଗବାନ ମୁରୁଗାନଙ୍କ ଭକ୍ତମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ତିରୁପୁଗଜଙ୍କ ସ୍ତୁତି ମାଧ୍ୟମରେ ଭଗବାନ ମୁରୁଗାନଙ୍କ ନିରନ୍ତର ପ୍ରଶଂସା ଏବଂ ସ୍କନ୍ଦ ଶାସ୍ତି କବଚମ ମନ୍ତ୍ର ମାଧ୍ୟମରେ ସମସ୍ତ ଲୋକଙ୍କ ସୁରକ୍ଷା ପାଇଁ ତାଙ୍କର କାମନା ପ୍ରକାଶ କରିଥିଲେ। ସେ ମନ୍ଦିର ନିର୍ମାଣ ସ୍ୱପ୍ନକୁ ସାକାର କରିବାରେ କଠିନ ପରିଶ୍ରମ ପାଇଁ ଡକ୍ଟର କୋବାଲାନ ଏବଂ ତାଙ୍କ ଅନୁଗାମୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ନାକ୍ ରେଟିଂ...

ପ୍ରଫେସର ଡ. ବୁଲୁ ମହାରଣାଙ୍କୁ ଗିରଫ କରାଯାଇଛି । ପ୍ରଫେସର ମହାରଣା ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ନାକ ପିୟର କମିଟିର ସଦସ୍ୟ ଭାବେ ଯାଇଥିବା ସମୟରେ ଏହି ଲାଞ୍ଚ ମାଗିଥିବା ସୂଚନା ମିଳିଛି। ସିବିଆଇ ଏହି ଘଟଣାରେ ଚେନ୍ନାଇ, ବେଙ୍ଗାଲୁରୁ, ବିଜୟୱାଡା, ପାଲାମୁ, ଭୋପାଳ, ଦିଲ୍ଲୀ, ସମ୍ବଲପୁର ସମେତ ୨୦ଟି ସ୍ଥାନରେ ଯାଞ୍ଚ ଚଳାଇଛି । ସିବିଆଇ ପକ୍ଷରୁ ଏହି ଚଢ଼ଉରୁ ନଗଦ ୩୭ଲକ୍ଷ ଟଙ୍କା, ୬ଟି ଲାପଟପ, ଆଇଫୋନ ଆଦି ଜବତ କରାଯାଇଥିବା ଜଣାପଡିଛି । ଶିକ୍ଷାନୁଷ୍ଠାନର ଅଧିକାରୀ ଓ ନାକ୍ ଟିମ ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇଛି।

### ସଂସଦରେ ସ୍କ୍ରିନିଂ...

ଏବଂ ମାର୍ଗଦର୍ଶନ କରେ।

ରାମାୟଣ: ଦି ଲିଜେଣ୍ଡ ଅଫ ପ୍ରିନ୍ସ ରାମ ଭାରତରେ ଜାନୁଆରୀ ୨୪ରେ ମୂଳ ଇଂରାଜୀ ସଂସ୍କରଣ ବ୍ୟତୀତ ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ଏକକାଳୀନ ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରଟି ୧୮ ଅକ୍ଟୋବର ୨୦୨୪ରେ ମୁକ୍ତିଲାଭ କରିବାର ଯୋଜନା ଥିଲା ତଥାପି, ଏହାକୁ ଅଧିକ ଥିଏଟରରେ ପ୍ରଦର୍ଶନ କରିବା ପାଇଁ ବ୍ୟବସ୍ଥା କରିବା ପାଇଁ ମୁକ୍ତିଲାଭ ତାରିଖ ପରିବର୍ତ୍ତନ କରାଯାଇଥିଲା। ରାମାୟଣ: ଦି ଲିଜେଣ୍ଡ ଅଫ ପ୍ରିନ୍ସ ରାମର ନିର୍ଦ୍ଦେଶନା ଯୁଗୋ ସାକୋ, ରାମ ମୋହନ ଏବଂ କୋଇଚି ସାସାକି ଦେଇଛନ୍ତି । ଏହି ଚଳଚ୍ଚିତ୍ରଟି ୧୯୯୩ ମସିହାରେ ୨୪ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଭାରତରେ ପ୍ରଦର୍ଶିତ ହୋଇଥିଲା। କିନ୍ତୁ ଏହା ଥିଏଟରରେ ମୁକ୍ତିଲାଭ କରି ନ ଥିଲା । ୨୦୦୦ ଦଶକର ପ୍ରାରମ୍ଭରେ ଟିଭି ଚ୍ୟାନେଲଗୁଡ଼ିକରେ ପୁନଃପ୍ରସାରଣ ହେବା ପରେ ଏହା ଭାରତୀୟ ଦର୍ଶକଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା।

ଭୁବନେଶ୍ୱର
୦୩ ଫେବୃୟାରୀ
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଘୋଷଯାତ୍ରା ପାଇଁ ଆରମ୍ଭ ହେଲା ପ୍ରକ୍ରିୟା

# ପବିତ୍ର ବସନ୍ତ ପଞ୍ଚମୀରେ ଅନୁକୂଳ ହେଲା ରଥକାଠ

**ପୁରୀ,୦୨/୦୨ ନ୍ୟୁଜ ବ୍ୟୁରୋ**

ଘୋଷଯାତ୍ରା ପାଇଁ ଆରମ୍ଭ ହେଲା ପ୍ରକ୍ରିୟା। ପବିତ୍ର ବସନ୍ତ ପଞ୍ଚମୀରେ ଅନୁକୂଳ ହେଲା ରଥକାଠ । ବିଧିବଦ୍ଧ ଭାବେ ତିନି ରଥର ୩ଟି ୧୨ ଫୁଟିଆ ଧଉରା କାଠକୁ ଅନୁକୂଳ କରାଯାଇଛି । ଶୁଭ ମୁହୂର୍ତ୍ତ ମୁତାବକ ସଂଧ୍ୟା ୬.୩୦ ମିନିଟରେ ଏକ ଆଧ୍ୟାତ୍ମିକ ପରିବେଶରେ ରଥକାଠ ଅନୁକୂଳ ସମ୍ପର୍ଣ୍ଣ ହୋଇଛି । ସ୍ୱତ୍ରୀୟ ବ୍ରାହ୍ମଣ ଓ ଶ୍ରୀନହର ରାଜଗୁରୁ ବନଜାଗ ପଦ୍ଧତିରେ ମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରି ରଥକାଠ ଅନୁକୂଳ ସମ୍ପନ୍ନ କରିଛନ୍ତି । ରଥକାଠ ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ନୀତି ପ୍ରଶାସକ, ଏସପି, ତିନି



ରଥର ଭୋଇ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ରହିଥିଲେ । ଆସନ୍ତା ରାମନବମୀ ତିଥିରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ କରାଯିବା ସହ ଆସନ୍ତା ଅକ୍ଷୟ ତୃତୀୟା ଦିନ ରଥନିର୍ମାଣ କାର୍ଯ୍ୟ ଅନୁକୂଳ ହେବ । ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ଗତବର୍ଷର ୫୧ ଖଣ୍ଡ କାଠ ବଳକା ରହିଛି । ତେବେ ଚଳିତବର୍ଷ ରଥନିର୍ମାଣ ପାଇଁ ଆଉ ୮୧୪ ଖଣ୍ଡ କାଠ ଦରକାର ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୦୧ ଖଣ୍ଡ କାଠ ପୁରୀରେ ପହଞ୍ଚିଛି । ଚଳିତବର୍ଷ ରଥଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ, ସେନେଇ ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନା କରାଯିବ। ସେହିପରି ଆସନ୍ତା ରାମନବମୀ ତିଥିରେ ରଥ କାଠ ଚିରଟ ପ୍ରକ୍ରିୟା ଆରମ୍ଭ କରାଯିବାର ବିଧି ରହିଛି । ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ପୂର୍ବ ବର୍ଷରୁ ଶ୍ରୀମନ୍ଦିର ପ୍ରଶାସନ ପାଖରେ ୫୧ ଖଣ୍ଡ କାଠ ଅଛି । ଅବଶିଷ୍ଟ ୮୧୪ ଖଣ୍ଡ ପର୍ଯ୍ୟାୟ କ୍ରମେ ଅଣାଯିବାକୁ ଥିବାବେଳେ ଜାନୁଆରୀ ୨୮ ତାରିଖ ସନ୍ଧ୍ୟାରେ ତିନୋଟି ଟ୍ରକରେ ୧୦୧ ଖଣ୍ଡ ଧଉରା ଓ ଅସନ କାଠ ପୁରୀରେ ଆସି ପହଞ୍ଚିଛି ।



ଭୁବନେଶ୍ୱର : ଭକ୍ତ କବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ଅବିକଳ ସଂସ୍କରଣ ଉନ୍ମୋଚନ ଅବସରରେ କୃଷିଭବନ ପରିସରରେ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବିଧାୟକ ବାବୁ ସିଂ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ସରସ୍ୱତୀ ପୂଜାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୦୨/୦୨
ନ୍ୟୁଜ ବ୍ୟୁରୋ**

ରବିବାର ପବିତ୍ର ବସନ୍ତ ପଞ୍ଚମୀ । ଧରାପୃଷ୍ଠକୁ ଅବତରଣ କରିଛନ୍ତି ବିଦ୍ୟାଦାତ୍ରୀ ମା' ସରସ୍ୱତୀ । ମା'ଙ୍କ ଆଗାମନ ଅର୍ଥାତ ସରସ୍ୱତୀ ପୂଜା ନେଇ ସବୁଠି ଆନନ୍ଦ ଉତ୍ସାହ। ମାଘ ମାସ ଶୁକ୍ଳ ପଞ୍ଚମୀ ତିଥିରେ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ପାଳନ କରାଯାଇଥାଏ । ମା'ସରସ୍ୱତୀଙ୍କୁ ବାଗଦେବୀ, ଭଗବତୀ, ଶାରଦା, ବୀଣାବାଦିନୀ ରୂପରେ ପୂଜା କରାଯାଇଥାଏ। ତେବେ ପବିତ୍ର ବସନ୍ତ ପଞ୍ଚମୀ ଓ ସରସ୍ୱତୀ ପୂଜା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ଅପାର କୃପାରୁ ବିଦ୍ୟାର୍ଥୀଙ୍କ ଜୀବନ ଜ୍ଞାନର ଆଲୋକରେ ଆଲୋକିତ ହେଉ। ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଏବଂ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ, ଏତିକି ପ୍ରାର୍ଥନା ବୋଲି ସୋସିଆଲ



ମିଡିଆ ଆକାଉଣ୍ଟରେ ଟ୍ୱିଟ କରି କହିଛନ୍ତି । ପବିତ୍ର ବସନ୍ତ ପଞ୍ଚମୀ ଓ ସରସ୍ୱତୀ ପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ଅପାର କୃପାରୁ ବିଦ୍ୟାର୍ଥୀଙ୍କ ଜୀବନ ଜ୍ଞାନର ଆଲୋକରେ ଆଲୋକିତ ହେଉ। ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଏବଂ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ, ଏତିକି ପ୍ରାର୍ଥନା। ତେବେ ଋତୁରାଜ ବସନ୍ତ ମନ୍ଦ ମଳୟରେ ଫୁଲର ସୁରଭି ଭରି ସ୍ୱାଗତ କରେ ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କୁ । ମା' ସରସ୍ୱତୀ ଶୁକ୍ଳ ବସ୍ତ୍ର ପରିଧାନ କରି କର୍ଣ୍ଣରେ ରତ୍ନବିଭୂଷିତ କୁଣ୍ଡଳ ଧାରଣ କରି ଗଳାରେ ଗଜମୋତି ଏବଂ ମୁକ୍ତାହାର ପିନ୍ଧି ଓ ହସ୍ତରେ ବୀଣା ଓ ପୁସ୍ତକ ଧାରଣ କରି ପଦ୍ମାସନରେ ଶ୍ୱେତପଦ୍ମ ଉପରେ ଅଧିଷ୍ଠାତ୍ରୀ ହୁଅନ୍ତି । ବସନ୍ତ ପଞ୍ଚମୀ ଦିନଠାରୁ ଆରମ୍ଭ ହୁଏ ବସନ୍ତ ଋତୁ । ଦେବୀ ସରସ୍ୱତୀଙ୍କୁ ପୂଜା କରିବା ଦ୍ୱାରା ଜ୍ଞାନ ବଢିଥାଏ । ବିଶେଷକରି ଛାତ୍ରଛାତ୍ରୀମାନେ ମାଆଙ୍କୁ ବିଧିବିଧାନର ସହ ପୂଜା କରିଥାଆନ୍ତି। ତାଙ୍କ କରୁଣା ବିନା ସାଧକ ଏକ୍ଷେତ୍ରରେ ସଫଳତା ପାଇ ନଥାନ୍ତି । ମା'ଙ୍କ ଆଶୀର୍ବାଦ ଥିଲେ ଜୀବନର ସବୁ ପରୀକ୍ଷାରେ ସଫଳତା ମିଳେ। ଖାଲି ସେତିକି ନୁହେଁ ସରସ୍ୱତୀ କଣ୍ଠରେ ବିରାଜିଲେ ଜଣେ ଉତ୍ତମ ଗାୟକ ହୋଇପାରେ ବୋଲି ବିଶ୍ୱାସ ରହିଛି ।

# କେନ୍ଦ୍ର ବଜେଟ୍‌ରେ ଓଡ଼ିଶାକୁ ପୁଣି ଅଣଦେଖା: ନବୀନ

**ଭୁବନେଶ୍ୱର, ୨/୨ ନ୍ୟୁଜ ବ୍ୟୁରୋ**

ସଂସଦରେ ଉପସ୍ଥାପିତ ହୋଇଛି କେନ୍ଦ୍ରୀୟ ବଜେଟ୍ ୨୦୨୫-୨୬। ବଜେଟ୍‌ର ମୋଟ୍ ଆକାର ୫୦.୬୫ ଲକ୍ଷ କୋଟିର ରହିଛି। ଶାସକ ଏନଡିଏ ବଜେଟ୍‌କୁ ୨୦୪୭ ବିକଶିତ ଭାରତର ଏକ ଅୟମାରମ୍ଭ କହୁଥିବା ବେଳେ ବିରୋଧୀ ଏହା ଏକ ନିରାଶଜନକ ବଜେଟ୍ ବୋଲି କହିଛନ୍ତି। ଏହି କ୍ରମରେ ଓଡ଼ିଶାରେ ବିରୋଧୀ ବିଜେଡି ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଜେଟ୍ ନିରାଶଜନକ ବୋଲି କହିଛନ୍ତି। ନବୀନ ଏକ୍ସରେ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଆଜି ଦେଶର ଯୁବପିଢ଼ିକୁ ଚାକିରିର ଅତ୍ୟନ୍ତ



ଆବଶ୍ୟକତା ରହିଛି। ସାଧାରଣ ଲୋକମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧିର ଶିକାର ହେଉଛନ୍ତି। ଏହା ଦୁର୍ଭାଗ୍ୟଜନକ ଯେ ଦେଶ ସମ୍ମୁଖୀନ ହେଉଥିବା ଦୁଇଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ସମାଧାନ ଏହି ବଜେଟ୍‌ରେ ନାହିଁ। ପ୍ରତିବର୍ଷ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଯଥାର୍ଥ ଭାବରେ ଦାବି କରିଆସୁଛି। ଅନ୍ୟ ରାଜ୍ୟଗୁଡ଼ିକ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ପାଉଥିବାବେଳେ, ପୁଣିଥରେ କେନ୍ଦ୍ର ସରକାର ଓଡ଼ିଶାର ପ୍ରକୃତ ଦାବିକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିବା ନବୀନ କହିଛନ୍ତି।


ସେହିପରି ଚଳିତ ବଜେଟ୍‌ରେ ଓଡ଼ିଶା ପ୍ରତି ଅନ୍ୟାୟ ହୋଇଛି । ଏଭଳି ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କହୁଛନ୍ତି ପୂର୍ବୋଦୟ ହେବ ଓଡ଼ିଶା । ହେଲେ ଓଡ଼ିଶାକୁ ଅସ୍ତ କରାଯାଉଛି । ରାଜନୈତିକ ଉଦ୍ଦେଶ୍ୟରେ ବିହାରକୁ ଦେଇ ଓଡ଼ିଶାକୁ ଅବହେଳା କରାଯାଇଛି । ଅନ୍ୟ ରାଜ୍ୟ ତୁଳନାରେ କ'ଣ ଓଡ଼ିଶା ଅଧିକ ପାଇଛି କି ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି । ଏହା ଓଡ଼ିଶା ପ୍ରତି ଅନ୍ୟାୟ । ବଜେଟ୍ ଖସଡ଼ାରେ ଓଡ଼ିଶା ପାଇଁ କିଛି ମିଳିନି । ବିହାର, ଆନ୍ଧ୍ର ପାଇଁ ମିଳିଗଲା । ଓଡ଼ିଶା ପାଇଁ ଏତେ ବୈମାତୃକ ମନୋଭାବ କାହିଁକି ବୋଲି ମଧ୍ୟ ପ୍ରସନ୍ନ ପ୍ରଶ୍ନ କରିଛନ୍ତି । ଓଡ଼ିଶା ପାଇଁ ସମାରୋହ କରି ଟଙ୍କା ଖର୍ଚ୍ଚ ହେଉଛି, ହେଲେ ଓଡ଼ିଶା ପାଉଛି କ'ଣ ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ।

## ରାଜ୍ୟରେ ମହିଳାଙ୍କ ସୁରକ୍ଷା ନେଇ ସରକାରଙ୍କ ବଡ଼ ପଦକ୍ଷେପ

# ସ୍କୁଲରେ ପଢ଼ାଯିବ ବାଲ୍ୟ ବିବାହ ସଚେତନତା ପାଠ

**ଭୁବନେଶ୍ୱର, ୨/୨
ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ମହିଳାଙ୍କ ସୁରକ୍ଷା ନେଇ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ତୃଣମୂଳ ସ୍ତରରେ ବାଲ୍ୟ ବିବାହକୁ ରୋକିବା ଲାଗି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀଙ୍କୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିବାଠାରୁ ଆରମ୍ଭ କରି ଅଧିକରୁ ଅଧିକ ମହିଳା କର୍ମଚାରୀଙ୍କୁ ସାମିଲ କରିବା ଉପରେ ନିଷ୍ପତ୍ତି ନିଆଯାଇଛି। ଗ୍ରାମ ପଞ୍ଚାୟତସ୍ତରରେ ବାଲ୍ୟ ବିବାହକୁ ରୋକିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ବାଲ୍ୟ ବିବାହ ନିରୋଧ ଅଧିକାରୀ(ସିଏମ୍‌ପିଓ) ମାନ୍ୟତା ପ୍ରଦାନ କରାଯାଇଛି। ପିଇଓମାନେ ନିଜର ନାମ ଫଳକରେ



ସିଏମ୍‌ପିଓ ଉଲ୍ଲେଖ କରିବା ସହ ମହିଳା ହେଲ୍‌ପଲାଇନ୍ ୧୮୧, ଚାଇଲ୍ଡ ହେଲ୍‌ପଲାଇନ ୧୦୯୮, ପୁଲିସ ୧୧୨ ଓ ସୁଭଦ୍ରା ହେଲ୍‌ପଲାଇନ ୧୪୬୭୮କୁ ଉଲ୍ଲେଖ କରିବେ। ସେହିପରି ରାଜ୍ୟ ଏସ୍‌ସି, ଏସ୍‌ଟି ବିଭାଗ ଅଧୀନରେ ଥିବା ଆବାସିକ ହଷ୍ଟେଲଗୁଡ଼ିକରେ କାର୍ଯ୍ୟରତ ୱାର୍ଡେନ-ମାଟ୍ରୋନ୍‌ଙ୍କୁ ମଧ୍ୟ ସିଏମ୍‌ପିଓ ମାନ୍ୟତା ଦିଆଯାଇଛି। ପିଇଓଙ୍କ ଭଳି ସେମାନେ ମଧ୍ୟ ନିଜର ନାମ ଫଳକରେ ସବୁ ହେଲ୍‌ପଲାଇନ୍ ନମ୍ବର ଉଲ୍ଲେଖ କରିବେ। ସ୍କୁଲର ପ୍ରଧାନଶିକ୍ଷକ ଓ ଅଧକ୍ଷ କୌଣସି ସ୍ଥାନରେ ବାଲ୍ୟ ବିବାହ ସଂପର୍କରେ ଖବର ପାଇଲେ ତୁରନ୍ତ ସିଏମ୍‌ପିଓଙ୍କୁ ଜଣାଇବେ। ସେମାନେ ବାଲ୍ୟ ବିବାହ ସୂଚନା ଅଧିକାରୀ ଭାବେ ବିବେଚିତ ହେବେ। ବାଲ୍ୟ ବିବାହ ସଂପର୍କରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଠ୍ୟକ୍ରମରେ ଏକ ଚାପ୍ଟର ସାମିଲ କରିବା ପାଇଁ କୁହାଯାଇଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ମହିଳା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଶତ ପ୍ରତିଶତ ମହିଳା ପିସିଆର ଭ୍ୟାନ ନିୟୋଜିତ କରାଯିବ। ପର୍ଯ୍ୟଟନସ୍ଥଳୀ ନିକଟରେ ଥିବା ଥାନା ଓ ଫାଣ୍ଡିରେ ଅତି କମ୍‌ରେ ୭୦% ମହିଳା ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ପର୍ଯ୍ୟଟନସ୍ଥଳଗୁଡ଼ିକରେ ଅଧିକରୁ ଅଧିକ ମହିଳା ଟୁରିଷ୍ଟ ଗାଇଡ଼ଙ୍କୁ ନିଯୁକ୍ତି ଦେବା ଦିଗରେ ପର୍ଯ୍ୟଟନ ବିଭାଗ ପଦକ୍ଷେପ ନେବାକୁ କୁହାଯାଇଛି। ସେହିପରି କ୍ରୁଟ୍ ଓ ଓଏସ୍‌ଆରଟିସି ପକ୍ଷରୁ କେବଳ ମହିଳା କ୍ରୁ ସଦସ୍ୟଙ୍କୁ ନେଇ ଅଧିକ ସଂଖ୍ୟାରେ ବସ୍ ଚଳାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଡ୍ରାଇଭିଂ ତାଲିମ୍ ସ୍କୁଲରେ ମଧ୍ୟ ମହିଳା ଡ୍ରାଇଭରମାନଙ୍କୁ ପ୍ରାଧାନ୍ୟ ଦେବାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ କୁହାଯାଇଛି।

# ବିପଦରେ ଓଡ଼ିଶାର ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା



**କେନ୍ଦ୍ରାପଡା, ୨/୨
ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ ଅବସ୍ଥିତ ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା। ଯାହା ଅଲିଭ୍ ରିଡ୍‌ଲେ କଇଁଛଙ୍କ ପାଇଁ ବେଶ୍ ପରିଚିତ । ହେଲେ ଏବେ ଏହା ବିପଦରେ । ଏଠି ଆତଙ୍କ ଖେଳାଉଛନ୍ତି ମାଫିଆମାନେ। ଅସୁରକ୍ଷିତ ହୋଇପଡ଼ିଛନ୍ତି ବିରଳ ଅଲିଭ୍ ରିଡ୍‌ଲେ କଇଁଛ । ଆଉ ଏମାନଙ୍କୁ ସୁରକ୍ଷା ଦେବାକୁ ଯାଇ ବନ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଉଛନ୍ତି । ଗତ ସପ୍ତାହରେ ଗଭୀର ସମୁଦ୍ରରେ ବନ ବିଭାଗ ଉପରକୁ ଗୁଳି ଚଳାଇ ୬୦ରୁ ୭୦ ମାଛ ମାଫିଆ ଗିରଫ ହୋଇଥିଲେ। ଆଉ ସେମାନଙ୍କ ମଧ୍ୟରୁ ୮ ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ କବଳରୁ ଛଡାଇ ନେଇଛନ୍ତି ମାଫିଆମାନେ । ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା ଏଠି ନୂଆ ନୁହେଁ । ପୂର୍ବରୁ ବି ଅନେକ ଥର ମାଫିଆଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଛନ୍ତି ବନ କର୍ମଚାରୀ। ଗହୀରମଥାର ସୁରକ୍ଷା ପାଇଁ ତଟରକ୍ଷୀ ବାହିନୀ, ସାମୁଦ୍ରିକ ପୋଲିସ ଓ ବନ ବିଭାଗକୁ ମିଳିତ ଦାୟିତ୍ୱ ଦିଆଯାଇଥିଲା । ହେଲେ ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ପୋଲିସ ପାଟ୍ରୋଲିଂରେ ସକ୍ରିୟତା ଦେଖାଉ ନଥିବା ଅଭିଯୋଗ ହୋଇଛି । ଫଳରେ ମାଛ ମାଫିଆମାନେ ବନ ବିଭାଗ କର୍ମଚାରୀଙ୍କୁ ବାରମ୍ବାର ଆକ୍ରମଣ କରିବାକୁ ସାହସ ପାଉଛନ୍ତି। ଏହି ଜଳଦସ୍ୟୁ ମାନଙ୍କ ଉପରେ ରୋକ ନ ଲଗାଇଲେ ଅଲିଭ ରିଡ୍‌ଲେ କଇଁଛଙ୍କ ଏନ୍ତୁଡ଼ିଶାଳ ସେମାନଙ୍କ ପାଇଁ ଶ୍ମଶାନ ଭୁଇଁ ପାଲଟିଯିବ ।

## ଜଳାପୁଟ ଜଳଭଣ୍ଡାରରେ ଡ଼ଙ୍ଗା ବୁଡି ଘଟଣା
## ୧୪ ଘଣ୍ଟା ପରେ ବି ମିଳୁନାହାନ୍ତି ୨ ନିଖୋଜ ଛାତ୍ର



**ନନ୍ଦପୁର, ୦୨/୦୨ ନ୍ୟୁଜ ବ୍ୟୁରୋ**

୧୪ ଘଣ୍ଟା ବିତିଗଲାଣି ଜଳାପୁଟ ଜଳଭଣ୍ଡାରରେ ଡ଼ଙ୍ଗା ବୁଡି ଦୁଇ ସ୍କୁଲ ଛାତ୍ର ନିଖୋଜ ଘଟଣା। ନନ୍ଦପୁର ପୋଲିସ, ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କିପରି କରାଯିବ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସକାଳୁ ଜଳଭଣ୍ଡାରରେ ଅଗ୍ନିଶମ, ଓଡ୍ରାଫ୍ ଟିମ୍ ପହଞ୍ଚି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାଇ, ଜଳାପୁଟ ଜଳଭଣ୍ଡାରରେ ଦେଶୀ ଡଙ୍ଗାରେ ସେଲ୍‌ଫି ନେବା ବେଳେ ଘଟିଥିଲା ଅଘଟଣ। ଶନିବାର ଡଙ୍ଗାବୁଡ଼ି ଯିବାରୁ ଦୁଇ ସ୍କୁଲ ଛାତ୍ର ନିଖୋଜ ହୋଇଯାଇଥିଲେ। ସେମାନେ ହେଲେ ଜଳାପୁଟର ଶିବ ହନ୍ତାଳ ଓ ଅମିତ ହନ୍ତାଳ। ଅନ୍ୟଜଣେ ଛାତ୍ର ଗୌତମ ଖେମୁଣ୍ଡୁ ପହଁରା ଜାଣିଥିବାରୁ ବର୍ତ୍ତିଯାଇଛନ୍ତି। ସମସ୍ତେ ନବମ ଶ୍ରେଣୀ ଛାତ୍ର । ପରିବାର ସହ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ଥିଲା । ରବିବାର ସକାଳୁ ଓଡ୍ରାଫ ଟିମ୍ ଦ୍ୱାରା ଉଦ୍ଧାର କାମ ଆରମ୍ଭ ହୋଇଥିବା ଜଣପାଡିଛି।

# ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୦୨/୦୨ ନ୍ୟୁଜ ବ୍ୟୁରୋ**

ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ । ସେଥିପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ମୁତୟନ ହେବେ ୩୩ ପ୍ଲାଟୁନ ପୋଲିସ ଫୋର୍ସ । ୬ ଜଣ ଅତିରିକ୍ତ ଏସ୍‌ପିଙ୍କ ସହ ୧୩ ଡିଏସପି, ୩୯ ଇନ୍ସପେକ୍ଟର ନିୟୋଜିତ ହେବେ। ବୁଡ଼ ସ୍ଥାନ ଓ ସମୁଦ୍ର କୂଳରେ ଲାଇଫ ଗାର୍ଡ ମୁତୟନ ରହିବେ । ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୋଲିସର ସମସ୍ତ ନିୟମ ମାନି ଚନ୍ଦ୍ରଭାଗା ବୁଡରେ ସାମିଲ ହେବାକୁ ଅପିଲ୍ କରିଛନ୍ତି ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ। ପୁରୀ ପାର୍ଶ୍ୱରୁ ଆସୁଥିବା ବସ୍‌ଗୁଡ଼ିକ ରାମଚଣ୍ଡୀ ପୋଲିସ ଥାନା ନିକଟରେ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନରେ ପାର୍କିଂ କରାଯିବ ଏବଂ ସେମାନେ ସମାନ ରୁଟ୍‌ରେ ଫେରିବେ । କାକଟପୁର



ଏବଂ ନିମାପଡ଼ା ପାର୍ଶ୍ୱରୁ ଆସୁଥିବା ବସ୍‌ଗୁଡ଼ିକ କୋଣାର୍କ ହେଲିପ୍ୟାଡ୍ ଗ୍ରାଉଣ୍ଡରେ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନରେ ପାର୍କିଂ କରିବେ ଏବଂ ସମାନ ରୁଟ୍‌ରେ ଫେରିବେ । ପୁରୀ ପାର୍ଶ୍ୱରୁ ଚାରି ଚକିଆ ଗାଡ଼ିଗୁଡ଼ିକ ରାମଚଣ୍ଡୀ ପୋଲିସ ଥାନା ନିକଟରେ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନରେ ପାର୍କିଂ କରାଯିବ ଏବଂ ସେମାନେ ସମାନ ରୁଟ୍‌ରେ ଫେରିବେ । କାକଟପୁର ଏବଂ ନିମାପଡ଼ା ପାର୍ଶ୍ୱରୁ ଚାରି ଚକିଆ ଗାଡ଼ିଗୁଡ଼ିକ କୋଣାର୍କ ହେଲିପ୍ୟାଡ୍ ଗ୍ରାଉଣ୍ଡରେ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନରେ ପାର୍କିଂ କରାଯିବ ଏବଂ ସେମାନଙ୍କର ଫେରସ୍ତ ସମାନ ରୁଟ୍‌ରେ ହେବ । କୋଣାର୍କ ହେଲିପ୍ୟାଡ୍ ଗ୍ରାଉଣ୍ଡରେ ପାର୍କିଂ ସ୍ଥାନ ପୂର୍ଣ୍ଣ ହେବା ପରେ ସମସ୍ତ ଚାରି ଚକିଆ ଗାଡ଼ି ଓ ଓସିଏଲ୍ ପାର୍କିଂ ଏବଂ କୋଣାର୍କରେ ଏଏସ୍ଆଇ ସଂଗ୍ରହାଳୟ ପାର୍ଶ୍ୱ ପାର୍କିଂରେ ପାର୍କିଂ କରାଯିବ । ପୁରୀ ପାର୍ଶ୍ୱରୁ ଦୁଇ ଚକିଆ ଗାଡ଼ିଗୁଡ଼ିକ ଲାଇଟ୍ ହାଉସ୍ ନିକଟସ୍ଥ ରାସ୍ତାର ବାମ ପାର୍ଶ୍ୱରେ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନରେ ପାର୍କିଂ କରାଯିବ ଏବଂ ସେମାନଙ୍କର ଫେରସ୍ତ ସମାନ ରୁଟ୍‌ରେ ହେବ । ଟ୍ରାଫିକ୍ ଗତିବିଧି ଯୋଜନା ଅନୁଯାୟୀ ସୋମବାର ଦିନ ୧୨:୦୦ ଘଣ୍ଟାରୁ ମଙ୍ଗଳବାର ଦିନ ୦୮:୦୦ ଘଣ୍ଟା ପର୍ଯ୍ୟନ୍ତ ଯାନବାହାନ ଯାତାୟାତ ନିୟନ୍ତ୍ରଣ ଲାଗୁ କରାଯିବ । ନିମାପଡ଼ା/କାକଟପୁର ପାର୍ଶ୍ୱରୁ ପୁରୀକୁ ଯିବାକୁ ଚାହୁଁଥିବା ଯାନବାହାନ ପାଇଁ ଜୁନେଇ ବଜାର ଛକରୁ ନାଳକଣା, ସୁତନ ଏବଂ ବାଲିକପିଳେଶ୍ୱର ଦେଇ ଟିକିନା ଛକ ପର୍ଯ୍ୟନ୍ତ ରାସ୍ତାକୁ ଆକସ୍ମିକ ମାର୍ଗ ଭାବରେ ବ୍ୟବହାର କରାଯିବ । ପରମ୍ପରା ଅନୁଯାୟୀ ସ୍ଥାନୀୟ ତ୍ରିବେଣୀଶ୍ୱର, ଦକ୍ଷିଣେଶ୍ୱର ଓ ଐଶାନେଶ୍ୱର ମହାପ୍ରଭୁ ତିନି ଠାକୁରଙ୍କୁ ତୀର୍ଥ ମଣ୍ଡପକୁ ନିଆଯିବ । ଠାକୁରଙ୍କ ମହାସ୍ନାନ ଓ ନୀତିକାନ୍ତି ପରେ ସାଧୁସନ୍ଥଙ୍କ ଦ୍ୱାରା ମହା ଆଳତୀ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ବୁଡ ପାଇଁ ଅନୁମତି ଦିଆଯିବ । ଚନ୍ଦ୍ରଭାଗା ଓ ମାଘ ସପ୍ତମୀର ବର୍ଣ୍ଣନା ବହୁ ପୁରାଣରେ ବର୍ଣ୍ଣିତ ରହିଛି। ବିଶ୍ୱାସ ରହିଛି, ସୂର୍ଯ୍ୟଦେବ ଏହି ସପ୍ତମୀରେ ଜନ୍ମ ନେଇଥିଲେ। ଯେଉଁଥିପାଇଁ କୋଣାର୍କ 'ସୂର୍ଯ୍ୟକ୍ଷେତ୍ର' ବା 'ଅର୍କକ୍ଷେତ୍ର' ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି।

## ପ୍ରକାଶ ପାଇବାକୁ ଯାଉଛି...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ଫେବୃୟାରୀ ସଂଖ୍ୟା-୨୦୨୫




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି।
**ସମକାଳର କଥା :** ଜାନକୀ ବଲ୍ଲଭ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନମିତା ଦାଶ, ଲଳିତ ମୋହନ ମିଶ୍ର, ବିଦ୍ୟାଧର ପଣ୍ଡା, ଶର୍ମିଷ୍ଠା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ପ୍ରିୟାଙ୍ଗୀ ବିଶ୍ୱାଳ, ଅକ୍ଷୟ କୁମାର ମିଶ୍ର, କବିତା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ପ୍ରଳୟର ନିକଟତର ବିଶ୍ୱ : ଅଧରାତିର ସବୁଠୁ ନିକଟରେ ପହଞ୍ଚିଲା ଡୁମ୍‌ସ ଡେ' ଘଡ଼ି

**ନୂଆଦିଲ୍ଲୀ,୨/୦୨**

ଦୁନିଆ ଏବେ ବିନାଶର ଆଉ ଏକ ସେକେଣ୍ଡ ନିକଟତର ହୋଇଛି । ବୈଜ୍ଞାନିକଙ୍କ ଅନୁସାରେ ୨୦୨୫ ବର୍ଷ ପାଇଁ ଡୁମ୍‌ସ ଡେ' (ପ୍ରଳୟର ଘଡ଼ି) ଏବେ ୮୯ ସେକେଣ୍ଡକୁ ଆସିଯାଇଛି, ଯାହା କି ପୂର୍ବବର୍ଷ ତୁଳନାରେ ଏକ ସେକେଣ୍ଡ ବଢ଼ିଯାଇଛି । ଏହି ଘଡ଼ି ଅଦ୍ୟାବଧି ଇତିହାସରେ ଅଧରାତିର ସବୁଠୁ ନିକଟରେ ପହଞ୍ଚିଛି । ଏହା ସଙ୍କେତ ଦେଉଛି ଯେ, ଆମେ ବୈଶ୍ୱିକ ସଙ୍କଟର ଆହୁରି ପାଖକୁ ଆସିଯାଇଛୁ । ମଧ୍ୟରାତ୍ରି ଅର୍ଥାତ ୧୨ଟାକୁ ପ୍ରତୀକାତ୍ମକ ଭାବେ ପ୍ରଳୟର ସମୟ ମନେ କରାଯାଏ ।



ପ୍ରତିବର୍ଷ ଜାନୁଆରୀରେ ବୁଲେଟିନ୍ ଅଫ୍ ଆଟମିକ ସାଇଣ୍ଟିଷ୍ଟସ (ବିଏଏସ୍) ଡୁମ୍‌ସ ଡେ' କ୍ଲକ୍‌ର ନୂଆ ସମୟ ନିର୍ଦ୍ଧାରିତ କରିଥାଏ । ଏହା ଏକ ପ୍ରତୀକାତ୍ମକ ଘଡ଼ି, ଯାହା କି ମାନବତାକୁ ମାନବ-ନିର୍ମିତ ବିପଦର ନିକଟ କିମ୍ବା ଦୂର ଦେଖାଇଥାଏ। ଗତ ବର୍ଷ ଏହି ଘଡ଼ି ଅଧରାତିରୁ ୯୦ ସେକେଣ୍ଡ ଦୂର ଥିଲା, ଯାହାକୁ ଇତିହାସର ସବୁଠୁ ଖରାପ ସମୟ ବିବେଚନା କରାଯାଇଥିଲା । ଏବେ ସ୍ଥିତି ଅଧିକ ଗମ୍ଭୀର ହୋଇପାରେ। ଏଥର ବିଏଏସ୍ ଘଡ଼ିର କଣ୍ଟାକୁ ୮୯ ସେକେଣ୍ଡରେ ସେଟ୍ କରିଛି । ଡୁମ୍‌ସେ କ୍ଲକ୍ ମାନବ-ନିର୍ମିତ ବିପଦ ଯେପରି ପରମାଣୁ ଯୁଦ୍ଧ, ଜଳବାୟୁ ପରିବର୍ତ୍ତନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଜୈବିକ ଅସ୍ତ୍ର ଭଳି ବିପଦକୁ ମାପିବା ଲାଗି ପ୍ରତୀକାତ୍ମକ ସଙ୍କେତ । ଏହାକୁ ପ୍ରଥମେ ୧୯୪୭ରେ ବିଏଏସ୍ ଦ୍ୱାରା ନିଜର ମାସିକ ପତ୍ରିକାର କଭର ଭାବେ ବନାଯାଇଥିଲା । ସେବେଠାରୁ ଏହା ମାନବତାର ବିପଦ ପ୍ରତି ଏକ ପ୍ରମୁଖ ମାପକ ହୋଇଛି । ଏହି ସଙ୍ଗଠନ ପ୍ରତିବର୍ଷ ଜାନୁଆରୀରେ ଘଡ଼ିର ସମୟ ଅପଡେଟ୍ କରିଥାଏ । ଯଦି ଘଡ଼ି କଣ୍ଟା ଅଧରାତି ନିକଟକୁ ବଢ଼ିଥାଏ ତେବେ ଏହା ଦୁନିଆର ବିଗିଡୁଥିବା ସ୍ଥିତିକୁ ଦର୍ଶାଏ । ଘଡ଼ି କଣ୍ଟା ପଛକୁ ଗଲେ ବିପଦ କମ୍ ଥାଏ ବୋଲି ଜଣାଯାଏ ।